

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୦ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 September 2024
Vol.No. 35 ■ No.252 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ: ମୁଖ୍ୟମନ୍ତ୍ରୀ



ପୁରୀ, ୧୯/୯ (ନି.ପ୍ର): ସଂକଳ୍ପପତ୍ର ଆମ ପାଇଁ ଧର୍ମଗ୍ରନ୍ଥ । ଲୋକଙ୍କ ମତ ଓ ହିତକୁ ନେଇ ସରକାର ସବୁ ବେଳେ ଚାଲିବା କଥା । ରାଜ୍ୟରେ ମୋହନ ସରକାରକୁ ଆଜି ୧୦୦ ଦିନ ପୂରିବା ଅବସରରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକ ବିରୋଧୀ କାର୍ଯ୍ୟ ଯୋଗୁଁ ୨୪ ବର୍ଷର ସରକାର ପତନ ଘଟିଲା । ପୂର୍ବ ସରକାର ମହାପ୍ରଭୁଙ୍କୁ ମଧ ଭୋଟ ରାଜନୀତିରେ ବ୍ୟବହାର କଲେ । ହେଲେ ଆମ ସରକାରର ସଂକଳ୍ପ ପତ୍ର ହେଉଛି ଧର୍ମଗ୍ରନ୍ଥ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସଂକଳ୍ପ ପତ୍ରରେ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରା କରିଛୁ, କରିବୁ ମଧ। ସରକାରର ପ୍ରଥମ ଦିନରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲି ଗଣତି ମଣତି ପାଇଁ ପ୍ରକ୍ରିୟା ଆରମ୍ଭ କଲୁ। ପୂର୍ବ ସରକାର ଅଭିଯୋଗ ଶୁଣୁନଥିଲେ, ବରଂ ତାଙ୍କ ଇଚ୍ଛାରେ କାର୍ଯ୍ୟ କରୁଥିଲେ । ଭୁବନେଶ୍ୱରରେ ଅଭିଯୋଗ ଶୁଣୁଛି, ହେଲେ ଆଗାମୀ ଦିନରେ ସବୁ ଜିଲ୍ଲାରେ ଅଭିଯୋଗ ପ୍ରକୋଷ୍ଠ କରି ଶୁଣାଣି ହେବ । ସେହିପରି ଶହେ ଦିନ ପୂର୍ତ୍ତିରେ ପୂର୍ବ ସରକାରକୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, ପୂର୍ବ ସରକାର ଦୁର୍ନୀତି ଅଭିଯୋଗରେ କେବଳ କିରାଣିଙ୍କୁ ଦଣ୍ଡ ଦେଉଥିଲେ । ଆମ ସରକାର ଲାଞ୍ଚ ଓ ଦୁର୍ନୀତି ମାମଲାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ୫୮ ଜଣ ଦୁର୍ନୀତିଖୋର ଅଫିସରଙ୍କୁ ଗିରଫ କରାଯାଇଛି। ଆଜି ଶହେ ଦିନ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାର୍ଯ୍ୟକ୍ରମରେ ରାଜ୍ୟ କ୍ୟାବିନେଟ, କେନ୍ଦ୍ରମନ୍ତ୍ରୀ, ବିଧାୟକ ଏବଂ ସାଂସଦ ସାମିଲ ଥିଲେ । ତେବେ ଅଭିଯୋଗ ନେଇ ବିରୋଧୀ ବିଜେଡିର ପ୍ରତିକ୍ରିୟା ମିଳିପାରିନି ।

# ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନଭଣ୍ଡାର ସର୍ଭେ ସାରିବାକୁ ଚିଠି



ଭୁବନେଶ୍ୱର, ୧୯/୯ (ନି.ପ୍ର): ସେପ୍ଟେମ୍ବର ୨୪ ସୁଦ୍ଧା ରତ୍ନଭଣ୍ଡାର ସର୍ଭେ ସାରିବାକୁ ଚିଠି। ଶ୍ରୀମନ୍ଦିର ରତ୍ନଭଣ୍ଡାରର ସମସ୍ତ ବୈଷୟିକ ସର୍ଭେ ସାରିବାକୁ ଏଏସଆଇ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଆସନ୍ତା ୨୪ ପରଠୁ ଦଶହରା ଷୋଳ ପୂଜା ଓ କାର୍ତ୍ତିକ ମାସ ଆରମ୍ଭ ହେବ। ଶ୍ରୀଜିଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଚାଲିବ। ତେଣୁ ତାପୂର୍ବରୁ ବାକି ଥିବା ବୈଷୟିକ ସର୍ଭେ ସାରି ରିପୋର୍ଟ ଦାଖଲ କରିବାକୁ ଚିଠି ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ସୂଚନା ଅନୁସାରେ ଗତକାଲି ଏଏସଆଇ ପକ୍ଷରୁ ରତ୍ନଭଣ୍ଡାର ବୈଷୟିକ ସର୍ଭେ କରାଯାଇଥିଲା। ଏଏସଆଇ ଏଡିଜି ଜାନ୍‌ଭିଜ୍ ଶର୍ମାଙ୍କ ନେତୃତ୍ୱରେ ୧୭ ଜଣିଆ ଟିମ୍ ତନ୍ନ ତନ୍ନ କରି ଯାଞ୍ଚ କରିବା ସହ ଲେଜର ସ୍କାନିଂ କରିଥିଲେ ।

# ପ୍ରତିଷ୍ଠା ଦିବସ ପାଳନ କରିବ ମାଓବାଦୀ ସଂଗଠନ

ମାଲକାନଗିରି, ୧୯/୯ (ନି.ପ୍ର): ଜିଲ୍ଲା ସୀମାନ୍ତରେ କାର୍ଯ୍ୟ କରୁଥିବା ଆନ୍ଧ୍ର-ଓଡ଼ିଶା ସ୍ୱତନ୍ତ୍ର ଜୋନାଲ ବୋର୍ଡର ଡିଭିଜନ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଏହି ପ୍ରେସ୍ ବିଜ୍ଞପ୍ତିରେ ମାଓବାଦୀମାନେ ଆସନ୍ତା ୨୦ ତାରିଖ ଠାରୁ ଅକ୍ଟୋବର ୨୧ ତାରିଖ ପର୍ଯ୍ୟନ୍ତ ମାଓବାଦୀ ସଂଗଠନର ପ୍ରତିଷ୍ଠା ଦିବସ ପାଳନ କରିବେ। ୨୦୦୪ରେ ବିଭିନ୍ନ ସଶସ୍ତ୍ର ବିପ୍ଲବୀ ସଂଗଠନ ମିଳିତ ଭାବରେ ଏକତ୍ରିତ ହୋଇ ମାଓ ଆଦର୍ଶରେ ଗୋଟିଏ ସଂଗଠନରେ ଯୋଡି ହୋଇ ସିପିଆଇ ମାଓବାଦୀ ନାମରେ ନାମିତ ହୋଇଥିଲା। ଦୀର୍ଘ ୨୦ ବର୍ଷ ମଧ୍ୟରେ ସଂଗଠନ ସାଧାରଣ ଜନତା ତଥା ଜଳ, ଜଙ୍ଗଲ, ଜମି ଏବଂ ଅଧିକାର ନିମନ୍ତେ ସଶସ୍ତ୍ର ବିପ୍ଲବ କରିଆସୁଛି। ଏଥିନେଇ ସ୍ୱତନ୍ତ୍ର ଭାବରେ ଆନ୍ଧ୍ର-ଓଡିଶା ସ୍ପେଶାଲ ଜୋନାଲ କମିଟି ସଚିବ ଗଣେଶ ତେଲୁଗୁ ଲିଖିତ ଏକ ପ୍ରେସ ବିଜ୍ଞପ୍ତି ପ୍ରେରଣ କରିଛନ୍ତି। ଏଥିରେ ଗତ ୨୦ ବର୍ଷ ମଧ୍ୟରେ ମାଓବାଦୀ ସଂଗଠନ ଅନେକ ଘାତପ୍ରାତିଘାତର ସାମାନ୍ନା କରିଛି ବୋଲି କୁହାଯାଇଛି। ୨୦୦୪ ଠାରୁ ଆଜି ଯାଏଁ ୫୨୬୫ଟି ଆକ୍ରମଣର ସମ୍ମନା କରିଛି ସଂଗଠନ। ଯେଉଁଥିରେ ୩୫୯୬ ଜଣ ବିପ୍ଲବୀ କମ୍ରେଡ ସହିଦ ହୋଇଛନ୍ତି। ସେଥିମଧ୍ୟରୁ ୧୦୦୦ ମହିଳା, ୨୨ ଜଣ କେନ୍ଦ୍ର କମିଟି ସଦସ୍ୟ ରହିଥିବା ବେଳେ ମାଓ ସଂଗଠନର ଅନ୍ୟାନ୍ୟ କମିଟି ସଦସ୍ୟ ରହିଛନ୍ତି। ଆନ୍ଧ୍ର-ଓଡ଼ିଶା ବଡର କମିଟି, ନାରାୟଣପାଟଣା, କାଲିମେଳା, ସ୍ୱାଭିମାନଂଚଳ, ବିଶାଖାପାଟଣା ଏବଂ ପୂର୍ବ ଗୋଦାବରୀ ଅଞ୍ଚଳରେ କୃଷି ବିପ୍ଲବ କରି ସଫଳ ହୋଇଛି। ମୂଳନୀବାସୀମାନଙ୍କୁ ଜଳ, ଜଙ୍ଗଲ, ଜମି ଏବଂ ଅଧିକାରର ଲଢେଇରେ ସାମିଲକରି ସହଯୋଗ କରିଛି।

▶▶ପୃଷ୍ଠା ୭

# ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସାଂଘାତିକ ଅଭିଯୋଗ: ତିରୁପତି ମନ୍ଦିର ଲଡ୍ଡୁରେ ମିଶୁଥିଲା ପଶୁ ଚର୍ବି



ନୂଆଦିଲ୍ଲୀ, ୧୯/୯ : ତିରୁପତି ମନ୍ଦିର ପ୍ରସାଦ ରୂପେ ପ୍ରସ୍ତୁତ ହେଉଥିବା ଲଡୁରେ ମିଶୁଥିଲା ପଶୁ ଚର୍ବି। କେବଳ ସେତିକି ନୁହେଁ ନିମ୍ନମାନର ସାମଗ୍ରୀରେ ପ୍ରସ୍ତୁତ ହେଉଥିଲା ଲଡୁ। ତିରୁପତି ମନ୍ଦିର ଉପରେ ଆସ୍ଥା ରଖିଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ପ୍ରତି ଏହା ଏକ କୁଠାରଘାତ । ଏପରି ସାଂଘାତିକ ଅଭିଯୋଗ ଆଣିଛନ୍ତି ଖୋଦ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ଆନ୍ଧ୍ରର ପୂର୍ବତନ ୱାଇଏସ୍ଆର ସରକାରଙ୍କ ଉପରେ ସେ ଏପରି ସାଂଘାତିକ ଅଭିଯୋଗ ଆଣି ପ୍ରବଳ ବର୍ଷିଛନ୍ତି। ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, ରାଜ୍ୟରେ ଜଗନ ସରକାର ଥିବା ବେଳେ ମନ୍ଦିର ପ୍ରସାଦରେ ନିମ୍ନମାନର ସାମଗ୍ରୀ ସାଙ୍ଗକୁ ପଶୁ ଚର୍ବି ମିଶା ଯାଉଥିବା ଜାଣିବାକୁ ପାଇଥିଲି। ଏହା ମୋତେ ଚକିତ କରିବା ସହ ଖୁବ୍ ବ୍ୟତିବ୍ୟସ୍ତ କରି ପକାଇଥିଲା। ଏହି ମନ୍ଦିର ଉପରେ କୋଟି କୋଟି ଭକ୍ତ ଆସ୍ଥା ପ୍ରକଟ କରୁଥିବା ବେଳେ ଏପରି କରିବା ନିମନ୍ତେ ସେ ଲଜ୍ଜାବୋଧ କରିବା ଉଚିତ ଥିଲା। ଏନଡିଏ ଦଳ ବୈଠକରେ ଏପରି ଆରୋପ ଲଗାଇଛନ୍ତି ଚନ୍ଦ୍ରବାବୁ ନାଇଡୁ। ତିରୁପତିର ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଲଡୁ ପ୍ରସାଦ ରୂପେ ▶▶ପୃଷ୍ଠା ୭

# ଭରତପୁର ଥାନାର କଳା କାହାଣୀ ବଖାଣିଲେ ପୀଡ଼ିତା: ରାତିରେ ଅନ୍ତବସ୍ତ୍ର ଖୋଲି ଗୋଇଠା ମାରିଥିଲେ



ଭୁବନେଶ୍ୱର, ୧୯/୯ (ନି.ପ୍ର): ଅଭଦ୍ରାମୀର ସବୁ ସୀମା ଲଙ୍ଘିଛି କମିଶନରେଟ୍ ପୁଲିସ୍‌ର ଭରତପୁର ଥାନା ପୁଲିସ୍। ବିଳମ୍ବିତ ରାତିରେ ଅଭିଯୋଗ କରିବାକୁ ଆସିଥିବା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ରାତି ତମାମ ଅକଥନୀୟ ନିର୍ଯାତନା ଦେଇଛି। ଖାଲି ନିର୍ଯାତନା ଦେଇନି ମେଜରଙ୍କ ବାନ୍ଧବୀଙ୍କୁ ମାଡ଼ ମାରିବା ସହିତ ପ୍ରାଇଭେଟ୍ ପାର୍ଟକୁ ଗୋଇଠା ମାରିଛି। ତାହା ପୁଣି ପୁରୁଷ ପୁଲିସ୍। ଏମ୍‌ସରେ ଚିକିତ୍ସିତ ହେଉଥିବା ବାନ୍ଧବୀ ଆଜି ଗଣମାଧ୍ୟମରେ ବଖାଣିଛି ଅନ୍ଧାର ରାତିର କଳାହାଣୀ। ପୀଡ଼ିତା କହିଛନ୍ତି, ରାତି ଗୋଟାଏ ବେଳେ ନିଜର ରେସ୍ତୁରାଣ୍ଟ ବନ୍ଦ କରି ଘରକୁ ଫେରୁଥିଲୁ। ତେବେ ଅଧା ରାସ୍ତାରେ କିଛି ବ୍ୟକ୍ତି ଗାଡ଼ି ଅଟକାଇ ଯୁକ୍ତିତର୍କ କରିଥିଲେ। ସେମାନଙ୍କ କବଳରୁ ବାହାରି ଅଭିଯୋଗ କରିବା ପାଇଁ ଭରତପୁର ଥାନାକୁ ଯାଇଥିଲୁ। ସେତେବେଳେ ଥାନା ଅଭ୍ୟର୍ଥନା କକ୍ଷରେ ବସିଥିଲେ ଜଣେ ମହିଳା କନ୍‌ଷ୍ଟେବଲ। ସେ ସେତେବେଳେ ୟୁନିଫର୍ମରେ ନଥିଲେ, ନାଇଟ୍ ପିନ୍ଧି ବସି ଥିଲେ। ତାଙ୍କ ଛଡ଼ା ଆଉ କୌଣସି ପୁଲିସ୍ କର୍ମଚାରୀ ନଥିଲେ। ତେଣୁ ସମ୍ପୃକ୍ତ ମହିଳା କଷ୍ଟେବଲଙ୍କୁ ରଓଜ ଲକ୍ କରିବା ପାଇଁ ଅନୁରୋଧ କରିଥିଲି। ହେଲେ ସେ ରଓଜ ଲକ୍ କରିବା ବଦଳରେ ଗାଳି ଦେଇଥିଲେ ବୋଲି ପୀଡ଼ିତା କହିଛନ୍ତି। ପୀଡ଼ିତା ଆହୁରି କହିଛନ୍ତି, ମହିଳା କନଷ୍ଟେବଲ ଗାଳି ଦେବାର କିଛି ସମୟ ପରେ ଏକ ପାଟ୍ରୋଲିଂ ଗାଡ଼ି ଥାନାରେ ପହଞ୍ଚିଥିଲା। ସେଥିରେ ଥିବା ମହିଳା ଓ ପୁରୁଷ କର୍ମଚାରୀମାନେ ଏଫଆଇଆର ଲେଖିବା ପାଇଁ ମେଜର ଗୁରୁବଂଶଙ୍କୁ କହିଥିଲେ। ଗୁରୁବଂଶ ▶▶ପୃଷ୍ଠା ୭

# ଗଣେଶ ବିସର୍ଜନ ବେଳେ ବୁଲିଲା ଖଣ୍ଡା: ୨ ଆହତ

ମୟୂରଭଞ୍ଜ: ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ବୁଲିଲା ଖଣ୍ଡା। ଭୁଜାଲି ମାଡ଼ରେ ୨ ଜଣ ଆହତ ହୋଇଛନ୍ତି। ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ଶୁନ ଗଡିଆ ଅଞ୍ଚଳରେ। ଆହତ ଯୁବକ ଦ୍ୱୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଅଜୁ ମୁଖି ଓ ଚୈତନ୍ୟ ମୁଖି। ଗତକାଲି ରାତିରେ ଶୁନ ଗଡିଆ ଅଞ୍ଚଳରେ ଗଣେଶ ଭସାଣି ଚାଲିଥିଲା। ରାସ୍ତାରେ ଗଛ ଡାଳ ବାଜିବାରୁ କିଛି ସମୟ ମେଢ ଅଟକି ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଥିଲା। ▶▶ପୃଷ୍ଠା ୭

# ବିପଦ ସଙ୍କେତ ଉର୍ଦ୍ଧ୍ୱରେ ସୁବର୍ଣ୍ଣରେଖା: ବାଲେଶ୍ୱର ଜିଲ୍ଲାରେ ଆଉ ୯୩୪୪ ଜଣ ଲୋକଙ୍କୁ ସ୍ଥାନାନ୍ତର



ଉପରମୁଣ୍ଡରେ ଲଗାଣବର୍ଷା। ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଓ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସୁବର୍ଣ୍ଣରେଖା ଓ ଜଳକା ନଦୀର ଜଳସ୍ତର ହ୍ରାସ ପାଉଥିଲେ ମଧ ସୁବର୍ଣ୍ଣରେଖା ନଦୀ ଆଜି ମଧ ବିପଦସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ବନ୍ୟା ଯୋଗୁ ସର୍ବାଧିକ ବାଲେଶ୍ୱର ଜିଲ୍ଲା ପ୍ରଭାବିତ ହୋଇଛି । ଗତକାଲିସୁଦ୍ଧା ୧୧୬୩୨ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଆଜିସୁଦ୍ଧା ଆଉ ୯୩୪୪ଜଣଙ୍କୁ ଅର୍ଥାତ୍ ମୋଟ ୨୧୦୭୬ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ୟା ପରିସ୍ଥିତି ଯୋଗୁ ୩୩ଟି ବ୍ଲକ ଓ ୨ଟି ପୌରାଂଚଳର ମୋଟ ୩୯ହଜାର ୨ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୪୯୯ଟି ଘର ନଷ୍ଟ ହୋଇଛି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ସୁବର୍ଣ୍ଣରେଖା ଆଜି ମଧ ବିପଦସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । କିନ୍ତୁ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ସେହିପରି ଜଳକା ନଦୀର ଜଳସ୍ତର ବିପଦସଙ୍କେତଠୁ କମ୍ ଥିଲେ ଧ ସତର୍କତା ସ୍ତରରୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ଅବଶ୍ୟ ଜଳକା ନଦୀରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ବନ୍ୟା ଯୋଗୁ ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକ ଭୋଗରାଇ, ବସ୍ତା, ଜଳେଶ୍ୱର, ବାଲେଶ୍ୱର ସଦର ଓ ରେମୁଣା ବ୍ଲକର ୧୪୧ଟି ଗାଁର ୩୫୬୫୪ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ୨୧୦୭୬ଜଣ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ୫୧ଟି ▶▶ପୃଷ୍ଠା ୭

# ବାଇକ ଆରୋହୀଙ୍କ ଉପରେ ମାଡ଼ିଗଲା ଟ୍ରକ୍

ବାଲେଶ୍ୱର, ୧୯/୯ (ନି.ପ୍ର): ବାଇକ ଆରୋହୀଙ୍କ ଉପରେ ମାଡ଼ିଗଲା ଟ୍ରକ୍। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ୬୦ନମ୍ବର ଜାତୀୟ ରାଜପଥର ଅମରା ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣକ ହେଉଛନ୍ତି ସାର୍ଥା ଅଞ୍ଚଳର ରାଜେଶ୍ୱର ମହାନ୍ତି। ଆହତ ଦ୍ୱୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ଏକ ବାଇକ୍‌ରେ ୩ ଜଣ ସାଙ୍ଗ ଯାଉଥିଲେ। ଏହି ସମୟରେ ଏକ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା।ସମସ୍ତେ ତଳେ ଛିଟିକି ତଳେ ପଡ଼ି ଯାଇଥିଲେ। ଜଣେ ବାଇକ ଆରୋହୀଙ୍କ ଉପରେ ଟ୍ରକ୍ ମାଡ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ପାକିସ୍ତାନର ଏଜେଣ୍ଡା ଜମ୍ମୁକଶ୍ମୀରରେ ଲାଗୁ ହେବାକୁ ଦେବୁ ନାହିଁ: ମୋଦୀ



ନୂଆଦିଲ୍ଲୀ, ୧୯/୯ : ଜମ୍ମୁକଶ୍ମୀରର କାଟ୍ରାଠାରେ ନିର୍ବାଚନ ରାଲିକୁ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ, ନ୍ୟାସନାଲ କନ୍ଫରେନ୍ସ ଏବଂ ପିଡିପିକୁ କଡ଼ା ସମାଲୋଚନା କରିଛନ୍ତି। ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖାଓ୍ୱାଜା ଆସିଫ ଧାରା ୩୭୦ ଉପରେ ଦେଇଥିବା ବିବୃତ୍ତିକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ମଧ କଡା ପ୍ରତିକ୍ରିୟା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'କଂଗ୍ରେସ-ନ୍ୟାସନାଲ କନ୍ଫରେନ୍ସକୁ ନେଇ ଜମ୍ମୁକଶ୍ମୀରରେ ଉତ୍ସାହ ନ ଥାଇପାରେ, କିନ୍ତୁ ପଡୋଶୀ ଦେଶ (ପାକିସ୍ତାନ) ଏହାକୁ ନେଇ ବହୁତ ଉତ୍ସାହିତ ଅଛି । ପାକିସ୍ତାନରେ କଂଗ୍ରେସ-ନ୍ୟାସନାଲ କନ୍ଫରେନ୍ସ ମେଣ୍ଟକୁ ବହୁତ ପସନ୍ଦ କରାଯାଉଛି। ପ୍ରଧାନମନ୍ତ୍ରୀ ▶▶ପୃଷ୍ଠା ୭

# ସେପ୍ଟେମ୍ବର ୨୧ରେ ଶପଥ ଗ୍ରହଣ କରିବେ ଅତିଶୀ: ସ୍ପଷ୍ଟ କଲା ଆପ୍

## ଅତିଶୀଙ୍କ ମନ୍ତ୍ରିମଣ୍ଡଳର ନୂଆ ମୁହଁ ହେବେ ମୁକେଶ ଅହଲୱାଟ



ନୂଆଦିଲ୍ଲୀ, ୧୯/୯ : ଆସନ୍ତା ୨୧ ତାରିଖରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ଆମ୍ ଆଦମୀ ପାର୍ଟି (ଆପ୍)ର ବରିଷ୍ଠ ନେତ୍ରୀ ଅତିଶୀ। ଏନେଇ ଦଳ ପକ୍ଷରୁ ଗୁରୁବାର ସୂଚନା ପ୍ରଦାନ କରାଯାଇଛି। ଦିଲ୍ଲୀର ଲ୍ୟୁଟେନାଣ୍ଟ ଗଭର୍ଣ୍ଣର ଭିକେ ସାକ୍ସେନା ସେପ୍ଟେମ୍ବର ୨୧ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲିଖିତ ଆକାରରେ ମୁଖ୍ୟମନ୍ତ୍ରୀ-ନିଯୁକ୍ତ ଆତିଶୀଙ୍କ ଶପଥ ଗ୍ରହଣ କରିବାର ତାରିଖ ପ୍ରସ୍ତାବ ଦେବାର କିଛି ଘଣ୍ଟା ପରେ ଏହି ଘୋଷଣା କରାଯାଇଛି। ତେବେ ଜାଣିବାକୁ ମିଳିଛି ଯେ ଅତିଶୀଙ୍କ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ ନୂଆ ମୁହଁ ବିଧାୟକ ମୁକେଶ ଅହଲୱାଟ। ସେ ଶନିବାର ଦିନ ଅତିଶୀଙ୍କ କ୍ୟାବିନେଟର ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ।ସୂଚନାନୁସାରେ, ଆପ୍ ପ୍ରଥମେ ନିଷ୍ପତ୍ତି ନେଇଥିଲା ଯେ କେବଳ ଅତିଶୀ ଶପଥ ଗ୍ରହଣ କରିବେ। ତେବେ ପରେ ନିଷ୍ପତ୍ତି ନିଆଯାଇଛି ଯେ ତାଙ୍କ ମନ୍ତ୍ରୀ ପରିଷଦ ମଧ ଶପଥ ଗ୍ରହଣ କରିବେ। ଦୁଇ ଦିନ ତଳେ ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଗତକାଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତା'ପରେ ଦଳ ଅତିଶୀଙ୍କୁ ଦିଲ୍ଲୀର ▶▶ପୃଷ୍ଠା ୭

# ବାଲିମେଳା ସହରର ବିକାଶ ଦିଗରେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କଲେ ଚିତ୍ରକୋଣ୍ଡା ବିଧାୟକ

ମାଲକାନଗିରି, ୧୯/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ରେ ଜିଲ୍ଲା ଶାସନ ଦ୍ୱାରା ବିଭିନ୍ନ ବିଭାଗର ଉନ୍ନତି ମୂଳକ କାର୍ଯ୍ୟ ଚାଲିଥିବା ବେଳେ ତାହା ଅଧାନ୍ତରିଆ ଅବସ୍ଥାରେ ପଡି ରହିଛି। ସେହିପରି ସ୍ୱାସ୍ଥ୍ୟସେବା ମଧ ସମ୍ପୂର୍ଣ୍ଣ ଭୁଷୁଡି ପଡିଛି। ଏନେଇ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଆଜି ପ୍ରଥମେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଙ୍କ ସହ ଭେଟି ଆଲୋଚନା କରିଛନ୍ତି। ବାଲିମେଳା ଆଂଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ରୋଗୀ ସଂଖ୍ୟା ଦୈନିକ ୨୦୦ ରୁ ୩୦୦ ହେଉଥିବା ବେଳେ ଡାକ୍ତର ଙ୍କ ସଂଖ୍ୟା କମ ରହିଛି। ସେହିପରି ଉଚିତ ପରିମାଣ ର ମେଡ଼ିସିନ ମଧ ସ୍ଥଗିତ ରହୁନଥିବା ବେଳେ ପାଥୋଲୋଜି ର ଆବଶ୍ୟକତା ରହିଥିବା ବିଧାୟକ ଶ୍ରୀ ଖିଲ ଜଣାଇଥିଲେ। ପରେ ଆର ଏଣ୍ଡ ବି ବିଭାଗ କୁ ଯାଇ ସେଠାରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଙ୍କ ସହ ବାଲିମେଳା ସହର ର ମୁଖ୍ୟ ରାସ୍ତାର ପୁନଃ ମରାମତି, ନୂତନ ମେଡିକାଲ କୋଠା ନିର୍ମାଣ ରେ ବିଳମ୍ବ, ଅବକାରୀ ବିଭାଗ କୋଠା ନିର୍ମାଣ ରେ ବିଳମ୍ବ ହେଉଥିବା ଭଳି ବିଭିନ୍ନ ସମସ୍ୟା କୁ ସେ ବିଭାଗ କୁ ଅବଗତ କରାଇଥିଲେ। ପରେ ଆରଡି ବିଭାଗ କୁ ଯାଇ ସେଠାରେ ସହକାରୀ ଯନ୍ତ୍ରୀ ଙ୍କ ସହ ବାଲିମେଳା ରୁ ପୁରୁଣା ଚିତାପାରୀ ଦେଇ ପୋଟ୍ରେଲ ରାସ୍ତା ମରଣ ଫନ୍ଦା ପାଲଟିଥିବା ବେଳେ ବହୁ ଲୋକ ପ୍ରତ୍ୟେକ ଦିନ ଛୋଟ ବଡ଼ ଦୁର୍ଘଟଣା ର ଶିକାର ହେଉଛନ୍ତି। ତେଣୁ ଏନେଇ ସେ ଆରଡି ବିଭାଗ କୁ ଦୃଷ୍ଟିଗୋଚର କରାଇଥିଲେ। ତେବେ ତୁରନ୍ତ ଏହି ସବୁ ସମସ୍ୟା ର ସମାଧାନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ର ଏହି ସବୁ ବିଭାଗ ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ଖିଲ ଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଗାମୀ ଦିନରେ ବାଲିମେଳା ସହରର ଉନ୍ନତି ପାଇଁ ସଦାସର୍ବଦା ବିଧାୟକ ଶ୍ରୀ ଖିଲ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ତେବେ ଚିତ୍ରକୋଣ୍ଡା ବିଧାୟକ ଙ୍କ ଜିଲ୍ଲା ପ୍ରଶାସନ ସହ ଏହି ଆଲୋଚନା ସମୟରେ ବିଧାୟକ ପ୍ରତିନିଧି ଇସାକ୍ ଖୋସଲା ଉପସ୍ଥିତ ଥିଲେ।

# ବାଇକରୁ ପଡ଼ି ବ୍ୟବସାୟୀ ମୃତ

ପାଣିକୋଇଲି, ୧୯/୦୯ (ନି.ପ୍ର): ପାଣିକୋଇଲି ଥାନା ଅଧିନସ୍ଥ ୨୦ ନମ୍ବର ଜାତୀୟ ରାଜପଥର ଅଢେଇବାଟିଆ ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ବ୍ୟବସାୟୀଙ୍କର ଅକାଳ ମୃତ୍ୟୁ ଘଟିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ମହମ୍ମଦ ଜମାଲପୁର (ଅଢେଇବାଟିଆ) ଗ୍ରାମର ନିଳମଣି ବୋଇତାଇଙ୍କ ପୁଅ ଭାସ୍କର ବୋଇତାଇ (ଭାସିଆ)(୫୦)ମଙ୍ଗଳବାର ଦିନ ସଂଧ୍ୟାରେ ନିଜ ବାଇକରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ଯାଜପୁର ରୋଡ଼ ପଟୁ ଏକ ଦ୍ରୁତଗାମୀ ଗାଡ଼ି ତାଙ୍କୁ ସାଇଡ଼ ମାରି ପଳାଇଯାଇଥିଲା। ଫଳରେ ରାସ୍ତା ଉପରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପରିବାର ଲୋକମାନେ ତାଙ୍କୁ ଯାଜପୁର ରୋଡ଼ କ୍ଷେତ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନନ୍ତରିତ କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ତେବେ ବୁଧବାର ଦିନ ଭାସ୍କରଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପାଣିକୋଇଲି ଅଣାଯିବା ପରେ ସ୍ଥାନୀୟ ଦୁର୍ଗା ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ତାଙ୍କୁ ଏକ ବାଇକ ରାଲିରେ ତାଙ୍କ ନିଜ ପୈତୃକ ବାସଭବନକୁ ନିଆଯାଇଥିଲା। ସଂଘ ପକ୍ଷରୁ ଉପଦେଷ୍ଟା ଡ଼ାକ୍ତର ନିର୍ମଳ ରଥ, ସଭାପତି ଅଜୟ କୁମାର ସାହୁ ସମ୍ପାଦକ ପ୍ରଦୀପ କୁମାର ମାଝୀ, ଆଲୋକ ପରିଡ଼ା, ପ୍ରଶାନ୍ ବିଶ୍ୱାଳ, ଉଦୟନାଥ ରାଉତ, ଅଶୋକ ପରିଡ଼ାଙ୍କ ସମେତ ସମସ୍ତ ଦୁର୍ଗା ମାର୍କେଟର ବ୍ୟବସାୟୀ ମାନେ ସ୍ୱର୍ଗତ ବୋଇତାଇଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।

# ବଲାଙ୍ଗିର ଭୁଲିଆ ସମାଜ କେନ୍ଦ୍ର ବୋର୍ଡର ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗିର, ୧୯/୦୯ (ନି.ପ୍ର): ବଲାଙ୍ଗିର ଲାଲଟିକ୍ରା ସ୍ଥିତ ଭୁଲିଆ ଧର୍ମଶାଳା ଠାରେ ଭୁଲିଆ ମେହେର ସମାଜ ବଲାଙ୍ଗିର ତରଫରୁ ବଲାଙ୍ଗିର କେନ୍ଦ୍ର ବୋର୍ଡ ପୁନର୍ଗଠନ ସମ୍ବନ୍ଧୀୟ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର ସଭାପତି ହରେକୃଷ୍ଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ତଥା ପର୍ଯ୍ୟବେକ୍ଷକ ରୂପେ ନିଖିଳ ଓଡିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର, ଭୁଲିଆ ମେହେର ସମାଜ ବଲାଙ୍ଗିରର ସଂପାଦକ ବାସୁଦେବ ମେହେର, ମୁଖ୍ୟ ଉପଦେଷ୍ଟା ଅମର ସିଂ ମେହେର, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ନିଖିଳ ଓଡିଶା ଭୁଲିଆ ସମାଜର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମେହେର ଭୁଲିଆ ସମାଜର ସଂସ୍କୃତି, ଇତିହାସ, ପରଂପରା, ସମାଜ ସଂଗଠନ, ସମାଜ ସଂସ୍କାର ଉପରେ ଆଲୋକପାତ କରିଥିଲେ । ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର କାର୍ଯ୍ୟକର୍ତା ଏବଂ ତାର ଅନ୍ତର୍ଗତ ୯ଟି ଆଂଚଳିକ ବୋର୍ଡର ସଭାପତି ଓ ସଂପାଦକ ତଥା ମନୋନୀତ ସଦସ୍ୟମାନେ ଉପସ୍ଥିତରେ ସର୍ବସମ୍ମତି କ୍ରମେ ଭୁଲିଆ ସମାଜ କେନ୍ଦ୍ର ବୋର୍ଡ ବଲାଙ୍ଗିରର ସଭାପତି ଭାବେ ଡା. ଲମ୍ୱୋଦାର ମେହେର, କାର୍ଯ୍ୟକାରୀ ସଭାପତି ନିମାଇଁ ଚରଣ ମେହେର, ଉପ- ସଭାପତି ପ୍ରଫୁଲ୍ଲ ମେହେର ଏବଂ ଗଙ୍ଗାଧର ମେହେର, ସଂପାଦକ ବାସୁଦେବ ମେହେର, ସହ-ସଂପାଦକ ନବୀନ ମେହେର ଏବଂ ଶଶାଙ୍କ ଶେଖର ମେହେର, କୋଷାଧକ୍ଷ ରାଧେଶ୍ୟାମ ମେହେର, ଯୁଗ୍ମ-କୋଷାଧକ୍ଷ ଦେବକାନ୍ତ ମେହେର, ସଂଯୋଜକ ଭାବେ ଶୈଳେନ୍ଦୁ ମେହେରଙ୍କୁ ଚୟନ କରଯାଇଥିଲା । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରୂପେ ଅମର ସିଂ ମେହେର, ଅଚ୍ୟୁତାନନ୍ଦ ମେହେର, ହରେକୃଷ୍ଣ ମେହେର, ତେଜରାଜ ମେହେର, ଅର୍ଜୁନ ମେହେର, ସରୋଜ ମେହେର, ଶିବପ୍ରସାଦ ମେହେର, ନୀଳକଣ୍ଠ ମେହେର, ଲିଙ୍ଗରାଜ ମେହେର, ଡାକ୍ତର ମେହେର, ଶଙ୍କର ମେହେର, କୃଷ୍ଣଚନ୍ଦ୍ର ମେହେର, ନୀଳକଣ୍ଠ ମେହେର ପ୍ରମୁଖଙ୍କୁ ମନୋନୟନ କରଯାଇଥିଲା । ଏହି ଅବସରରେ ବଲାଙ୍ଗିର କେନ୍ଦ୍ର ବୋର୍ଡର ସଭାପତି ହରେକୃଷ୍ଣ ମେହେରଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମଟିକୁ କେନ୍ଦ୍ର ବୋର୍ଡ ଯୁଗ୍ମ କୋଷାଧକ୍ଷ ଦେବକାନ୍ତ ମେହେର ପରିଚାଳନା କରିଥିଲେ ଏବଂ ବଲାଙ୍ଗିର ଭୁଲିଆ ଧର୍ମଶାଳାର ପରିଚାଳନା କମିଟି ଅଧକ୍ଷ ପୂର୍ଣଚନ୍ଦ୍ର ମେହେର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଥିଲି ପଂଚାୟତରେ ସ୍ୱଚ୍ଛସାଥୀ ସେବା କାର୍ଯ୍ୟକ୍ରମ

ମାଲକାନଗିରି, ୧୯/୦୯ (ନି.ପ୍ର): ସେପ୍ଟେମ୍ବର ୧ ୭ ତାରିଖରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛସାଥୀ ସେବା କାର୍ଯ୍ୟକ୍ରମ ପାଳନ ହେଉଛି !ଏହି ଉପଲକ୍ଷେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଂଚାୟତ ରେ ଦୁଇ ଟି ସ୍ଥାନ ସଫେଇ ନିମନ୍ତେ ବଛା ଯାଇଥିଲା। ସେଥିମଧ୍ୟରୁ ମାଥିଲି ହାଟପଦା ଠାରେ ପଂଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା ଙ୍କ ନେତୃତ୍ୱରେ ସ୍ୱୟଂସହାୟକ ଗୋଷ୍ଠିର ମହିଳା ଓ ଗ୍ରାମର ମହିଳା ମାନେ ମିଶି ସଫେଇ କରିଥିଲେ।ମହିଳା ମାନଙ୍କ ସହ ଏପିଡି ପ୍ରଶାସନ ରାମଚନ୍ଦ୍ର ଖଡିଆ, ମାଥିଲି ଗୋଷ୍ଠୀ ଉନୟନ୍ନ ଅଧିକାରୀ ହିମାଂଚଳ ମାଝୀ, ମାଥିଲି ବ୍ଲକ ଅଧକ୍ଷ ମହେଶ ବାକା, ବିଆରସି ଦିଲ୍ଲୀପ ଡାକୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ସେଠାରେ ସ୍ୱଚ୍ଛତା ହିଁ ସେବା ନାମରେ ଏକ ସେଲିଫି ସ୍ଥାନ କରାଯାଇଥିଲା !ସେଫେଇ କାର୍ଯ୍ୟକ୍ରମ ପରେ ଉପସ୍ଥିତ ଥିବା ସମସ୍ତେ ଉକ୍ତ ସେଲିଫି ପଏଣ୍ଟ ରେ ଫୋଟ ଉଠାଇଥିଲେ !

# ଦୁର୍ଗଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ବନ୍ଦେ ଭାରତ ନୂତନ ଟ୍ରେନ୍‌ର ଶୁଭାରମ୍ଭକୁ ସ୍ୱାଗତ

ବଲାଙ୍ଗିର, ୧୯/୦୯ (ନି.ପ୍ର): ଦୁର୍ଗ ଠାରୁ ବିଶାଖାପାଟଣା ପର୍ଯ୍ୟନ୍ତ ବନ୍ଦେ ଭାରତ ଟ୍ରେନ୍‌ର ଗତକାଲି ଶୁଭାରମ୍ଭ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫ୍ରେସ ମାଧ୍ୟମରେ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସାଂସଦ ଶ୍ରୀମତୀ ସଂଗୀତା କୁମାରୀ ସିଂହଦେଓ, କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ରେଳ ପ୍ରବନ୍ଧକ ତୁଷାର ଦେଶ ପାଣ୍ଡେ, ରେଳ ବିଭାଗ ଡିଆଇଜି ପ୍ରମୁଖ କଂଟାବାଞ୍ଜି ଠାରେ ସ୍ୱାଗତ କରିବାକୁ ମଂଚାସୀନ ଥିଲେ । ଦେଶର ପ୍ରଧାନମନ୍ତ୍ରୀ ମୋଦି ଜୀ ଓଡିଶା ପ୍ରତି ଧ୍ୟାନ ଦେଇ ବହୁତ ଉନ୍ନତିମୂଳକ ଯୋଜନ ଦେବା ସହ ବଲାଙ୍ଗିର-କଂଟାବାଞ୍ଜି ଅଂଚଳରେ ବିଭିନ୍ନ ଯୋଜନାରେ ୭୦୦ କୋଟିରୁ ଅଧିକ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି । ଏଥିରେ ଅଂଚଳ ଲୋକେ ବହୁତ ସୁବିଧା ପାଇବେ ବୋଲି ସାଂସଦ ନିଜର ଅଭିଭାଷଣରେ କହିଥିବା ବେଳେ ବିଧାୟକ ଶ୍ରୀ ବାଗ କଂଟାବାଞ୍ଜି ରେଳ ଷ୍ଟେସନ ଉନ୍ନତି ଏକ ଆରମ୍ଭ ବୋଲି କହିବା ସହ ଷ୍ଟେସନ ଅଂଚଳରେ ଆଗରୁ ବିଶୃଙ୍ଖଳା ହୋଇଥିବା କହି ଏବେ ଏହା ଚାଲିବ ନାହିଁ ବୋଲି କହିଥିଲେ । ଅନ୍ୟ ପକ୍ଷରେ କୁନି କୁନି ଝିଅ ମାନେ ସମ୍ବଲପୁର ଗୀତରେ ନୃତ୍ୟ ପରିବେଷଣ ଓ ରେଳ କର୍ମଚାରୀଙ୍କ ଦ୍ୱାରା ଦେଶଭକ୍ତି ଗୀତ ପରିବେଷଣ କରାଯାଇଥିଲା । ସ୍କୁଲରେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସମାନ ଭାବରେ ଟିଟିଲାଗଡରେ ମଧ ବନ୍ଦେ ଭାରତ ଟ୍ରେନକୁ ବିଧାୟକ ନବୀନ ଜୈନ ଓ ପୌରଅଧକ୍ଷା ମମତା ଜୈନ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନର କର୍ମୀ, ଓକିଲ ସଂଘ ସଦସ୍ୟଙ୍କ ସହ ଶତାଧିକ ସ୍ଥାନୀୟ ମହିଳା ପୁରୁଷ ଉପସ୍ଥିତ ଥିଲେ ।

# ୭୨ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ମାଲକାନଗିରି, ୧୯/୦୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୭୨ ତମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ଜିଲ୍ଲା ପରିଷଦ ଉପାଧକ୍ଷ, ପତିତ ପାବନ ବୈଦ୍ୟ,ମାଲକାନଗିରି ବିଧାୟକ, ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ, ମଙ୍ଗୁ ଖିଲ, ଜିଲ୍ଲାପାଳ, ଆଶିଷ ଈଶ୍ୱର ପାଟିଲ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମଂଚାସୀନ ଥିଲେ। ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ଗ୍ରାମାଂଚଳ ରାସ୍ତାକୁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ହସ୍ତାନ୍ତର କରି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମେଗା ଲିଫ୍ଟ ୧୨ ଟି ପ୍ରକଳ୍ପରୁ ୮ ଟି ସଂପୂର୍ଣ୍ଣ ହୋଇଛି ବୋଲି ସୂଚନା ଦିଆଯାଇଛି। ଜିଲ୍ଲାର କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ଆଜି ବୈଠକରେ ଅନୁମୋଦନ କରାଯାଇଅଛି। କେନ୍ଦୁ ପତ୍ର ନିମନ୍ତେ ଲୋକଙ୍କ ମଧ୍ୟରେ ଆହୁରି ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଅଛି ବୋଲି ସାଂସଦ ଗୁରୁତ୍ୱାରୋପ କରିଛନ୍ତି।

# ଏନ୍‌ଏସ୍‌ଏସ୍ ବ୍ୟୁରୋର ପ୍ରଥମ ପରାମର୍ଶଦାତା କମିଟି ବୈଠକ

ଜୟପୁର, ୧୯/୦୯ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ର ପ୍ରଥମ ପରାମର୍ଶଦାତା କମିଟି ବୈଠକ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କୁଳପତିଙ୍କ ଅଧକ୍ଷତାରେ ବିଶ୍ୱବିଦ୍ୟାଳୟ ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେସନରେ ଭାରତ ସରକାରଙ୍କ ଜାତୀୟ ସେବା ଯୋଜନା ଆଂଚଳିକ ନିର୍ଦ୍ଦେଶକ ସୁଶ୍ରୀ ସରୀତା ପଟେଲଙ୍କ ସମେତ ସଦସ୍ୟ ଭାବରେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ରଞ୍ଜନ ପ୍ରଧାନ,, ପିଜି କାଉନସିଲ ଅଧକ୍ଷ ଡଃ ପ୍ରଶାନ୍ତ କୁମାର ପାତ୍ର, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ଶ୍ରୀ ସଚିନ୍ କୁମାର ନାୟକ,ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଯଥାକ୍ରମେ ଶ୍ରୀ ବିନୋଦ ବିହାରୀ ପ୍ରଧାନ, ସୁଶାନ୍ତ କୁମାର ବେହେରା, କୋରାପୁଟ ସରକାରୀ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦୀପକ ପଟ୍ଟନାୟକ, କିଟ୍ ବିଶ୍ୱବିଦ୍ୟାଳୟର ଡ଼ ସ୍ମୃତି ରଞ୍ଜନ ଦାଶ, ସମାଜସେବୀ ରାମନାଥ ସାହୁ, କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ. ଅରୁଣ ରାଜ, ମଞ୍ଜୁଲତା କହଁର, ସ୍ୱେଚ୍ଛାସେବୀ ଉର୍ମିଳା ଜାନୀ, ପ୍ରଦ୍ୟୁଶ କୁମାର ଦାଶ, ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ଼ଃ. ମନୋରଞ୍ଜନ ପ୍ରଧାନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସ୍ୱାଗତ ଭାଷଣ ସହ ବ୍ୟୁରୋ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ।ତାପରେ ଆଂଚଳିକ ନିର୍ଦ୍ଦେଶକା ସୁଶ୍ରୀ ସରୀତା ପଟେଲ ନିଜର ଅଭିଭାଷଣ ସହ ଜାତୀୟ ସେବା ଯୋଜନାକୁ ସର୍ବବ୍ୟାପୀ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ଓଏସ୍ ଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଜାତୀୟ ସେବା ଯୋଜନା ଜାତୀୟ ସ୍ତରରେ କିପରି ସୁନାମ ଅର୍ଜନ କରିପାରିବ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ତାପରେ ବର୍ଷ ୨୦୨୪-୨୫ ପାଇଁ ବାର୍ଷିକ ଯୋଜନା ପ୍ରସ୍ତୁତି କରାଯାଇଥିଲା। ବୈଠକରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିନସ୍ଥ ଏକ ଚାଳିଶିଟି କଲେଜର ୫୩ଟି ୟୁନିଟକୁ ସ୍ୱୀକୃତି ପ୍ରଦାନ କରାଯିବା ସହ ବାର୍ଷିକ ଆର୍ଥିକ ଅଟକଳ, ନୂତନ ୟୁନିଟ୍ ଖୋଲାଯିବା, କାର୍ଯ୍ୟ କରୁଥିବା ୟୁନିଟ୍ ଗୁଡ଼ିକର ସୁପରିଚାଳନା, ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଡିଜିଟାଲ ସାକ୍ଷରତା, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ପୋଷଣ ଅଭିଯାନ, ସେବାକାର୍ଯ୍ୟ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଥିଲା। ବର୍ତମାନ ଯାଏଁ ବ୍ୟୁରୋ ପାଇଁ ଆସିଥିବା ଆର୍ଥିକ ଅନୁଦାନ ବିଷୟରେ ଆଲୋଚନା ହେବା ସହ କାର୍ଯ୍ୟକ୍ରମ ଅଧିକାରୀ ମାନଙ୍କ ପ୍ରଶିକ୍ଷଣ, ସ୍ୱେଚ୍ଛାସେବୀ ମାନଙ୍କ ଦକ୍ଷତା ବିକାଶ, ଆର୍ଥିକ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ, ଆଦି ଅନେକ ଗଠନମୂଳକ ପଦକ୍ଷେପ ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋକୁ କ୍ରିୟାଶୀଳ, ସୃଦୃଢ ଓ ସୁଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଆଂଚଳିକ ନିର୍ଦ୍ଦେଶକାଙ୍କୁ ଉପଢୌକନ ଓ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା। କୋରାପୁଟ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ଼ ମନୋରଞ୍ଜନ ପ୍ରଧାନଙ୍କ ସାଙ୍ଗଠନିକ କୁଶଳତାକୁ ପ୍ରଶଂସା କରାଯାଇଥିଲା। ତାପରେ ସମସ୍ତ ସଦସ୍ୟଙ୍କ ପାଇଁ ଆୟୋଜିତ ମଧ୍ୟାହ୍ନ ଭୋଜନରେ ଅନୈପଚାରିକ ଭାବରେ ଅନେକ ବିଷୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଡ଼. ପ୍ରଧାନ ସମସ୍ତ ଉପସ୍ଥିତ ସଦସ୍ୟସଦସ୍ୟାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜାତୀୟ ସେବା ଯୋଜନାକୁ ସର୍ବବ୍ୟାପୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଚିତ୍ରକୋଣ୍ଡା ସ୍ନାତକ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷାର୍ଦ୍ଧର ପାଠ୍ୟକ୍ରମ ଆରମ୍ଭ

ମାଲକାନଗିରି, ୧୯/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ନାତକ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷାର୍ଦ୍ଧର ପାଠ୍ୟକ୍ରମ ଆରମ୍ଭ ହୋଇଛି।ଅନେକ ଦିନ ଧରି ଚିତ୍ରକୋଣ୍ଡା ଅଂଚଳର ଛାତ୍ର ଛାତ୍ରୀ ମାନେ ଉଚ୍ଚଶିକ୍ଷା ପାଠ୍ୟକ୍ରମ ପାଇଁ ବହୁଦୂର ମାଲକାନଗିରି ଆଉ ବାଲିମେଳା ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କ ଉପରେ ନିର୍ଭର କରୁଥିଲେ। ଅନେକ ବିଦ୍ୟାର୍ଥୀମାନଙ୍କ ପାଇଁ ଏତେ ଦୂର ଯିବା ସମ୍ଭବ ନହେବା କାରଣରୁ ସେମାନେ ପାଠପଢ଼ା ଅଧାରୁ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଥମ ଥର ପାଇଁ ଏହି ଅଂଚଳରେ ଡିଗ୍ରୀ କଲେଜ ଖୋଲା ଯିବାର ବ୍ୟବସ୍ଥା କରାଯିବାରୁ, ଅଂଚଳବାସୀ ଅତ୍ୟନ୍ତ ଆନନ୍ଦିତ। ସଂପ୍ରତି ଅସ୍ଥାୟୀ କ୍ୟାମ୍ପସ ଭାବରେ +୨ ବିଜ୍ଞାନ କଲେଜ୍ ରେ ଏହାର ପାଠପଢ଼ା ଆରମ୍ଭ ହୋଇଛି। ଅଧକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ କରକମଳରେ ଏହାର ଶୁଭାରମ୍ଭ ହୋଇଥିଲା। ଯେଉଁଥିରେ କଲେଜ୍ ର ଅନ୍ୟସମସ୍ତ ଅଧାପକ ଅଧାପିକା ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସହ ବିଜ୍ଞାନ କଲେଜ୍ ର ଅଧକ୍ଷ ଏବଂ ଅଧାପକ ଅଧାପିକା ଉପସ୍ଥିତ ରହି ନୂଆ କରି +୩ କଳା ବିଭାଗର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଜୟପୁର, ୧୯/୦୯ (ନି.ପ୍ର): ଆଜି ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର କୃତ୍ରିମ ବୁଦ୍ଧିମତା ଉପରେ ଅନୁଷ୍ଠିତ ହେଇଥିଲା। ଏଥିରେ ବିଭିନ୍ନ ସ୍କୁଲ ରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ ହେଇଥିଲା ଏଥିରେ ଅମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ନାଥନ ବେସରା ପ୍ରଥମ,ଏକାମବା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିତୁ ହରିଜନ ଓ ମୁନିସିପାଲ ଉଚ୍ଚ ବିଦଳୟର ଛାତ୍ରୀ ଆଦିତି ଦାଶ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଜୟପୁରର ଛାତ୍ର ପ୍ରଭାତ ପ୍ରଧାନ ତୃତୀୟ ହେଇଛନ୍ତି। ଏହି କାର୍ଯ୍ୟକ୍ରମ ରେ ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସୁରେନ୍ଦ୍ର ପଟନାୟକ ଓ ଶିକ୍ଷକ ଗବେଷଣା ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ଉମକାନ୍ତି ବାଇପାଇ ଯୋଗଦାନ କରିଥିଲେ।

# ରାସ୍ତାରେ କୃତ୍ରିମ ହ୍ରଦ: ପ୍ରଶାସନ ନୀରବଦ୍ରଷ୍ଟା

ସମ୍ବଲପୁର, ୧୯/୦୯ (ନି.ପ୍ର): ଜେଲ ଛକ ରୁ ଧନୁପାଲି ଛକ ଯାଏ ନିର୍ମାଣଧୀନ ଦୋହରୀକରଣ କାର୍ଯ୍ୟର ସମାପ୍ତ ହେବାର ନାଆଁ ଧରୁନଥିବା ବେଳେ ଦ୍ୱାରି ଇଞ୍ଜିନିଅର୍ସ ସାମ୍ନା ର ରାସ୍ତା ଅଧାଅଧି ହୋଇ ପଡିରହିବା ଯୋଗୁଁ ନର୍ଦ୍ଦମା ପାଣି ପଚ୍ଛଘୁଂଚା ଦେଇ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ପାଖରେ ସୃଷ୍ଟି ହେଲାଣି କୃତ୍ରିମ ହ୍ରଦ। ତଥାପି ନୀରବତାରେ ଜିଲ୍ଲା ପ୍ରଶାସନ । ଏସମ୍ପର୍କରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ବରିଷ୍ଠ ବିଜେପି ନେତା ତଥା , ସକ୍ଷମ ଅନୁଷ୍ଠାନର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ। ସମ୍ବଲପୁର ଜେଲଛକରୁ ଧନୁପାଲି ଛକ ସମ୍ବଲପୁର ସହରକୁ ସଂଯୋଗ କରୁଥିବା ଏକ ମୁଖ୍ୟ ରାସ୍ତା କହିଲେ ଅତ୍ୟକ୍ତି ହେବନାହିଁ । ଭୁବନେଶ୍ୱର - କଟକ ରୋଡ଼, କଲିକତା - ଦେବଗଡ଼ ରୋଡ଼ ଓ ସୋନପୁର - ବୀରମହାରାଜପୁର ରୋଡ଼ ଆସି ଯୋଡି ହୁଏ ଧନୁପାଲି ଛକ ରେ, ଯାହାକି ସହରର ମୁଖଦ୍ୱାର ବୋଲି ବି କୁହାଯାଇଥାଏ । ନିୟମିତ ଭାବେ ଦୈନନ୍ଦିନ ହଜାର ସଂଖ୍ୟାରେ ଯାନବାହାନ ଏହି ରାସ୍ତା ଦେଇ ସହର ଭିତରକୁ ଯାଇଥାଏ । ଯେଉଁ ରାସ୍ତା ର ଦୋହରିକରଣ ଓ ଉନ୍ନତିକରଣ କରାଯିବା ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ବର୍ଷାଧିକ ହେଲା ଏହି ନିର୍ମାଣକ୍ଷଧୀନ କାର୍ଯ୍ୟ ଆଜିଯାଏ ସମାପ୍ତ ହୋଇପାରିନାହିଁ । ଯେଉଁଥିର ମୁଖ୍ୟ କାରଣ ହେଉଛି ଜିଲ୍ଲା ପ୍ରଶାସନ ଅଧିନସ୍ଥ କାର୍ଯ୍ୟରେ ଥିବା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ର ଅଭାବ ବୋଲି ସାମାଜିକ ଅନୁଷ୍ଠାନ 'ସକ୍ଷମ'ର ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ । ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଉଥିବା କାରଣରୁ ସମସ୍ୟା ର ସମାଧାନ ବଦଳରେ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜେଲ ଛକ ରୁ ଚାରଭାଟି ମଧ ରେ ଅବସ୍ଥିତ ଦ୍ୱାରି ଇଞ୍ଜିନିୟର୍ସ ସାମ୍ନା ର ରାସ୍ତା କୌଣସି କାରଣରୁ ନିର୍ମାଣ ନହୋଇ ପଡ଼ିରହିଛି । ସେଇ ଦ୍ୱାରି ଇଞ୍ଜିନିୟର୍ସ ଓ ଦ୍ୱାରି ପେଟ୍ରୋଲ ପମ୍ପ ର ଦୁଇ ପାର୍ଶ୍ୱ ର ଜମି ଉଚ୍ଛେଦ କରି ରାସ୍ତା ନିର୍ମାଣ ସରିଯାଇଥିବା ବେଳେ, ସେହି ଜମି ସାମ୍ନା ର ରାସ୍ତା ଓ ନାଳ କାହିଁକି ନିର୍ମାଣ ହେଉନାହିଁ ବୋଲି ଜିଲ୍ଲା ପ୍ରଶାସନ କୁ ସମାଜସେବୀ ଶ୍ରୀ ପାଣିଗ୍ରାହୀ ପ୍ରଶ୍ନ କରିଛନ୍ତି । କେବଳ ସେତିକି ନୁହେଁ, ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ରାସ୍ତା ଓ ନାଳ ନିର୍ମାଣ ନହେବା କାରଣରୁ ନର୍ଦ୍ଦମା ପାଣି ପଚ୍ଛଘୁଂଚା ଦେଇ ସେହି ଜମି ସଂଲଗ୍ନ ସ୍ଥାନ ରେ ଥିବା ଟ୍ରାନ୍ସଫର୍ମର ଓ ସୋଲାର ପେନାଲ ଥିବା ଚାରିପଟେ କୃତ୍ରିମ ହ୍ରଦ ଟିଏ ସୃଷ୍ଟି ହେବାରେ ଲାଗିଲାଣି । ଏହି ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଜିଲ୍ଲା ପ୍ରଶାସନ କୁ ଜଣାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଓ ବିଶେଷ ଭାବରେ ପୂର୍ତ ବିଭାଗ ମଧ୍ୟ ନୀରବତା ଅବଲମ୍ବନ କରିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ଶ୍ରୀ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଛନ୍ତି । ଏହି ମର୍ମ ରେ ସମସ୍ୟା ର ସମାଧାନ କରି ଆଗାମୀ ଦିନରେ ଯେମିତି ବଡ଼ ଦୁର୍ଘଟଣା ର ସମ୍ମୁଖୀନ ନହେବେ ସେଥିପ୍ରତି ଯତ୍ନବାନ ହେବାକୁ ଶ୍ରୀ ପାଣିଗ୍ରାହୀ ଦାବି ଜଣାଇଛନ୍ତି ।

# ଇଫଙ୍କୋ ପାରାଦୀପ ୟୁନିଟ୍ ପକ୍ଷରୁ ଆନ୍ତଃ କ୍ଲବ୍ ମହୋତ୍ସବ

ପାରାଦୀପ, ୧୯/୦୯ (ନି.ପ୍ର): ଇଫକୋ ପାରାଦୀପୟ ୟୁନିଟ୍ ପରିସରରେ ଆନ୍ତଃ କ୍ଲବ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାମୈତ୍ରୀ ଶୀର୍ଷକ ଏହି ମହୋତ୍ସବ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ମହୋତ୍ସବରେ ଆଇଓସିଏଲ୍, ପାରାଦୀପ ବନ୍ଦର, ପିପିଏଲର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଲେଡିଜ୍ କ୍ଲବ୍‌ର ସଦସ୍ୟାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ଲେଡିଜ୍ କ୍ଲବ୍‌ର ସଦସ୍ୟାମାନଙ୍କୁ ଏକତ୍ରିତ କରିବା ସେମାନଙ୍କ ସହିତ ସୁ ସମ୍ପର୍କ ସ୍ଥାପନ କରିବା ଏହି କାର୍ଯ୍ୟକ୍ରମ ଆୟୋଜନର ମୂଳ ଲକ୍ଷ୍ୟ ବୋଲି ଆୟୋଜକ ସଂସ୍ଥା ଇଫକୋ ପାରାଦୀପ



ୟୁନିଟ୍‌ର ପ୍ରଶାସନିକ ଅଧିକାରୀ ତଥା ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୂଚନା ଦେଇଛନ୍ତି ।

# ଚିତ୍ରକାର ପ୍ରଭୁଶ୍ରୀ ଓ ପ୍ରୀତିଶ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପତ୍ର

କେନ୍ଦ୍ରାପଡ଼ା, ୧୯/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋଚିତ୍ର ଆଙ୍କି ପ୍ରଶଂସିତ ହୋଇଛନ୍ତି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୋପ ଗ୍ରାମର ଭାଇ ଓ ଭଉଣୀ । ଅଙ୍କନ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁନ୍ଦର ଚିତ୍ର ପ୍ରଧାନମନ୍ତ୍ରୀଙ୍କ ମନକୁ ସୁନ୍ଦର ଲାଗିଛି । ଏଥିପାଇଁ ଭାଇଭଉଣୀଙ୍କୁ ମିଳିଛି ପ୍ରଶଂସା ପତ୍ର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ନିର୍ବାଚନ ସମୟରେ କେନ୍ଦ୍ରାପଡା ବ୍ଲକ ଅଧିନ ବାରୁଅ ଗ୍ରାମ ପଡିଆକୁ ଭୋଟ ପ୍ରଚାରରେ ଆସିଥିବାବେଳେ ଗୋପସ୍ଥିତ ସେ ଜାଭିୟର ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ର ପ୍ରଭୁଶ୍ରୀ ମିଶ୍ର ଓ ଛାତ୍ରୀ ପ୍ରୀତିଶ୍ରୀ ମିଶ୍ର ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଅବିକଳ ୨ଗୋଟି ଫଟୋଚିତ୍ର(ଆକ୍ରାଲିକ କଲର) ଆଙ୍କି ପ୍ରଦାନ କରିଥିଲେ । ଦୀର୍ଘଦିନ ପରେ ଗତକାଲି ପ୍ରଧାନମନ୍ତ୍ରୀ ଙ୍କ କାର୍ଯ୍ୟାଳୟ(ପି.ଏମ.ଓ)ରୁ ୨ଗୋଟି ପ୍ରଶଂସା ପତ୍ର ତାଙ୍କ ସ୍ୱାକ୍ଷର ଥାଇ ବାସଭବନରେ ପହଂଚିଛି । ଏହି ପ୍ରଶଂସା ପତ୍ର ପାଇ ପରିବାର ଓ ପିଲା ଦୁଇଟି ଖୁବ୍ ଆନନ୍ଦିତ ହୋଇଛନ୍ତି । ଏହି ଦୁଇଜଣ ଗୋପ ଗ୍ରାମର ସନ୍ତୋଷ ମିଶ୍ର ଓ ପ୍ରିୟମ୍ବଦା ମିଶ୍ରଙ୍କ ସୁପୁତ୍ର ଓ କନ୍ୟା ଅଟନ୍ତି । ପିଲାଟି ଦିନୁ ପ୍ରତିଭାବାନ ଭାଇ, ଭାଉଣୀ ଦୁଇଜଣ ଅନେକ ସାମଗ୍ରୀ ବ୍ୟବହାର କରି ବହୁ ଚିତ୍ର ମୂର୍ତୀ ଇତ୍ୟାଦି ନିର୍ମାଣ କରିବାରେ ସିଦ୍ଧହସ୍ତ ଅଟନ୍ତି । ବୋଇତ ବନ୍ଦାଣ, ରଥଯାତ୍ରା, ସ୍ୱଚ୍ଛ ଭାରତ ଓ ସମ୍ବାଦପତ୍ରର ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇ ଅନେକଥର ପୁରସ୍କୃତ ହୋଇଛନ୍ତି । ଭାଇ, ଭାଉଣୀ ଉଚ୍ଚକୋଟୀର ନୃତ୍ୟଶିଳ୍ପୀ ମଧ ଅଟନ୍ତି । ନୃତ୍ୟକଳାର ପାରଦର୍ଶିତା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରେ ଅନେକ ପୁରସ୍କାର ମଧ ପାଇଛନ୍ତି । କେନ୍ଦ୍ରାପଡାର ବରିଷ୍ଠ ଚିତ୍ରଗୁରୁ ଅଜୟ ପଣ୍ଡାଙ୍କ ଠାରୁ ସେମାନେ ଚିତ୍ରଶିକ୍ଷା କରୁଛନ୍ତି । ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ, ସାଙ୍ଗସାଥି ତଥା ବନ୍ଧୁବାନ୍ଧବ ଖୁସିରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ହାର୍ଟମେଟ ପକ୍ଷରୁ ମାଗଣା ହୃଦରୋଗ ସଚେତନତା ସହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଘଟଗାଁ, ୧୯/୦୯ (ନି.ପ୍ର): ରାଜ୍ୟର ପ୍ରଖ୍ୟାତ ହୃଦରୋଗ ବିଶେଷଜ୍ଞ ଡାକ୍ତର ଋଷିକାନ୍ତ ମହାନ୍ତଙ୍କ ହାର୍ଟମେଟ କ୍ଲିନିକ ଆନୁକୂଲ୍ୟରେ କେନ୍ଦୁଝର ହାର୍ଟମେଟ ସେଣ୍ଟର ପରିସରରେ ଏକ ମାଗଣା ହୃଦରୋଗ ପରୀକ୍ଷଣ ତଥା ଚିକିତ୍ସା ଶିବିରର ଆୟୋଜନ ହୋଇ ଯାଇଛି। ଏହି ଚିକିତ୍ସା ଶିବିରକୁ ଭାରତୀୟ ଚିକିତ୍ସକ ସଂଘ କେନ୍ଦୁଝର ଶାଖାର ସମ୍ପାଦକ ଡାକ୍ତର ମହେଶ ପ୍ରସାଦ ମହାନ୍ତ ଓ କେନ୍ଦୁଝର ରୋଟାରୀ କ୍ଲବ ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ, କେନ୍ଦୁଝର ଜିଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ ପ୍ରମୁଖ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏଥିରେ ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡାକ୍ତର ମହାନ୍ତ ଯୋଗ ଦେଇଥିବା ସମସ୍ତ ଶିବିରାର୍ଥୀଙ୍କ ପ୍ରତ୍ୟକ୍ଷ ପରୀକ୍ଷଣ କରି ନିଦାନ ଯୋଗାଇଥିଲେ। ଏହି ଚିକିତ୍ସା ଶିବିରକୁ ର ପରୀକ୍ଷା ମାଗଣାରେ କରାଯାଇଥିଲା। ଏହି ଶିବିରରେ ୭୦ ରୁ ଉର୍ଦ୍ଧ୍ୱ ଶିବିରାର୍ଥୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସନ୍ଧ୍ୟାରେ ଧରଣୀଧର ମେଡ଼ିକାଲ କଲେଜ ଓ ହସ୍ପିଟାଲର ପ୍ରେକ୍ଷାଳୟରେ ଏକ ସଚେତନତା କର୍ମଶାଳାର ଆୟୋଜନ କରାଯାଇ ଶତାଧିକ ଡାକ୍ତରୀ ଛାତ୍ରଛାତ୍ରୀ, ସାଧାରଣ ନାଗରିକଙ୍କୁ ହୃଦରୋଗ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାକୁ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାୟକ, ଭାରତୀୟ ଚିକିତ୍ସକ ସଙ୍ଘ ସମ୍ପାଦକ ଡାକ୍ତର ମହେଶ ମହାନ୍ତ, ସଭାପତି ଡାକ୍ତର ଉମେଶ ଚନ୍ଦ୍ର ସାହୁ, ଡାକ୍ତର ପ୍ରଭାତ କୁମାର ଥାଟୋଇ, ଡାକ୍ତର ସମ୍ମିତ କୁମାର ପାଲ ପ୍ରମୁଖ ହୃଦରୋଗ ଠାରୁ ଦୁରେଇ ରହିବାର ବିଭିନ୍ନ ଦିଗ ବିଷୟରେ ସଚେତନ କରିଥିଲେ।

# ଦେଶୀ ଷ୍ଟାଇଲ୍‌ରେ ବନାନ୍ତୁ 'ଚିକେନ୍ ପତ୍ର ପୋଡ଼ା'



ଆବଶ୍ୟକ ସାମଗ୍ରୀ: ଚିକେନ, ସୋରିଷ ତେଲ, ଲଙ୍କା ପାଉଡର, ଜିରା ପାଉଡର, ଧନିଆ ପାଉଡର, ପିଆଜ,ରସୁଣ, ଅଦା ପେଷ୍ଟ, ଗରମ ମସଲା, ଚିକେନ୍ ପାଉଡର, ଲୁଣ ,ହଳଦୀ, କଦଳୀ ପତ୍ର, ଚାଇନିଜ୍ ସଲ୍ଟ, ଧନିଆ ପତ୍ର, କଞ୍ଚା ଲଙ୍କା, କଞ୍ଚା ପିଆଜ

ପ୍ରସ୍ତୁତି ପ୍ରଣାଳୀ: ବଜାରରୁ ଚିକେନ ଆଣି ତାକୁ ଭଲ ଭାବରେ ଧୋଇ ଦିଅନ୍ତୁ। ତାକୁ ଏକ ପ୍ଲେଟରେ ରଖନ୍ତୁ। ଏହାପରେ ସେଥିରେ ଲୁଣ, ହଳଦି ଓ ସୋରିଷ ତେଲ ଦେଇ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତା' ପରେ ଲଙ୍କା ଗୁଣ୍ଡ, ଜିରା ଓ ଧନିଆ ପାଉଡର ପକାଇ ଗୋଳାଇ ଦିଅନ୍ତୁ। ସେଥିରେ କିଛି ଚାଇନିଜ୍ ସଲ୍ଟ ପ ଚିକେନ୍ ପାଉଡର ଓ ଗରମ ମସଲା ପକାଇ ଗୋଳାଇ ଦିଅନ୍ତୁ।ପରେ ମସଲା ଗୋଳାଯାଇଥିବା ଚିକେନ୍‌କୁ କିଛି ସମୟ ଫ୍ରିଜରେ ରଖି ଦିଅନ୍ତୁ। ପରେ ଦୁଇଟି ବଡ଼ ଖଣ୍ଡ କଦଳୀ ପତ୍ର ଆଣନ୍ତୁ। ପତ୍ରକୁ ଭଲ ଭାବରେ ପାଣିରେ ଧୋଇ ଦିଅନ୍ତୁ। ଗୋଟିଏ କଦଳୀ ପତ୍ରରେ ସୋରିଷ ତେଲକୁ ଚାରି ଆଡେ ମାରି ଦିଅନ୍ତୁ। ସେଥିରେ ମସଲା ଗୋଳା ଚିକେନ୍‌କୁ ରଖନ୍ତୁ। ତାକୁ ଭଲ ଭାବରେ ଗୁଡ଼ାନ୍ତୁ। ଏକ ସୁତଲିରେ ତାକୁ ବାନ୍ଧନ୍ତୁ। ଅନ୍ୟ ଖଣ୍ଡେ କଦଳୀ ପତ୍ରରେ ଆଉଥରେ ତାକୁ ଗୁଡ଼ାନ୍ତୁ। ଦୁଇ ଖଣ୍ଡ କଦଳୀ ପତ୍ରରେ ଚିକେନ୍ ଗୁଡ଼ାଇ ଦେଲେ ତାହା ଶୀଘ୍ର ପୋଡ଼ିବ ନାହିଁ। ଏହାପରେ ତାକୁ ନେଇ ଅଳ୍ପ ନିଆଁ ଥିବା ଆଞ୍ଚରେ ପୋଡ଼ନ୍ତୁ। କିଛି ସମୟ ଗୋଟିଏ ପଟ ନିଆଁରେ ବସିବା ପରେ ତାକୁ ଓଲଟାଇ ଦିଅନ୍ତୁ। କିଛି ସମୟ ଏହାକୁ ଆଞ୍ଚରେ ରଖନ୍ତୁ। ଏହା ପ୍ରସ୍ତୁତ ହୋଇଯିବା ପରେ ତାକୁ ବାହାରକୁ କାଢ଼ି ଆଣନ୍ତୁ। ଥଣ୍ଡା ହେଲା ପରେ ପ୍ଲେଟରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ ପତ୍ର ପୋଡ଼ା'। ଏହି ରେସିପିକୁ ପ୍ଲେଟ୍‌ରେ କଞ୍ଚା ଲଙ୍କା, ଧନିଆ ପତ୍ର ଓ ପିଆଜ ଦେଇ ସଜାଇ ଗରମ ଗରମ ଖାଆନ୍ତୁ।

# ବ୍ୟାଙ୍କିଙ୍ଗ୍ ସୂତ୍ର: ପୁରୁଣା ଟଙ୍କା ବଦଳାଇବେ କେମିତି ?

ଆପଣଙ୍କ ପାଖରେ ଚିରା କିମ୍ବା ଅଚଳ ଟଙ୍କା ରହିଯାଇଛି କି ? କେମିତି ତାକୁ ବଦଳାଇ ନୂଆ ଟଙ୍କା ଆଣିବେ ସେଥିପାଇଁ ଚିନ୍ତାରେ ଅଛନ୍ତି କି ? ଯଦିଓ ଏକଥା ଅନେକ ଜାଣିଥା'ନ୍ତି, ତଥାପି କିଛି ଲୋକ ଏବେ ବି ଏସବୁ ନଜାଣି ପରିବା ଦୋକାନୀ, ବସ୍ କିମ୍ବା ତେଲଟାଙ୍କିରେ ଟଙ୍କା ଦେଇ ବଦଳାଇ ନିଅନ୍ତି। ବେଳେବେଳେ ସେମାନେ ଟଙ୍କା ନ ବଦଳାଇ ଅସୁବିଧାରେ ବି ପଡ଼ନ୍ତି। ଆସନ୍ତୁ ଜାଣିବା ଏହି ନୂଆପୁରୁଣା ଟଙ୍କା ବଦଳ ସଂପର୍କରେ... ୧୦ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର ଯେଉଁ ନୋଟ୍‌ଗୁଡ଼ିକ ମଇଳା କିମ୍ବା ସାମାନ୍ୟ କଟିଯାଇଛି ସେଗୁଡ଼ିକୁ ଆପଣ ଯେକୌଣସି ସରକାରୀ ବ୍ୟାଙ୍କ୍‌ରେ ବଦଳାଇ ପାରିବେ ଅଥବା ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଯେକୌଣସି ଶାଖାରେ ବଦଳାଇ ନୂଆ ଟଙ୍କା ନେଇପାରିବେ। ଏଥିପାଇଁ ଆପଣଙ୍କୁ ଫର୍ମ ପୂରଣ କରିବା ଦରକାର ପଡ଼ି ନଥାଏ। ଯେଉଁ ନୋଟ୍‌ଗୁଡ଼ିକ ଖଣ୍ଡଖଣ୍ଡ ହୋଇଯାଇଛି କିମ୍ବା ନୋଟ୍‌ର ଅତ୍ୟାବଶ୍ୟକ ଅଂଶ ଅର୍ଥାତ ନୋଟ୍‌ର ପ୍ରାଧିକରଣ (ନେମ୍ ଅଫ୍ ଇସ୍ୟୁଇଂ ଅଥରିଟି), ଗ୍ୟାରେଣ୍ଟି, ପ୍ରମିଜ୍ କ୍ଲଜ୍, ଦସ୍ତଖତ, ମହାତ୍ମା ଗାନ୍ଧୀଙ୍କ ଫଟୋ, ଅଶୋକ ସ୍ତମ୍ଭ ପ୍ରତୀକ, ୱାଟରମାର୍କ ଇତ୍ୟାଦି ଚିରିଯାଇଛି କି ଲିଭିଯାଇଛି ସେପରି ନୋଟ୍‌କୁ ବି ଆପଣ ବଦଳାଇ ପାରିବେ। ଏହାକୁ ମଧ ବିନା କେସି ଫର୍ମ ଦାଖଲ କରି ଯେକୌଣସି ସରକାରୀ ବ୍ୟାଙ୍କ୍ ଶାଖା, କୌଣସି ଘରୋଇ ବ୍ୟାଙ୍କ୍‌ର ମୁଦ୍ରା ବିନିମୟ କାଉଣ୍ଟର, ଆରବିଆଇର ଶାଖାରେ ଆପଣ ବଦଳାଇ ପାରିବେ।



ଟଙ୍କା ବଦଳ ପାଇଁ ଅନ୍ୟାନ୍ୟ ସୁବିଧା:

ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଟିଏଲ୍‌ଆର (ଟ୍ରିପଲ୍ ଲକ୍ ରିସେପ୍ଟକଲ୍) କଭର ମାଧ୍ୟମରେ ବିକୃତ ନୋଟ୍‌ର ବିନିମୟ ସୁବିଧା ମଧ ରହିଛି। ଲୋକେ ରିଜର୍ଭ ବ୍ୟାଙ୍କର ଇନ୍‌କ୍ୱାରି କାଉଣ୍ଟରରୁ ଏକ ଟିଏଲ୍‌ଆର କଭର ପାଇପାରିବେ ଏବଂ ସେଥିରେ ନିଜର ନାମ, ଠିକଣା, ଜମା ହୋଇଥିବା ନୋଟ୍‌ର ନାମ ଇତ୍ୟାଦି ପୂରଣ କରି ଉକ୍ତ କଭରରେ ରଖି ଟ୍ରିପଲ୍ ଲକ୍ ରିସେପ୍ଟକଲ୍ ନାମକ ବାକ୍ସରେ ଜମା କରିବାକୁ ପଡ଼ିବ। ଏହି ବାକ୍ସକୁ ରିଜର୍ଭ ବ୍ୟାଙ୍କ୍‌ର ପ୍ରତ୍ୟେକ ଇସ୍ୟୁ ଅଫିସ୍‌ର ଇନ୍‌କ୍ୱାରି କାଉଣ୍ଟରରେ ରଖାଯାଇଛି। ବିକୃତ ନୋଟ୍‌ଗୁଡ଼ିକର ପ୍ରଚଳିତ ବିନିମୟ ମୂଲ୍ୟ ବ୍ୟାଙ୍କ୍ ଡ୍ରାଫ୍‌ଟ କିମ୍ବା ପେ' ଅର୍ଡର ମାଧ୍ୟମରେ ମିଳିଥାଏ। ରେଜିଷ୍ଟରଡ ବା ଇନ୍‌ସ୍ୟୋରଡ ପୋଷ୍ଟ ଦ୍ୱାରା ଆରବିଆଇର ଯେକୌଣସି କାର୍ଯ୍ୟାଳୟକୁ ଚିରାଫଟା ନୋଟ୍ ପଠାଯାଇପାରିବ। ଅତ୍ୟଧିକ ମଇଳା, ଲୋଚାକୋଚା, ଜଳିଯାଇଥିବା କିମ୍ବା ଧରି ହେଉନଥିବା ନୋଟ୍‌ଗୁଡ଼ିକୁ କେବଳ ରିଜର୍ଭ ବ୍ୟାଙ୍କ୍‌ର ଇସ୍ୟୁ ଅଫିସ୍‌ରେ ବଦଳାଇ ହେବ। ଏପରି ନୋଟ୍ ଥିବା ବ୍ୟକ୍ତି ବ୍ୟାଙ୍କର କ୍ଲେମ୍ ସେକ୍ସନ୍‌ରେ ଥିବା ଅଫିସରଙ୍କ ପାଖରେ ଅଥବା ଆରବିଆଇର ବିନିମୟ ଶାଖାରେ ଟଙ୍କା ବଦଳାଇ ପାରିବେ ଓ ଏ ସଂପର୍କିତ ଅଧିକ ସୂଚନା ପାଇପାରିବେ। ସେହିପରି ବିଭିନ୍ନ ପ୍ରକାର ଅଚଳ ଓ କଳଙ୍କିଲଗା ମୁଦ୍ରାକୁ ମଧ ଆପଣ ଉକ୍ତ ବ୍ୟାଙ୍କ୍‌ଗୁଡ଼ିକରେ ବଦଳାଇ ନୂତନ ମୁଦ୍ରା ଆଣିପାରିବେ।

# ମୋବାଇଲ୍ ସ୍କ୍ରିନ୍‌ରୁ ସୌରବିଦ୍ୟୁତ୍

ଗୋଟିଏ ସ୍ମାର୍ଟଫୋନ୍ ପରଦାରୁ ସିଧାସଳଖ ବିଦ୍ୟୁତ୍ ଉତ୍ପନ୍ନ କରିବାର ଏକ ବୈପ୍ଳବିକ ଜ୍ଞାନକୌଶଳ ବିକଶିତ ହୋଇଛି। ଦକ୍ଷିଣ କୋରିଆର ଉଲ୍‌ସାନ୍ ନାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଆଣ୍ଡ୍ ଟେକ୍ନୋଲୋଜି (ୟୁନିଷ୍ଟ୍) ଅଧୀନ ସ୍କୁଲ ଅଫ୍ ଏନର୍ଜି ଆଣ୍ଡ୍ କେମିକାଲ୍ ଇଞ୍ଜିନିଅରିଂର ଦଳେ ଗବେଷକ ଏକ ସ୍ୱତନ୍ତ୍ର ଧରଣର ସୌର ସେଲ୍ ବିକଶିତ କରିଛନ୍ତି, ଯାହା ମାଧ୍ୟମରେ କୌଣସି ମୋବାଇଲ୍ ଉପକରଣ, ଗାଡ଼ିମୋଟର କି ଘର ଝରକାର କାଚ ଆଦିରୁ ସିଧାସଳଖ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇପାରୁଛି।

ଉକ୍ତ ସୌର ସେଲ୍‌ର ବିଶେଷତ୍ୱ ହେଉଛି ତାହା କାଚ ପରି ରଙ୍ଗହୀନ। ତାହାର ଉଚ୍ଚମାନର ଦକ୍ଷତା ଯଥେଷ୍ଟ ଉପାଦେୟ ସାବ୍ୟସ୍ତ ହୋଇଛି। ଉକ୍ତ ସୌର ସେଲ୍‌ରେ 'ଅଲ୍-ବ୍ୟାକ୍-କଣ୍ଟାକ୍ଟ' ନାମକ ଏକ ସ୍ୱତନ୍ତ୍ର ଢାଞ୍ଚାର ଉପଯୋଗ କରାଯାଇଛି, ଯହିଁରେ ସେଲ୍‌ର ଅନ୍ୟାନ୍ୟ ଉପକରଣଗୁଡ଼ିକ ପ୍ରଚ୍ଛଦରେ ରହି ଉତ୍ତମ କାର୍ଯ୍ୟଦକ୍ଷତା ଦେଖାଉଛି। ଏଥିପାଇଁ ଗବେଷକମାନେ 'ସିମ୍‌ଲେସ୍ ମଡୁଲାରାଇଜେସନ୍' ନାମକ ଏକ ଜ୍ଞାନକୌଶଳ ବିକଶିତ କରିଛନ୍ତି। ଏହା ଦ୍ୱାରା ଉକ୍ତ ସୌର ସେଲ୍‌ରେ କୌଣସି ଅସ୍ୱଚ୍ଛ ଧାତବର ବ୍ୟବହାର ବିନା ସମସ୍ତ ପ୍ରକାର ବୈଦ୍ୟୁତିକ ସଂଯୋଗୀକରଣ କରାଯାଇପାରୁଛି। ନୂତନ ଉଦ୍ଭାବିତ ଉକ୍ତ ୧୬ ବର୍ଗ ସେ.ମି. ପରିମିତ ସ୍ୱଚ୍ଛ ସୌର ସେଲ୍ ମଡ୍ୟୁଲ୍‌ର କାର୍ଯ୍ୟଦକ୍ଷତା ୧୪.୭ ପ୍ରତିଶତରୁ ୨୦ ପ୍ରତିଶତ ଭଳି ଉଚ୍ଚ ରହିଥିବା ଦାବି କରାଯାଇଛି। ଫଳସ୍ୱରୂପ ଅତିରିକ୍ତ ସରଞ୍ଜାମ ବିନା ସୂର୍ଯ୍ୟକିରଣ ସାହାଯ୍ୟରେ ସିଧାସଳଖ ସ୍ମାର୍ଟଫୋନ୍ ଚାର୍ଜ ହୋଇପାରିବ। ଯେକୌଣସି କ୍ଷୁଦ୍ର ଭ୍ରାମ୍ୟମାଣ ଉପକରଣର ପରଦାକୁ ମଧ ବିଦ୍ୟୁତ୍ ଶକ୍ତିର ଉତ୍ସରେ ପରିଣତ କରାଯାଇପାରିବ ବୋଲି ଗବେଷକମାନେ କହିଛନ୍ତି। ଏହି ସ୍ୱଚ୍ଛ ସିଲିକନ୍ ସୌର ସେଲ୍‌କୁ ବିଭିନ୍ନ କଳକାରଖାନା ସମେତ ବିଭିନ୍ନ କୋଠାବାଡ଼ି ବା ଗାଡ଼ିମୋଟର କାଚରେ ମଧ ବ୍ୟବହାର କରାଯାଇପାରିବ। ତେବେ ଭବିଷ୍ୟତର ପରିବେଶ-ଅନୁକୂଳ ଶକ୍ତି ଶିଳ୍ପରେ ଉକ୍ତ ସ୍ୱଚ୍ଛ ସୌର ସେଲ୍‌ର ବ୍ୟାବସାୟିକ ଉପାଦେୟତା ପାଇଁ ଅଧିକ ଗବେଷଣା ଜାରି ରହିଛି।



# ଫୋକସ୍‌ରେ ଗ୍ୟାଜେଟ୍: ସଂଗୀତପ୍ରେମୀଙ୍କ ପାଇଁ ମିଭି ସୁପରପଡ୍‌ସ ଓପେରା



ଭାରତର ଅଗ୍ରଣୀ ଓ୍ୱାରଲେସ୍ ଅଡିଓ ଉତ୍ପାଦ ନିର୍ମାତା 'ମିଭି' ଏହାର ସଦ୍ୟତମ ଟିଡବ୍ଲ୍ୟୁଏସ୍ ଇୟରବଡ୍‌ସ 'ଓପେରା' ଉନ୍ମୋଚନ କରିଛି। ଏହା ହେଉଛି ସୁପରପଡ୍‌ସ ସିରିଜ୍‌ର ତୃତୀୟ ପିଢ଼ି। ଏହା ପ୍ରଥମ ଭାରତୀୟ ବ୍ରାଣ୍ଡ ଭାବେ ଜାପାନ ଅଡିଓ ସୋସାଇଟି ଦ୍ୱାରା 'ହାଇ-ରେସ୍ ଓ୍ୱାରଲେସ୍ ଅଡିଓ' ପ୍ରମାଣପତ୍ର ହାସଲ କରିଛି। ଏଥିରେ ହାଇ-ରେସ୍ ଓ୍ୱାରଲେସ୍ ଅଡିଓ ସାଙ୍ଗକୁ ଏଲ୍‌ଡିଏସି ବ୍ଲୁଟୁଥ୍ କୋଡେକ୍, ସ୍ପାଟିଆଲ୍ ଅଡିଓ ଓ ୩ଡି ସାଉଣ୍ଡଷ୍ଟେଜ୍, ମିଭି ଅଡିଓ ଆପ୍, ଭଳି ବୈଶିଷ୍ଟ୍ୟ ରହିଛି। ଏହାର ବ୍ୟାଟେରିକୁ ଥରେ ଚାର୍ଜ କଲେ ୬୦ ଘ।। ପର୍ଯ୍ୟନ୍ତ ବ୍ୟବହାର କରିହେବ। କେବଳ ସେତିକି ନୁହେଁ, ଏଥିରେ ବ୍ଲୁଟୁଥ୍ ୫.୪ ସଂଯୋଗ ସୁବିଧା ରହିଛି,ଯାହା ୧୦ ମିଟର ଦୂରତା ପର୍ଯ୍ୟନ୍ତ କାମ କରିବ ବୋଲି କମ୍ପାନି ଦାବି କରିଛି। "ଆମେ ସଂଗୀତପ୍ରେମୀଙ୍କ ପାଇଁ ଓପେରା ସହିତ ଅତୁଳନୀୟ ଓ୍ୱାରଲେସ୍ ଅଡିଓ ଅନୁଭୂତି ଆଣି ଆନନ୍ଦ ଅନୁଭବ କରୁଛୁ ଏବଂ ଆମେ ପ୍ରଥମ ବ୍ରାଣ୍ଡ ଭାବରେ ହାଇ-ରେସ୍ ଓ୍ୱାରଲେସ୍ ଅଡିଓ ନିମନ୍ତେ ଜାପାନ ଅଡିଓ ସୋସାଇଟି ନିକଟରୁ ପ୍ରମାଣପତ୍ର ହାସଲ କରିଛୁ। ଅନ୍ୟକୌଣସି ଭାରତୀୟ ବ୍ରାଣ୍ଡ ଏହାକୁ ପାଇବାରେ ଏପର୍ଯ୍ୟନ୍ତ ସମର୍ଥ ହୋଇନାହାନ୍ତି," ବୋଲି ମିଭିର ସିଇଓ ମିଧୁଲା ଦେବଭାକ୍ ଟୁନି କହିଛନ୍ତି। ସୁପରପଡ୍‌ସ୍ ଓପେରାର ପ୍ରାରମ୍ଭିକ ମୂଲ୍ୟ ହେଉଛି ମାତ୍ର ୨୧୯୯ ଟଙ୍କା। ଏବେ ଫ୍ଲିପ୍‌କାର୍ଟ, ମିଭିର ୱେବ୍‌ସାଇଟ୍ ଓ ବଛାବଛା ଅଫ୍‌ଲାଇନ୍ ରିଟେଲରଙ୍କ ନିକଟରେ ଏହା ମିଳୁଛି।




# ଛୋଟ ଛୁଆ କେତେ ସମୟ ଫୋନ୍ ଦେଖିବା ଠିକ୍ ?

ଆଜିକାଲିକା ପିଲାମାନଙ୍କୁ କେବେ ହେଲେ ବହି ପଢିବା କିମ୍ବା ଖେଳକୁଦ କରୁଥିବାର ଦେଖିବାକୁ ପାଇବେନି। ଯେତେବେଳେ ଦେଖିବେ ଫୋନରେ ମାତିଥିବେ। ପିଲାମାନଙ୍କର ଏପରି ଅଭ୍ୟାସରେ ବାପାମାଆ ଖୁବ୍ ଅତିଷ୍ଠ ହୋଇଗଲେଣି। ଏହା କେବଳ ବାପାମାଆଙ୍କୁ ନୁହେଁ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ମଧ ଚିନ୍ତାରେ ପକାଇଛି। କାରଣ ଏଥିପାଇଁ ପିଲାମାନଙ୍କ ଶାରୀରିକ ଏବଂ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ତେଣୁ ପିଲାମାନେ କେତେ ସମୟ ଫୋନ୍ ଦେଖିବା ଉଚିତ୍, ଏହି ସମୟ ଅଧିକ ହୋଇଗଲେ କି କି କୁପ୍ରଭାବ ପଡିବ ଏବଂ ଏହି କୁଅଭ୍ୟାସକୁ କିପରି ରୋକିବେ, ଜାଣନ୍ତୁ। ପିଲାମାନେ କେତେ ସମୟ ଫୋନ୍ ଦେଖିବା ଠିକ୍: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ ଘଣ୍ଟାଏ କିମ୍ବା ଦୁଇ ଘଣ୍ଟାରୁ ଅଧିକ ସମୟ ଫୋନ୍ ଦେଖିବା ଉଚିତ୍ ନୁହେଁ। ୧୮ ମାସରୁ କମ୍ ଅର୍ଥାତ୍ ଦେଢ ବର୍ଷର ଛୁଆଙ୍କୁ ଆଦୌ ଫୋନ୍ ଦେଖିବାକୁ ଦିଅନ୍ତୁ ନାହିଁ। ଫୋନ୍ କିମ୍ବା ଟିଭି ସ୍କ୍ରିନର ବ୍ୟବହାର ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଶୋଇବା ଚକ୍ର ଏବଂ ଶାରୀରିକ କାର୍ଯ୍ୟକଳାପ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଫୋନ୍ ବ୍ୟବହାରର କୁପ୍ରଭାବ: ଏକ ଅଧ୍ୟୟନ ଅନୁଯାୟୀ, ଯଦି ପିଲାମାନେ ଫୋନ୍ ବ୍ୟବହାର କରନ୍ତି, ତେବେ ମସ୍ତିଷ୍କ ବିକାଶ ଦୁର୍ବଳ ହୋଇଯାଏ। କେବଳ ଏତିକି ନୁହେଁ, ଦୃଷ୍ଟି ଶକ୍ତିରେ ଦୁର୍ବଳତା, ଧ୍ୟାନ ବା ଏକାଗ୍ରତାର ଅଭାବ ସାଙ୍ଗକୁ ସ୍ୱାସ୍ଥ୍ୟ ମଧ ବିଗିଡ଼ିଯାଏ। ଆହୁରି ମଧ ଏହି କାରଣରୁ ପିଲାଟି ସାମାଜିକ ଯୋଗଯୋଗ କରିବାରେ ଦୁର୍ବଳ ହୋଇଯାଏ ଏବଂ ତା'ର ସୃଜନଶୀଳତା ଶକ୍ତି ହ୍ରାସପାଏ।



# ଆଣ୍ଡ୍ରଏଡ୍ ଫୋନ୍‌ରେ ବନ୍ଦ ହେବ ଆପ୍ ସାଇଡ୍‌ଲୋଡିଂ




ବିଶ୍ୱସ୍ତରରେ ସର୍ବାଧିକ ଲୋକପ୍ରିୟତା ହାସଲ କରିଥିବା ସ୍ମାର୍ଟଫୋନ୍ ଅପରେଟିଂ ସିଷ୍ଟମ୍ 'ଆଣ୍ଡ୍ରଏଡ୍'ର ବ୍ୟବହାରକାରୀଙ୍କ ପାଇଁ ଏକ ଅସ୍ୱସ୍ତିକର ପରିବର୍ତ୍ତନ ଆଣିବାକୁ ଯାଉଛି। ଏଣିକି ଆଣ୍ଡ୍ରଏଡ୍ ଫୋନ୍‌ରେ କୌଣସି ମନଲାଖି ଆପ୍‌କୁ ସାଇଡ୍‌ଲୋଡ୍ କରିବା ସମ୍ଭବ ହେବନାହିଁ। ଆଗରୁ ଜାରି ଥିବା ସହଜ ସାଇଡ୍‌ଲୋଡ୍ ପ୍ରକ୍ରିୟାକୁ ଗୁଗଲ୍ ଏକପ୍ରକାର ଅସମ୍ଭବ କରିଦେଇଛି। ଫଳରେ ବ୍ୟବହାରକାରୀମାନେ ନିଜ ପସନ୍ଦର ଆପ୍ଲିକେସନ୍‌ଗୁଡ଼ିକୁ କେବଳ ଗୁଗଲ୍‌ର 'ପ୍ଲେ ଷ୍ଟୋର'ରୁ ଡାଉନ୍‌ଲୋଡ୍ କରିବାକୁ ବାଧ ହେବେ। 'ପ୍ଲେ ଷ୍ଟୋର' ଛଡ଼ା ଅନ୍ୟ କୌଣସି ଉତ୍ସରୁ ଆପ୍ ଡାଉନ୍‌ଲୋଡ କରିବା ପ୍ରକ୍ରିୟାକୁ 'ସାଇଡ୍‌ଲୋଡିଂ' କୁହାଯାଏ। ଏହି ପଦକ୍ଷେପ ଦ୍ୱାରା କମ୍ପାନି ଲାଭ ବୃଦ୍ଧି କରିବା ସହିତ ବ୍ୟବହାରକାରୀଙ୍କ ଡେଟାର ସୁରକ୍ଷା କରିପାରିବ। ଗୁଗଲ୍ ତାହାର ସ୍ୱତନ୍ତ୍ର ପ୍ଲେ ଇଣ୍ଟିଗ୍ରିଟି ଏପିଆଇ (ଆପ୍ଲିକେସନ୍ ପ୍ରୋଗ୍ରାମିଂ ଇଣ୍ଟରଫେସ୍) ସାହାଯ୍ୟରେ 'ପ୍ଲେ ଷ୍ଟୋର' ମାଧ୍ୟମରେ ଡାଉନ୍‌ଲୋଡ୍ ହୋଇଥିବା ଆପ୍‌ଗୁଡ଼ିକ ବୈଧ ନା ନାହିଁ, ତାହା ଉପରେ ନିଘା ରଖିବ। ଯଦି ଆପ୍‌ଟି ଅନ୍ୟ କୌଣସି ଉତ୍ସରୁ ସାଇଡ୍‌ଲୋଡ୍ ହୋଇଥିବ, ତେବେ ସଂପୃକ୍ତ ଆପ୍ ଯେପରି ଆଉ କାର୍ଯ୍ୟ ନ କରେ, ଏହି ଏପିଆଇ ତାହା ମଧ ସୁନିଶ୍ଚିତ କରାଇବ। ଅବଶ୍ୟ ସମ୍ପ୍ରତି ସାଇଡ୍‌ଲୋଡିଂ ଓ ଅନ୍ୟାନ୍ୟ ବ୍ୟାପାର ଉପରେ ନଜର ରଖିବା ଲାଗି କମ୍ପାନି ଟେସ୍କୋ ଓ ବିକ୍ଲେଡ୍ ଏକ୍ସ ପରି ଆପ୍ ଦ୍ୱାରା ଏପିଆଇ ବ୍ୟବହାର ଜାରି ରଖିଛି। ଉଲ୍ଲେଖଯୋଗ୍ୟ, ଆପଲ୍ ଆଇଫୋନ୍‌ରେ କୌଣସି ଆପ୍ ତାହାର ନିଜସ୍ୱ ଆପ୍ ଷ୍ଟୋର ଛଡ଼ା ଅନ୍ୟ କେଉଁଠାରୁ ଡାଉନ୍‌ଲୋଡ୍ କରିବା ସମ୍ଭବ ହେଉ ନଥିବା ବେଳେ ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ୍ ଦ୍ୱାରା ପରିଚାଳିତ ଫୋନ୍‌ରେ ଖୁବ୍ ସହଜରେ ତଥା ସୁବିଧାରେ ଆପ୍ ସାଇଡ୍‌ଲୋଡ୍ ହୋଇପାରିଥାଏ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୦ ସେପ୍ଟେମ୍ବର ୨୦୨୪, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଓଡ଼ିଶାରେ ନିଯୁକ୍ତି ସୁଯୋଗ...

ଆମ ରାଜ୍ୟ ଆୟତନ ୧, ୫୫, ୭୦୭ ବର୍ଗ କି.ମି., ଯାହା ସମଗ୍ର ଭାରତ ଭୂଖଣ୍ଡର ଶତକଡ଼ା ୪.୮୭। ତନ୍ମଧ୍ୟରୁ ଦୀର୍ଘ ୪୮୦ କି.ମି. ପୂର୍ବ ସୀମାରେଖା ବଙ୍ଗୋପସାଗରକୁ ଲାଗି ରହିଛି। ରାଜ୍ୟର ପ୍ରମୁଖ ଖଣିଖାଦାନ କଥା ବିଚାରକୁ ନେଲେ ଜଣାଯାଏ ଯେ ଦେଶରେ ଥିବା ୨୮% ଲୁହାପଥର, ୨୪% କୋଇଲା, ୫୯% ବକ୍ସାଇଟ ଏବଂ ୯୮% କ୍ରୋମାଇଟ୍ ଓଡ଼ିଶାରେ ଗଚ୍ଛିତ ଅଛି। 'ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ'ର ରିପୋର୍ଟ ୨୦୨୧ ଅନୁଯାୟୀ ସମଗ୍ର ଦେଶରେ ୨୧.୭୧ ପ୍ରତିଶତ ବନାଞ୍ଚଳ ଥିବା ବେଳେ ଓଡ଼ିଶାରେ ତାହା ୩୩.୫୦ ପ୍ରତିଶତ। ଜଳସମ୍ପଦ ଦୃଷ୍ଟିରୁ ମଧ ଓଡ଼ିଶା ଆଖିଦୃଶିଆ ସ୍ଥାନ ଲାଭ କରିଛି। ଦେଶର ୧୧ ପ୍ରତିଶତ ଜଳସମ୍ପଦ କେବଳ ଆମ ରାଜ୍ୟରେ ଥିବାରୁ ଏହାର ସ୍ଥାନ ସ୍ୱତନ୍ତ୍ର। ଦୁଃଖର ବିଷୟ ଖଣି, ପାଣି, ବଣ ଓ ଜଳ ସମ୍ପଦରେ ପରିପୁଷ୍ଟ ଆମ ରାଜ୍ୟରେ ମାନବ ସମ୍ବଳର ବିକାଶ ସୂଚକାଙ୍କ ସେତେ ଉତ୍ସାହଜନକ ନୁହେଁ। ୨୦୨୩-୨୪ ଓଡ଼ିଶା ଇକୋନୋମିକ୍ ସର୍ଭେ ରିପୋର୍ଟ ଅନୁଯାୟୀ ଜାତୀୟସ୍ତରରେ ୩.୨ ପ୍ରତିଶତ ଲୋକ ବେକାର ଥିବା ବେଳେ ଆମ ରାଜ୍ୟରେ କିନ୍ତୁ ଏହା ୩.୯ ପ୍ରତିଶତ। ଯାହା ଫଳରେ ସର୍ବଭାରତୀୟ ବେକାରୀ ସୂଚକାଙ୍କର ଏହାର ସ୍ଥାନ ୨୧। ତେବେ ବେକାରୀ ସମସ୍ୟାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ରହିଛି। ସାଧାରଣ ଭାବେ ୧୬-୬୪ ବର୍ଷ ବୟସର ଲୋକମାନଙ୍କୁ କାର୍ଯ୍ୟକ୍ଷମ ଜନସଂଖ୍ୟା ହିସାବରେ ଗଣନା କରାଯାଏ। କିନ୍ତୁ ଅନେକ ସମୟରେ ୨୨-୨୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ପାଠପଢ଼ା ଚାଲୁଥିବାରୁ ସେମାନଙ୍କ ମଧ୍ୟରେ ବେକାରୀ ଖୋଜିବା କଷ୍ଟକର। ଦ୍ୱିତୀୟତଃ, ଅନେକ ମହିଳା ଗୃହିଣୀ ଭାବେ ଜୀବନ ବିତାଉଥିବା ବେଳେ ସେମାନଙ୍କ ପାଇଁ ଚାକିରି କରି ରୋଜଗାର କରିବା ଗୌଣ ଥାଏ ଏବଂ କେତେକ କ୍ଷେତ୍ରରେ ପରିବାରର ସହମତି ନ ଥିବା ହେତୁ ସେମାନଙ୍କୁ ବେକାରୀ ଭାବେ ଗଣନା କରିବା ତ୍ରୁଟିଯୁକ୍ତ ମନେହୁଏ। ଅନ୍ୟପକ୍ଷରେ ଲୋକମାନଙ୍କୁ ୫୦-୫୫ ବର୍ଷ ହୋଇଗଲେ ଯେତେବେଳେ ପିଲାମାନେ କାମରେ ଲାଗିଯାଆନ୍ତି ସେମାନେ ବାପା ମା' ଆଉ ମୂଳ ଲାଗନ୍ତୁ ବା ଅନ୍ୟ କୌଣସି କାମଧନ୍ଦା କରନ୍ତୁ ବୋଲି ଚାହିଁ ନ ଥା'ନ୍ତି। ବେକାରୀ ସମସ୍ୟାକୁ ସାଧାରଣ ଭାବେ ସମ୍ପୂର୍ଣ୍ଣ ବେକାରୀ ଓ ସାମୟିକ/ଋତୁଭିତ୍ତିକ ବେକାରୀ – ଏହିପରି ଦୁଇଭାଗରେ ବିଭକ୍ତ କରାଯାଇଥାଏ। କୃଷିକାର୍ଯ୍ୟ ଋତୁଭିତ୍ତିକ ହୋଇଥିବାରୁ କୃଷକମାନେ ସାମୟିକ ବେକାରୀ ଭାବେ ପରିଗଣିତ ହୋଇଥାଆନ୍ତି, ଯେଉଁମାନଙ୍କ ପାଇଁ ସ୍ଥାନୀୟ ସମ୍ବଳକୁ ବ୍ୟବହାର କରି ରୋଜଗାର ଭିତ୍ତିକ କାର୍ଯ୍ୟର ଆବଶ୍ୟକତା ଥାଏ। ଅନ୍ୟପକ୍ଷରେ ସହରାଞ୍ଚଳରେ ଥିବା ତଥାକଥିତ ଶ୍ରମ ବଜାରରୁ ପ୍ରତିଦିନ ଅନେକ ଶ୍ରମିକ କାମଧନ୍ଦା ନପାଇ ଘରକୁ ଫେରି ଯାଇଥାଆନ୍ତି। ସେମାନଙ୍କୁ କେଉଁପ୍ରକାରର ବେକାରୀରେ ସାମିଲ କରିବା ତାହା ଏକ ବିରାଟ ପ୍ରଶ୍ନବାଚୀ। ତେଣୁ ଆମକୁ ବୟସ, କର୍ମକୁଶଳତା ଏବଂ ବର୍ଷକୁ କେତେଦିନ ବେକାରୀ ରହୁଛନ୍ତି, ତାହାକୁ ତର୍ଜମା କରିବା ଦରକାର। ସାଧାରଣ ଭାବେ ଗାଁଗଣ୍ଡାରେ ଲୋକମାନେ କାମଧନ୍ଦା ଅଭାବରୁ ସହରାଭିମୁଖୀ ହୋଇଥାଆନ୍ତି। କିନ୍ତୁ ସହରରେ ବେକାରୀ ହାର ୩.୬ ପ୍ରତିଶତ ଥିବା ବେଳେ ଗ୍ରାମାଞ୍ଚଳରେ ଏହା ୬.୨ ପ୍ରତିଶତ। ଓଡ଼ିଶାରେ ୨୦୨୪ ମସିହା ମେ ମାସ ସୁଦ୍ଧା ରାଜ୍ୟରେ ଥିବା ବିଭିନ୍ନ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣ କରିଥିବା ସମୁଦାୟ ପୁରୁଷ ଏବଂ ମହିଳାଙ୍କ ସଂଖ୍ୟା ଯଥାକ୍ରମେ ୭, ୧.୫୩୦ ଓ ୩, ୮୬, ୯୬୬। ତେବେ ଏଥିରୁ ବିଭିନ୍ନ ବୟସର ବେକାରୀ ସଂଖ୍ୟା ହିସାବ କରିବାର ସମୟ ଉପଗତ। ସାଧାରଣ ଭାବେ ଆମ ସମାଜରେ ତିନିପ୍ରକାରର ଶ୍ରମିକ ଦେଖାଯାଆନ୍ତି ଯାହାଙ୍କୁ ଆମେ କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଭାବେ ନାମିତ କରିଥାଉ। ସେମାନେ ସାଧାରଣତଃ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ, ପ୍ଲେସ୍‌ମେଣ୍ଟ ଏଜେନ୍ସି, ଜ୍ଞାତିକୁଟୁମ୍ବ କିମ୍ବା ଚିହ୍ନାପରିଚୟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ବିଜ୍ଞାପନ ଜରିଆରେ କର୍ମସଂସ୍ଥାନ ପାଇବାରେ ସକ୍ଷମ ହୋଇଥାଆନ୍ତି। ସୁଖର ବିଷୟ ୨୦୦୮-୦୯ ରୁ ୨୦୨୩-୨୪ ମସିହା ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ୪୧୨ଟି ନିଯୁକ୍ତି ମେଳା ଆୟୋଜନ କରାଯାଇ ୨, ୦୫, ୯୮୦ ଜଣଙ୍କୁ ଚାକିରି ପ୍ରଦାନ କରାଯାଇଥିଲା। ସାଧାରଣତଃ ପାଣିପାଇପ, ଘରତିଆରି ମିସ୍ତ୍ରୀ, ବଢ଼େଇ, ମୂର୍ତ୍ତି କାରିଗର ତଥା ଇଲେକ୍ଟ୍ରି ମେକାନିକ୍‌ମାନଙ୍କର କର୍ମନିପୁଣତା ସେମାନଙ୍କ ପାଇଁ ବିଜ୍ଞାପନ। ତେଣୁ ସେମାନଙ୍କର ଚାକିରି ପାଇଁ ବିଜ୍ଞାପନ ଦେବା କିମ୍ବା ବିଜ୍ଞାପନକୁ ବ୍ୟବହାର କରି ଚାକିରି ପାଇବାର ଆବଶ୍ୟକତା ପ୍ରାୟତଃ ନଥାଏ। କିନ୍ତୁ ଅଣକୁଶଳୀ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକମାନେ ବିଭିନ୍ନ ଶ୍ରମିକ ଠିକାଦାରଙ୍କ ଦ୍ୱାରା ପ୍ରଲୋଭିତ ହୋଇ ରାଜ୍ୟ ବାହାରକୁ ଦାଦନ ଖଟିବା ପାଇଁ ଯାଇଥାଆନ୍ତି, ଯାହାର ହିସାବ ନା ପଞ୍ଚାୟତ ପାଖରେ ଥାଏ ନା ରାଜ୍ୟ ସରକାରଙ୍କ ପାଖରେ ଥାଏ। କେବଳ ଯେତେବେଳେ ସେମାନଙ୍କ ଉପରେ ଶାରୀରିକ ଓ ମାନସିକ ନିର୍ଯାତନା ହୁଏ ତାହା ମୁଖ୍ୟ ସମ୍ବାଦରେ ପ୍ରକାଶ ପାଏ। ଉକ୍ତ ସମସ୍ୟାର ସମାଧାନ ପାଇଁ ପ୍ରଥମରୁ ଶ୍ରମିକମାନେ ବାହାରକୁ କାମଧନ୍ଦା ଉଦ୍ଦେଶ୍ୟରେ ଯିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ କିମ୍ବା ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କୁ ଅବଗତ କରିବା ଆବଶ୍ୟକ।

# ନିର୍ବାଚନ ସଂସ୍କାର ପ୍ରସ୍ତାବ



## ଜୟନାରାୟଣ ମହାପାତ୍ର

ଆମ ଦେଶ ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର; କିନ୍ତୁ ଦୀର୍ଘ ୭୭ ବର୍ଷର ସ୍ୱାଧୀନତା ପରେ ବି ଆଜି ଯଦି ଗଣତନ୍ତ୍ରର ପରିଭାଷାକୁ ବିଶେଷଣ କରାଯାଏ, ଏହା ଯେ କ୍ରମଶଃ ଅବକ୍ଷୟମୁଖୀ, ଏଥିରେ କେହି ଦ୍ୱିମତ ହେବେ ନାହିଁ । ଗଣତନ୍ତ୍ର କହିଲେ ମୂଳତଃ, ଗଣ ସମର୍ଥିତ ଏବଂ ଜନଗଣଙ୍କ ଦ୍ୱାରା ଜନଗଣଙ୍କ ପାଇଁ ଏକ ସୁଶୃଙ୍ଖଳିତ ଶାସନ ବ୍ୟବସ୍ଥା ଯେଉଁଠି ଆଇନର ଶାସନ ପ୍ରଚଳିତ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନିର୍ବାଚନ (ଲୋକମତ ସଂଗ୍ରହ) ହେଉଛି ପ୍ରଧାନ କାର୍ଯ୍ୟ ଯାହାକୁ ଅବାଧ, ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ସାମ୍ବିଧାନିକ ବିଧି ବ୍ୟବସ୍ଥା ଭିତ୍ତିରେ ନ୍ୟାୟପାଳିକା, କାର୍ଯ୍ୟପାଳିକା, ବିଧାୟିକା ଓ ସଂଘର ମାଧ୍ୟମଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଦେଶରେ ନିର୍ବାଚନ ଅତ୍ୟନ୍ତ ନ୍ୟାୟବହୁଳ ହୋଇପଡ଼ିଛି । ତେଣୁ ସମୟ ଆସିଛି, ଦେଶର ବୁଦ୍ଧିଜୀବୀ, ଦେଶପ୍ରେମୀ ଓ ସଚେତନ ନାଗରିକଗଣ ଏକ ସଶକ୍ତ ନିର୍ବାଚନ ସଂସ୍କାର ପ୍ରଚଳନ ପାଇଁ ଭାରତ ସରକାରଙ୍କଠାରେ ନିଜର ଦାବି ଉପସ୍ଥାପନ କରିବା ପାଇଁ ଏବଂ ନ୍ୟାୟ ବହୁଳ ନିର୍ବାଚନ ବ୍ୟବସ୍ଥାର ଅବସ୍ଥାନ ଘଟାଇବା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବା । ଆଜି ସମସ୍ତେ ଅନୁଭବ କଲେଣି ଏଇ ବ୍ୟୟବହୁଳ ଭୋଟ ରାଜନୀତି ହିଁ ସମସ୍ତ ଦୁର୍ନୀତିର ମୂଳ କାରଣ । ଆମ ଦେଶ ପାଇଁ ଆଜିର ଆହ୍ୱାନ ଓ ଆକାଙ୍କ୍ଷିତ ନିର୍ବାଚନ ସଂସ୍କାରର ରୂପରେଖ ଏହିପରି ହୋଇପାରେ ।

୧) ଲୋକସଭା, ବିଧାନସଭା, ପୌର ଓ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ନିର୍ବାଚନ ପ୍ରଚଳିତ ପ୍ରତି ପାଞ୍ଚ ବର୍ଷ ପରିବର୍ତ୍ତେ ପ୍ରତି ୪ ବର୍ଷରେ ଓ ନିର୍ଦ୍ଦିଷ୍ଟ ତାରିଖରେ ୩୦ ଦିନ ଭିତରେ ଅନୁଷ୍ଠିତ ହେବାର ବ୍ୟବସ୍ଥା ହେବା ଉଚିତ ।(୨) ଲୋକସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଦିବସ ମେ ମାସର ୨ୟ ରବିବାରରେ ଆରମ୍ଭ ହୋଇ ତିନି ତିନି ଦିନ ଅନ୍ତରରେ ୩ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ୪ର୍ଥ ରବିବାର ଦିନ ନୂତନ ସରକାର ଗଠନ କରିବା ପାଇଁ ସ୍ଥିର କରାଯାଉ ।(୩) ପ୍ରାର୍ଥୀ ପତ୍ର ଦାଖଲଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସମୟ ଅବଧି ୪୫ଦିନ ମଧ୍ୟରେ ସୀମିତ ରହୁ ଏବଂ ଏପ୍ରିଲ ଓ ମେ ମାସକୁ ନିର୍ବାଚନ ମାସ ଭାବେ ଗଣନା କରାଯାଉ। (୪) କୌଣସି ପରିସ୍ଥିତିରେ ଗ୍ରହଣ ଅବଧି ହ୍ରାସ କିମ୍ବା ବୃଦ୍ଧି କରାଯାଇ ପାରିବ ନାହିଁ କିମ୍ବା ୪ ବର୍ଷ ପୂର୍ବରୁ ଗୃହ ଭାଙ୍ଗି ସାନି ନିର୍ବାଚନ କରାଯିବ ନାହିଁ ।(୫) ଲୋକସଭା ନିର୍ବାଚନ ବର୍ଷର ଏପ୍ରିଲ ଓ ମେ ମାସ ଦେଶର ଶାସନ ଭାର ସୁପ୍ରିକୋର୍ଟ ପ୍ରଧାନ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମରିକ ମୁଖ୍ୟ (ସିଭିଏସ୍) ତୁଲାଇବାର ବ୍ୟବସ୍ଥା ଗ୍ରହଣ କରାଯାଉ । (୬) ୧୦ଟିରୁ ଅଧିକ ଲୋକସଭା ଆସନ ଥିବା ରାଜ୍ୟରେ ୨ରୁ ୩ ପର୍ଯ୍ୟାୟରେ ନିର୍ଦ୍ଦିଷ୍ଟ ଭୋଟ ଦାନ ଦିବସରେ ସକାଳ ୭ରୁ ସନ୍ଧ୍ୟା ୭ ଟା ମଧ୍ୟରେ ଭୋଟ ଗ୍ରହଣ କରାଯାଉ ଯେମିତି ସବୁ ରାଜ୍ୟରେ କିଛି କିଛି ଆସନ ପାଇଁ ଭୋଟ ଦାନ ଅନୁଷ୍ଠିତ ହେବ ।(୭) ଲୋକସଭା ନିର୍ବାଚନ ଶେଷ ହେବାର ଠିକ୍ ୨ବର୍ଷ ପରେ ସମସ୍ତ ରାଜ୍ୟ ବିଧାନସଭାର ନିର୍ବାଚନ ଲୋକସଭା ନିର୍ବାଚନ ପଦ୍ଧତିରେ ଅନୁଷ୍ଠିତ ହେଉ ଏବଂ ସମ୍ପୃକ୍ତ ରାଜ୍ୟ ଉଚ୍ଚନ୍ୟାୟାଳୟର ପ୍ରଧାନ ବିଚାରପତି/ ବିଚାରପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉ ।

(୮) ବିଧାନସଭା ନିର୍ବାଚନ ଶେଷ ହେବାର ଠିକ୍ ଏକ ମାସ ମଧ୍ୟରେ ପଞ୍ଚାୟତିରାଜ, ପୌର ଓ ସମବାୟ ଅନୁଷ୍ଠାନମାନଙ୍କରେ ନିର୍ବାଚନ ଦଳୀୟ ଚିହ୍ନ ଭିତ୍ତିରେ ଅନୁଷ୍ଠିତ ହେଉ ଓ ଦଳ ବଦଳ ନିଷେଧ ଆଇନ ଲାଗୁ ହେଉ ।(୯) ଲୋକ ପ୍ରତିନିଧି ମୂଳକ ଅନୁଷ୍ଠାନରେ ମୁଖ୍ୟ ଘର ପାଇଁ ସିଧାସଳଖ ଭୋଟରରଙ୍କ ଦ୍ୱାରା ନିର୍ବାଚନ କରାଯାଉ ଓ ଗ୍ରାମ ପଞ୍ଚାୟତରେ ଥିବା ପଞ୍ଚାୟତ ସମିତି ସଭ୍ୟ ପଦକୁ ଉଚ୍ଛେଦ କରାଯାଉ। (୧୦) ଲୋକସଭା ଓ ବିଧାନସଭା ନିର୍ବାଚନରେ ଅଂଶଗ୍ରହଣକାରୀ ସମସ୍ତ ରାଜନୈତିକ ଦଳ ଏକ ନିର୍ଦ୍ଦିଷ୍ଟ ଦିନ ଓ ନିର୍ଦ୍ଦିଷ୍ଟ ସମୟରେ ନିଜ ନିଜର ନିର୍ବାଚନୀ ଇସ୍ତାହାର ଓ ପ୍ରାର୍ଥୀ ତାଲିକା ଘୋଷଣା କରିବାର ବ୍ୟବସ୍ଥା ହେଉ । (୧୧) ଜନସାଧାରଣ ପାଇଁ କୌଣସି ନୂତନ ଯୋଜନା କରିବାକୁ ହେଲେ ସରକାରୀ ଦଳ ନିର୍ବାଚନ ତାରିଖର ୭ ମାସ ପୂର୍ବରୁ ଘୋଷଣା କରିବାର ବ୍ୟବସ୍ଥା ହେଉ । (୧୨) କାମଚଳା ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ (ନିର୍ବାଚନ ସମୟରେ) ନିର୍ବାଚନ ପ୍ରଚାର ପାଇଁ କୌଣସି ସରକାରୀ ସୁବିଧା ବ୍ୟବହାର କରିବେ ନାହିଁ । (୧୩) ନିର୍ଦ୍ଦିଷ୍ଟ ବ୍ୟକ୍ତି, ଜାତି, ଧର୍ମ, ଗୋଷ୍ଠୀ କିମ୍ବା ଅଞ୍ଚଳ ଭିତ୍ତିରେ କୌଣସି ରଜନୈତିକ ଦଳର ନାମକରଣ କରାଯାଇପାରିବ ନାହିଁ ।(୧୪) ପ୍ରାର୍ଥୀ ପତ୍ର ଦାଖଲ ପାଇଁ ଯିବା ବେଳେ ପ୍ରାର୍ଥୀମାନେ କୌଣସି ଶୋଭାଯାତ୍ରା ବା ରାଲି କରିବେ ନାହିଁ । ନିର୍ବାଚନ ପରେ ବିଜୟ ଉତ୍ସବ ପାଇଁ ମଧ ଶୋଭାଯାତ୍ରା ବା ରାଲି ନିଷେଧ କରାଯିବା ଉଚିତ । (୧୫) କୌଣସି ସରକାରୀ ବା ବେସରକାରୀ କର୍ମଚାରୀ କିମ୍ବା କୌଣସି ସାମ୍ବିଧାନିକ ଅନୁଷ୍ଠାନର କର୍ମକର୍ତ୍ତା ସକ୍ରିୟ ନିର୍ବାଚନ ରାଜନୀତିରେ ଭାଗ ନେବାକୁ ଇଚ୍ଛା କରୁଥିଲେ, ନିର୍ବାଚନ ତାରିଖର ୬ ମାସ ପୂର୍ବରୁ ନିଜ ନଜ ପଦରୁ ଇସ୍ତଫା ଦେବେ ।

(୧୬) କୌଣସି ଦଳୀୟ ନେତା ଦଳରୁ ବହିଷ୍କୃତ ହେଲେ ବା ଦଳରୁ ଇସ୍ତଫା ଦେଲେ ସେମାନେ ସେହିଦିନ ଠାରୁ ପରବର୍ତ୍ତୀ ୨ବର୍ଷ ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳରେ ସାମିଲ ହୋଇପାରିବେ ନାହିଁ ଏବଂ ସେମାନଙ୍କର ସଭାପତି ସେହି ଦିନଠାରୁ ଭାଗ ହେବ । (୧୭) ନିର୍ଦ୍ଦଳୀୟ ପ୍ରାର୍ଥୀ ଭୋଟ୍ ଦାନ କରିଥିବା ମୋଟ ଭୋଟର ସଂଖ୍ୟାର ଏକଦଶତାଂଶ ନ ପାଇଲେ ବିଧାନସଭା ପାଇଁ ୫ଲକ୍ଷ ଓ ଲୋକସଭା ପାଇଁ ୧୦ ଲକ୍ଷ ଟଙ୍କା ଜୋରିମାନା ତେବେ ଏବଂ ଆସନ୍ତା ୫ ବର୍ଷ ପାଇଁ କୌଣସି ସକ୍ରିୟ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ ନାହିଁ, ଏଥି ପାଇଁ ଆଇନ ପ୍ରଣୀତ ହେଉ । (୧୮) ଭୋଟରମାନଙ୍କ ପାଇଁ ବାଧ୍ୟତାମୂଳକ ଭୋଟ ଦାନର ବ୍ୟବସ୍ଥା ହେଉ । ବିନା କୌଣସି କାରଣରେ ଭୋଟ ନଦେଲେ ପାଞ୍ଚ ବର୍ଷ ପାଇଁ ନାଗରିକ ଅଧିକାରରୁ ବଞ୍ଚିତ କରାଯିବ । (୧୯) କୌଣସି ବ୍ୟକ୍ତି କୌଣସି ପଦପଦବୀରେ ସର୍ବାଧିକ ୨ଥର କିମ୍ବା ସର୍ବାଧିକ ୮ବର୍ଷ ରହିପାରିବାର ନୀତି ହେଉ ଯାହାକି ୭୦ବର୍ଷ ବୟସ ମଧ୍ୟରେ ସୀମିତ ରହିବ । ପ୍ରାର୍ଥୀଙ୍କର ନ୍ୟୁନତମ ବୟସରୁ ୩୦ବର୍ଷ ରଖାଯାଉ । (୨୦) ପ୍ରାର୍ଥୀଙ୍କର ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତା (ଏମଏଲଏ/ଏମଏଲସି/ଏମପି) ପାଇଁ ସ୍ନାତକ ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ, ସମବାୟ ଓ ପୌରପାଳିକା ନିର୍ବାଚନ ପାଇଁ +୨ ରଖାଯାଇ ଓ ସେମାନଙ୍କର ସନ୍ତାନ ସନ୍ତତି ୨ରେ ସୀମିତ ରହୁ । (୨୧) ନିର୍ବାଚିତ ବ୍ୟକ୍ତି ବିଶେଷଙ୍କୁ ଗୋଟିଏ ମାତ୍ର ପେନ୍‌ସନ ଦିଆଯାଉ ଏବଂ ସରକାରୀ ଶ୍ରେଣୀଭୁକ୍ତ କରାଯାଉ । (୨୨) ପ୍ରତ୍ୟେକ ଭୋଟରକେନ୍ଦ୍ରରେ ଭୋଟଦାନ ଦିନ ଭିଡିଓ ରେକର୍ଡିଂ ହେଉ । (୨୩) କୌଣସି ବ୍ୟକ୍ତି କୌଣସି ଏକ ପଦରେ ଥାଇ ଅନ୍ୟ ଏକ ପଦ ପାଇଁ ପ୍ରାର୍ଥୀ ହେବାକୁ ଚାହିଁଲେ, ପ୍ରଥମେ ଇସ୍ତଫା ଦେବେ ଏବଂ ଉକ୍ତ ପଦ ପାଇଁ ହୋଇଥିବା ସମସ୍ତ ଖର୍ଚ୍ଚ ନିଜ ଅର୍ଥରୁ ଭରଣା କରିବେ । (୨୪) ନିର୍ବାଚନରେ ବିଜୟୀ ହେବା ପାଇଁ ହେଲେ ମୋଟ ଭୋଟଦାନର ଅର୍ଦ୍ଧାଧିକ ଭୋଟ ପାଇବା ବିଧେୟ ନ ପାଇଥିଲେ ଭୋଟ ପାଇବା ବିଧେୟ ନ ପାଇଥିଲେ ଭୋଟ ଗଣତିର ୭ ଦିନ ମଧ୍ୟରେ ଶୀର୍ଷ ୨ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଆଉ ଥରେ ଭୋଟ ଗ୍ରହଣର ବ୍ୟବସ୍ଥା ହେବ ଓ ଫଳାଫଳ ସମାନ ହେଲେ ଧର୍ମଯୋଡ଼ା ପଦ୍ଧତି ବ୍ୟବହୃତ ହେବ । (୨୫) କୌଣସି ସରକାରୀ ଅନୁଷ୍ଠାନରେ ପ୍ରଚାରପତ୍ର ମାରିବା ନିଷେଧ ହେଉ ଏବଂ ନିର୍ବାଚନ ପ୍ରଚାର ସମୟ ଦିନ ୯ରୁ ସନ୍ଧ୍ୟା ୬ଟା ମଧ୍ୟରେ ବିନା ଶବ୍ଦ ପ୍ରଦୂଷଣରେ ଅନୁଷ୍ଠିତ ହେଉ । (୨୬) ନିର୍ବାଚନ ପ୍ରଚାରରେ କୌଣସି ପ୍ରକାର ବ୍ୟକ୍ତିଗତ ଘୃଣା, ଜାତି, ଧର୍ମ ସମ୍ବନ୍ଧୀୟ କୌଣସି ପ୍ରକାରର ଅପଶବ୍ଦ ବ୍ୟବହାର କଲେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପ୍ରାର୍ଥିତ୍ୱ ରଦ୍ଦ ହେଉ । (୨୭) ପ୍ରତ୍ୟେକ ପ୍ରାର୍ଥୀ ନିଜର ବ୍ୟକ୍ତିଗତ ବିବରଣୀ ଉଲ୍ଲେଖ ଥାଉ ପ୍ରତ୍ୟେକ ଗ୍ରାମରେ/ ୱାର୍ଡରେ ଦୁଇଟି ମାତ୍ର ପୋଷ୍ଟର ଲଗାଇବେ । (୨୮) ପ୍ରାର୍ଥୀ ନିଜର ପ୍ରଚାର ପାଇଁ ନିର୍ବାଚନରେ କରିଥିବା ଖର୍ଚ୍ଚର ସମ୍ପୂର୍ଣ୍ଣ ବିବରଣୀ ଓ ଅର୍ଥ ପ୍ରାପ୍ତିର ଉତ୍ସ ସମ୍ପର୍କରେ ଜଣାଇବେ । (୨୯) ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ମୋକଦ୍ଦମାର ସମାଧାନ ସ୍ୱତନ୍ତ୍ର ନିର୍ବାଚନ ଅଦାଲତରେ ସମ୍ପନ୍ନ ହେବ । (୩୦) ନିର୍ବାଚନ ସମୟରେ ଇସ୍ତାହାରରେ ଦେଇଥିବା ବିଭିନ୍ନ ପ୍ରତିଶ୍ରୁତି ନିର୍ଦ୍ଦିଷ୍ଟ ସମସ୍ତ ସୀମା ମଧ୍ୟରେ ପୂରଣ କରିବା ପାଇଁ ଅଙ୍ଗୀକାରବଦ୍ଧ ରହିବେ, ମିଥ୍ୟ ପ୍ରତିଶ୍ରୁତି ପାଇଁ ସଭ୍ୟପଦ ରଦ୍ଦ ହେବାର ନୀତି ନିର୍ଦ୍ଧାରିତ ହେବା ଉଚିତ୍ ଏବଂ ଆଗାମୀ ୧୦ବର୍ଷ ପାଇଁ କୌଣସି ନିର୍ବାଚନରେ ପ୍ରାର୍ଥୀ ହେବାରୁ ବଞ୍ଚିତ କରାଯିବାର ବ୍ୟବସ୍ଥା ହେବା ଉଚିତ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ବିପ୍ରଶାପ



## ଅଜୟ କୁମାର ବେହେରା

ବିପ୍ର ଚିହ୍ନଟ ପାଇଁ ଲୋକାଚାରକୁ ଗଲେ ଜାଣିବାକୁ ମିଳିବ ଯେଉଁମାନେ ଶୁଦ୍ଧ ସଂସ୍କାରିତ ଜୀବନ ବିତାନ୍ତି ଉପନୟନ କାର୍ଯ୍ୟ ତାଙ୍କର ହେଉଥାଏ। ବିଦ୍ୟାର୍ଜନ ପରେ ଗୁରୁଙ୍କ ଦ୍ୱାରା ଶକ୍ତି ପ୍ରାପ୍ତ ହୋଇଥାନ୍ତି। ଅନେକ ପ୍ରକାର ଭୌତିକ ଜିନିଷ ପ୍ରତି ଲୋଭସକ୍ତ ନୁହଁନ୍ତି। ପୁରୁଷ ହୋଇ କାମାତୁର ହୋଇ ଅନ୍ୟର ନାରୀ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ। ଜୀବନରେ ଏକ ଲୟ ଈଶ୍ୱର ପ୍ରାପ୍ତି ବା ସାନ୍ନିଧ ଲାଭ ଯଜନ ଯାଜନ ଅଧ୍ୟୟନ ତାଙ୍କର ବୃତ୍ତି ହୋଇଥାଏ। ତାଙ୍କର ଆଶୀର୍ବାଦ କରିବା କ୍ଷମତା ସହିତ ଅଭିଶାପର କ୍ଷମତା ରହିଛି ଯାହା ଆଶୁ କାର୍ଯ୍ୟକାରୀ ହୋଇଥାଏ। ଏ ଯୁଗରେ ଲୋକେ ଦେଖୁଥିବା ଅପେରା ଡ୍ରାମା ଓ ଫିଲ୍ମ, ଟିଭି, ମୋବାଇଲରେ ସେହି ପୂର୍ବ ଯୁଗର କଳ୍ପିତ ବିପ୍ର ଋଷି ମୁନୀଙ୍କର ରୂପରେଖ ଦେଖିବାକୁ ମିଳୁଛି। ପ୍ରକୃତରେ ବସ୍ତ୍ର ପରିଚ୍ଛଦ ବେଳକୁ ବେଳ ସଂସ୍କାରିତକୁ ରୂପର ସଂଦର୍ଶନ ସଂସ୍କାରିତ ହେବା ସହିତ ପ୍ରାକ ବିଦ୍ୟାଧ୍ୟୟନ ସଂସ୍କାରିତ ହୋଇ ଚାଲିଛି। ଋଷିବା ଗୁଣରୁ ଋଷି, ମାନିନେବା କଥାରୁ ମୂନୀ ଶବ୍ଦର ଉତ୍ପତି। ବିଦ୍ୟା ଓ ପନ୍ଥାରେ ବ୍ୟତିକ୍ରମ ଥିବା ଉପଲବ୍ଧି କରି ତାର ସଂସ୍କାର ପନ୍ଥି ମାନେ ହିଁ ଋଷି। ଯେଉଁ ପରମ୍ପରା ଶାସ୍ତ୍ର ବିଧାନ ପେନାଲ କୋର୍ଡ଼ ଶିକ୍ଷା ପଦ୍ଧତି ଧର୍ମ ଧାରା ବଳବତ୍ତର ରହିଛି ତାହା ହେଉଛି ମୁନୀ ମାର୍ଗ। ଏଥିରେ ଯେ ବ୍ରତୀ କାର୍ଯ୍ୟରତ ସେମାନେ ମୁନୀ। ଏହା ଦୁଇ ବିପ୍ରର ମାର୍ଗ କାରଣ ସ୍ଥାନ ସଂସ୍କାର ଉପନୟନ ଶିକ୍ଷା ମନ୍ତ୍ରଗ୍ରହ ଶକ୍ତି ପାତ ଏମାନଙ୍କର ହୋଇଥାଏ। ବିଦ୍ୟାଳୟ କଲେଜ ଇଣ୍ଟରଭ୍ୟୁ ପ୍ରଭୃତି ଦେଇ ଏମାନେ ମୂଳରୁ ଆସିଥାନ୍ତି। ଜଣେ ବିଚାରପତି, ଜଣେ ପୋଲିସ, ଆଇଏଏସ ଅଫିସର, ଋଷିଚର୍ଯ୍ୟାର କର ବ୍ୟତିକ୍ରମ ଦେଖିଲେ ବା ଭାବିଲେ ସାଥି ସାଥି କର୍ମକାର୍ଯ୍ୟ କରୁଛନ୍ତି। ଏମାନେ ଆଦେଶକଲେ ଯେଉଁମାନେ ମାନି ତାକୁ ପାଳନ କରୁଛନ୍ତି ସେମାନେ ମୁନୀ। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଏମାନେ ଋଷି, ଏମପି, ଏମଏଲଏ ଏମାନେ ମୁନୀ ଏପରି ଧାରାରେ ଏ ସଂସାର ପ୍ରକ୍ରିୟା ଏବେ ଚାଲିଛି। ହେଲେ ପୂର୍ବ ରୂପ ପୋଷାକ ପରିବର୍ଜନ ହୋଇଛି। ଋଷି ମୁନୀଙ୍କର ଜଙ୍ଗଲ କାନନ ବାସ ଏବେ ସହରି ବସରେ ପରିଣତ ହୋଇଛି। ଶିକ୍ଷକମାନେ ଋଷି, ଛାତ୍ରଛାତ୍ରୀମାନେ ମୁନୀ ଭାବରେ ଏବେ ବୁଝା ପଡୁଛି।

ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କର ଅନେକ ପତ୍ନୀ ବା ରାଣୀ ମହାରାଣୀ ତାଙ୍କର ସନ୍ତାନମାନେ ଅଭୟରେ ଦ୍ୱାରିକାରେ ବିଚରଣ କରୁଥିଲେ। ଦ୍ୱାରିକା ସହରର ନଗର ଏହାର ରାଜପଥରେ ବନବାସୀ ଋଷିମୁନୀ ଯାତ୍ରା କରୁଥିଲେ ଶ୍ରୀକୃଷ୍ଣ ପୁଅମାନେ ପଢ଼ିଛନ୍ତି ଶୁଣିଛନ୍ତି ଏଇ ବିପ୍ରମାନେ ଭବିଷ୍ୟତ ବାଣୀ କରନ୍ତି ଏହାକୁ ପରିହାସ କରିବା ମାନସରେ ଏକ ନାଟକବାଜୀ ଶ୍ରୀକୃଷ୍ଣ କୁମାରମାନେ ଏକ ମାୟା ଗର୍ଭବତୀ ରୂପର ଯୁବକକୁ ଯୁବତୀ ରୂପେ ସଜାଇ ବିପ୍ର ମାନଙ୍କୁ ପ୍ରଶ୍ନ କଲେ ଏହି ନାରୀର ଗର୍ଭ ବହୁଦିନ ହେଲାଣି ସମୟ ଅତିକ୍ରାନ୍ତ ଏ କେବେ ସନ୍ତାନ କରିବ ? ଏସବୁ ମିଥ୍ୟା ରଟନା ମାୟାବୀ ବା ଯମ ବିପ୍ରମାନେ ବାକସିଦ୍ଧ ସେମାନଙ୍କ ଏଇ ଠକ କଥାରେ ବିରକ୍ତ ହୋଇ ସଜ ହୋଇ ଗର୍ଭବତୀର ପେଟ ବଢ଼ାଇବା ମାର୍ଗଟି ବୁଝିନେଇ କହିଥିଲେ ଏ ଲୌହ ଜନ୍ମ ଦେବ ଓ ଏ ଲୌହରେ ବଂଶ ସମୂଳେ ଧ୍ୱଂସ ହେବ। ପ୍ରକୃତରେ ତାହା ହିଁ ହୋଇଥିଲା। କୌଣସି ପ୍ରତିକାର କାମ କରିନଥିଲା। ଶ୍ରୀକୃଷ୍ଣ ରାଜା ତାଙ୍କର ଔରସ ଜାତ ହୁଅନ୍ତୁ ବା ଭିନ୍ନ ଭାବରେ ପ୍ରଜାଦି ସନ୍ତାନ ହୁଅନ୍ତୁ ବହୁବର୍ଷ ଅଭୟ ପ୍ରଶାସନରେ ରହି ଏତେ ବିଶୃଙ୍ଖଳିତ ହୋଇଥିଲେ ହିତାହତ ଜ୍ଞାନ ଶୂନ୍ୟ କାର୍ଯ୍ୟ କରିବାକୁ ଦ୍ୱିଧା କରୁନଥିଲେ। ଶେଷରେ ଏହି ବିପ୍ରଶାପରେ ସମସ୍ତ ବ୍ୟବସ୍ଥା ଶେଷ ହୋଇଥିଲା। ଏପରି ଏକ ରାଜ, ପ୍ରଶାସନ, ପ୍ରତାପୀ ବୋଲାଉଥିବା ବା ପ୍ରତାପୀ ହୋଇ ରହିଥିବା ଶାସନ ଏମିତି ପରମ୍ପରାରେ ଆସିଯାଏ। ଏଥିରେ ଅନେକ ଅତିଷ୍ଠ ହୁଅନ୍ତି। ଏଇ ବିପ୍ର ମୁନୀ ଋଷି

ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କର ଅନେକ ପତ୍ନୀ ବା ରାଣୀ ମହାରାଣୀ ତାଙ୍କର ସନ୍ତାନମାନେ ଅଭୟରେ ଦ୍ୱାରିକାରେ ବିଚରଣ କରୁଥିଲେ। ଦ୍ୱାରିକା ସହରର ନଗର ଏହାର ରାଜପଥରେ ବନବାସୀ ଋଷିମୁନୀ ଯାତ୍ରା କରୁଥିଲେ ଶ୍ରୀକୃଷ୍ଣ ପୁଅମାନେ ପଢ଼ିଛନ୍ତି ଶୁଣିଛନ୍ତି ଏଇ ବିପ୍ରମାନେ ଭବିଷ୍ୟତ ବାଣୀ କରନ୍ତି ଏହାକୁ ପରିହାସ କରିବା ମାନସରେ ଏକ ନାଟକବାଜୀ ଶ୍ରୀକୃଷ୍ଣ କୁମାରମାନେ ଏକ ମାୟା ଗର୍ଭବତୀ ରୂପର ଯୁବକକୁ ଯୁବତୀ ରୂପେ ସଜାଇ ବିପ୍ର ମାନଙ୍କୁ ପ୍ରଶ୍ନ କଲେ ଏହି ନାରୀର ଗର୍ଭ ବହୁଦିନ ହେଲାଣି ସମୟ ଅତିକ୍ରାନ୍ତ ଏ କେବେ ସନ୍ତାନ କରିବ ?

ଜ୍ଞାନୀମାନେ ଆକ୍ରାନ୍ତ ହେଲେ ସମଗ୍ର ବ୍ୟବସ୍ଥା ଇତିହୁଏ। ଏମିତି ମୋଗଲ ବ୍ୟବସ୍ଥା ଯାଇଛି, ବିଟ୍ରିଶ ବ୍ୟବସ୍ଥା ଯାଇଛି, ମରହଟ୍ଟା ମୁସଲିମ ପ୍ରଶାସନର ନବାବ, ନିଜାମ ସୁଲତାନ ଶାସନ ଟଳିଛି। କଂଗ୍ରେସ ଶାସନ ଭଳି ସୁଦୃଢ଼ ଶାସନ ବଦଳିଛି, ପଶ୍ଚିମବଙ୍ଗର କମ୍ୟୁନିଷ୍ଟ ଶାସନ ବଦଳିଛି ଏବେ ବିଜେଡ଼ି ଶାସନରେ ସେହି ଅବସ୍ଥା ଆସିଛି।

ଉପଯୁକ୍ତ ବିଜ୍ଞ ବିଦ୍ୱାନଙ୍କୁ ଅବହେଳା କରିଲେ ବିପ୍ରଶାପ ଆସିବ ହିଁ ଆସିବ। ଏହାର ଜଡ଼ ଖୋଜି କର୍ତ୍ତାମାନେ ଶରଣାପନ୍ନ ହେବା ଦରକାର। ରାଜ ପାରିଷଦ ପରି ଜ୍ଞାନୀ ପରିଷଦ ଏ ସମୟରେ ନିଶ୍ଚେ ଆବଶ୍ୟକ। ହିତାୟତ ବିଚାରପତି ଓକିଲ, ଅର୍ଥନୀତିଜ୍ଞ, ପ୍ରଫେସର, ପୋଲିସ ଅଧିକର୍ତ୍ତା ବୟସ କୃଷକ, ଚିକିତ୍ସକ, ସେନାପତି ପୁରାତନ ସମୟ ଭୋକ୍ତା ରାଜନେତା ଏମାନଙ୍କ ପାଇଁ ଶାସନରେ ଉପଦେଷ୍ଟା ରଖାଯିବା ଦରକାର। ମନ୍ତ୍ରୀ କରାଯିବା, ବିଭାଗୀୟ ସଚିବ କରାଯିବା ମନା ନାହିଁ, ଏମାନେ ଉଦ୍ଦିଷ୍ଟ ବିଭାଗୀୟ ସମସ୍ୟା ପୂର୍ବରୁ କେମିତି ଅବଗତ ହେବେ ତା ପାଇଁ କିଛି ତାଲିକା ହେବା ଦରକାର। ପଦବୀ ଧରିଲେ ବିଦ୍ୟା ମନକୁ ଆସେନାହିଁ। ଏଥିରେ ଅଭିଜ୍ଞ ଓ ବ୍ୟବସ୍ଥାରେ କେଉଁଠି ବ୍ୟତିକ୍ରମ ରୋକ ରହିଛି ଜାଣିବା ଦରକାର। ନହେଲେ ରାଜ୍ୟର ପାପ ରାଜା ମୁଣ୍ଡକୁ ଆସିଯିବ।

ବରେଣ୍ୟ ବାଣୀ' ପିସି ସରକାର
ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ : ୯୪୩୭୦୩୧୨୫୩




## ଅସହିଷ୍ଣୁ ଶବ୍ଦମାନେ

### ସୁଧାକର ରାଉତ



ଅନୁରାଗ ଭରା ଶବ୍ଦ ମାନେ
ଖସିଯାଆନ୍ତି ଅସ୍ଥିର
ହାତମୁଠାରୁ ।
ବାକି ତ ରହିଛି
ଜୀବନର ଅସଲ କବିତା ।
ଏ ସମୟରେ ମୁହଁମୋଡ଼ା ଦେଖି
ଘାରେ ମୋତେ ନିଃସଙ୍ଗତା ।
କବିତାର ଜିଦ୍
ପୁନର୍ଜନ୍ମ ଦିଅ
ସେମାନଙ୍କୁ ସାଉଁଳେଇ ଆଣି
ଶୁଷ୍କ ଦିଶନ୍ତି ସେମାନେ
ରସସିକ୍ତ କରି ତାଙ୍କୁ
ବହିବାକୁ ଦିଅହେ ଉଜାଣି ।
ବୁଝାଇଲି ତାକୁ
ଜୀବନର ଗୋଧୂଳି ରେ
ସ୍ୱପ୍ନ ସବୁ ନିଶାର୍ଦ୍ଧରେ
ହଜିଗଲା ପରେ
ଅଦୃଶ୍ୟର କରାଘାତ
ଦ୍ୱାର ଦେଶେ ଅନୁଭ୍ୱ କଲା ଉତ୍ତାରେ
ଆଉ କି ସେମାନେ ହେବେ ମୋର
ଅନୁରକ୍ତ ।
ମୁଁ କିନ୍ତୁ ସେମାନଙ୍କ ପ୍ରତି ଆସକ୍ତ
ମୋ ରକ୍ତରୁ ଇନ୍ଦ୍ରଧନୁ
ଯାଇଅଛି ଅସ୍ତ ।
ଏବେ ଏ ଶବ୍ଦ ମାନଙ୍କୁ ନେଇ
ତାଙ୍କ ସହ ମାତି
ଅବଶିଷ୍ଟ ଆୟୁଷକୁ
କରୁଅଛି ବାଧବାଧକତାରେ ବ୍ୟସ୍ତ ।

ପ୍ରତାପ ନଗରୀ, କଟକ
ମୋ - ୮୨୪୯୯୩୨୭୯୨

## ମଦୁଆଟେ ମରିଗଲା

### ପ୍ରଦୀପ୍ତ କୁମାର ଦାସ



ମୁଁ ଯେ ମଲାପରେ କୁହନ୍ତି ସଭିଏଁ
ମଦୁଆଟେ ମରିଗଲା -

ନିଜ ହାତେ ଯିଏ ସୁନା ସଂସାରକୁ
ଜାଣି ଜାଣି ଚୁନା କଲା,
କୁସଂଗରେ ପଡ଼ି ପିଉ ପିଉ ମଦ
ଘୋଡା ମଦୁଆ ମୁଁ ହେଲି -

ନିଶାରେ ଥାଇ ମୁଁ ସବୁ ସମ୍ପତ୍ତିକୁ
ମନଇଚ୍ଛା ବିକିଦେଲି,
ବାପା ବୋଉଙ୍କର ଆକଟ ନମାନି
ଅବାଟରେ ମୁଁ ଯେ ଗଲି -

ଅକାଳରେ ମୁହିଁ ଅଧା ବୟସରେ
ଅତି ବିକଳରେ ମଲି,
ଅତୃପ୍ତ ଆତ୍ମା ମୋ କରେ ଅନୁତାପ
ପୂର୍ବ କୁକରମ ପାଇଁ -

ସେଇଥି ଲାଗି ମୁଁ ହୋଇଣ ଅଥୟ
ପ୍ରେତ ରୂପେ ଆସେ ଧାଇଁ,
ବାପା ବୋଉ ମତେ ଝୁରି ହେଉଛନ୍ତି
ବିଧବା ସ୍ତିରୀ ମୋ କାନ୍ଦେ -

ଜାଣି ଜାଣି ମୁହିଁ ପଡ଼ି ଯାଇଅଛି
ଆଜି ମରଣର ଫାନ୍ଦେ,
ମୋ ପରିକା କେହି ମଦ ପିଇ ପିଇ
ଅକାଳେ ନାଯାଆ ଝରି -

ସ୍ମୃତି ବଳୟରୁ ନେଉଛି ମେଲାଣି
ସଭିଙ୍କୁ ବିନତି କରି।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ - ୯୪୩୭୮୫୪୧୭୫

## ବାପା

### ନେନାରୋଜି ପଧାନ

ଜନ୍ମ ରୁ ଆଜି ପର୍ଯ୍ୟନ୍ତ ସମ୍ପର୍କର
କେତେ ଯେ ବନ୍ଧନରେ ବାନ୍ଧି
ହୋଇଛି
କହି ହୁଏନି,
ଯେବେଠୁ ଭୂମିଷ୍ଠ ହେଲି ସେବେଠୁ
ସେ ହାତର ପରଶ
ଏବେ ଯାଏ ଭୁଲି ହୋଇନି !!

ଏ ସଂସାରର ଜିବନ କାଳରେ
କେବେ ହଜି ଯାଇଛି
କେବେ ନିଜକୁ ହଜେଇ ଦେଇଛି
କେବେ ନଇ ପଡ଼ିଛି ତ କେବେ
ଜିବନ ବୋଝରେ ଭାଙ୍ଗି ପଡ଼ିଛି
ହେଲେ ବାପା ପରି ଭରଷା କି
ସାହାସ
କାହା ପାଖରେ ପାଇନି
ସତ କହିବାକୁ ଗଲେ ବାପାଙ୍କ ସଂଜ୍ଞା
ଏବେ ଯାଏ ଖୋଜି ପାଇନି !
ଯିଏ ଭୁଲ୍ କଲେ କ୍ରୋଧରେ ଥାପୁଡ଼ା
ଟିଏ ମାରି ଦିଅନ୍ତି ସତ
କିନ୍ତୁ ମନ ଦୁଃଖ ହେଲେ ସ୍ନେହରେ ପିଠି
ଆଉଁସି ଦିଅନ୍ତି
ଏକଥା ମଧ ସତ
ବାପା ଯେବେ ଘରକୁ ଫେରନ୍ତି,
ବୟସର ବୋଝ କାମର ଭାର
ଶରୀରର ଥକାପଣ କି ବିଶ୍ରାମର ଆଶା
ନେଇ
କେବେ ଆସନ୍ତି ନାହିଁ
ସେ ତ' ଆସନ୍ତି ତାଙ୍କର ଦମ୍ଭିଲା
ଛାତିରେ ଛାତିଏ ସ୍ନେହ
ଶୁଖିଲା ମୁହଁରେ ଧାରେ ତାଜା ହସ
ଆଉ ଆଶ୍ୱସ୍ତିର ଆଞ୍ଜୁଳାଏ ଖୁସି ନେଇ !

ମୋ ଇପ୍ସିତ ବରକୁ ନ ମାଗି ପୁରା
କରୁଥିବା
ଚିରାଚରିତ ଇଶ୍ୱର ବାପା
ଅମାବାସ୍ୟାର ଘନ ଅନ୍ଧାରରେ
ଆଲୋକ ବିଞ୍ଚୁଥିବା
ଦୀପ ସିଖା ଟିଏ ମଧ ବାପା !

କେବେକେବେ ଅମଡା ବାଟରେ
ଦିଗହରା ହୋଇ ଥକି ପଡ଼ିଥିଲେ
ମାଇଲଖୁଣ୍ଟ ଟିଏ ବାପା
ସ୍ୱପ୍ନକୁ ସାକାର କରିବାର ସାମର୍ଥ୍ୟ
ଯୋଗାଇ
ପ୍ରତ୍ୟାଶାର ମଞ୍ଜି ପୋତୁ ଥିବା
ମଣିଷଟିଏ ମଧ ବାପା !

ବାପା ଜୀବନର ଆଦର୍ଶ
ବାପା ମାର୍ଗ ଦର୍ଶକ
ବାପା ସକଳ ସୁଖର ଆଧାର
ବାପା ମୋ ଚଳନ୍ତି ଠାକୁର !

ବାପାଙ୍କୁ ଏଇ କେତୋଟି ଶବ୍ଦରେ
ବର୍ଣ୍ଣନା କରିବା ମୋ ପାଇଁ
ଭୁଲ୍ ହେବ
ହଁ ନିଶ୍ଚୟ ଭୁଲ୍ ହେବ !
ସେ ଏମିତି ଏକ ବହି ଯାହାର
ପ୍ରତ୍ୟେକଟି ପୃଷ୍ଠା ଖୋଲିଲେ ମତେ
କିଛି ନୂଆଁ ଶିଖିବାକୁ ମିଳିଥାଏ
ସେ ଏମିତି ଏକ ବହି ଯାହାର
ପ୍ରତ୍ୟେକଟି ପୃଷ୍ଠା ଖୋଲିଲେ ମତେ
କିଛି ନୂଆଁ ଶିଖିବାକୁ ମିଳିଥାଏ !

ସି ଡ଼ି ଏ ବିଡାନାସୀ
କଟକ






# ଗୋଟିଏ ଭୁଲ କରିଦେଇଥିଲା ମହିମାଙ୍କ କ୍ୟାରିୟର ବର୍ବାଦ



ବଲିଉଡକୁ ଏଭଳି ଅନେକ କଳାକାର ଆସିଛନ୍ତି, ଯେଉଁମାନେ ସୁପରହିଟ୍ ଫିଲ୍ମ ଦେଇ ବି ଆଗକୁ ବଢ଼ିପାରି ନାହାନ୍ତି । ଏହା ପଛରେ ଅନେକ କାରଣ ରହିଥାଏ । କିଏ ନିଶା କରି ନିଜ କ୍ୟାରିୟର ବର୍ବାଦ କରେ ତ କିଏ ବ୍ୟବହାର ଠିକ ନକରି ନିଜ କ୍ୟାରିୟର ବର୍ବାଦ କରେ । ଏବେ ଜଣେ ଅଭିନେତ୍ରୀଙ୍କ କଥା କହିବୁ, ଯିଏ ବଡ଼ ବଡ଼ ଷ୍ଟାରଙ୍କ ସହ କାମ କରି ବି ବଲିଉଡରେ ଦୀର୍ଘ ଦିନ ତିଷ୍ଠି ରହିପାରିନଥିଲେ । ଅଭିନେତ୍ରୀଜଣକ ହେଉଛନ୍ତି ମହିମା ଚୌଧୁରୀ ।

ମହିମା ବଲିଉଡର ରାଜା ଶାହାରୁଖ ଖାନଙ୍କ ସହ ଫିଲ୍ମ 'ପରଦେଶ' ସହିତ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ । ଫିଲ୍ମର ଗୀତ ସହ ମହିମାଙ୍କ ଚରିତ୍ର ସମସ୍ତଙ୍କୁ ପସନ୍ଦ ଆସିଥିଲା । ଏହା ପରେ ମହିମା 'ଧଡକନ୍', 'ଦିଲ୍ ହେ ତୁମହାରା', 'ଲଜ୍ଜା' ଏବଂ 'ବାଗୱାନ୍' ଭଳି ଅନେକ ବଡ଼ ବଡ଼ ଚଳଚ୍ଚିତ୍ରରେ କାମ କରିଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ହୋଇଥିବା ଏକ ଦୁର୍ଘଟଣା ତାଙ୍କ ଜୀବନର ଗତିପଥ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଥିଲା । ୧୯୯୯ ମସିହାରେ ମହିମା ଚୌଧୁରୀ ଫିଲ୍ମ 'ଦିଲ କ୍ୟା କରେ'ର ସୁଟିଂ କରୁଥିଲେ । ଦିନେ ସେ ନିଜେ କାର୍ ଚଳାଇ ସୁଟିଂ ସେଟରୁ ଘରକୁ ଫେରୁଥିଲେ । ଯିବା ବାଟରେ ତାଙ୍କର ଭୟଙ୍କର ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାରେ ମହିମାଙ୍କ ମୁହଁରେ ୬୦ରୁ ଅଧିକ କ ?ାଚ ଖଣ୍ଡ ପଶିଯାଇଥିଲା । କିଛି ବର୍ଷ ବିଶ୍ରାମ କରି ମହିଳା ବଲିଉଡକୁ ଫେରିଥିଲେ ସତ, କିନ୍ତୁ ତାଙ୍କୁ ପୂର୍ବଭଳି ଭଲପାଇବା ମିଳିନଥିଲା । ଫିଲ୍ମ ମିଳିବା ବନ୍ଦ ହେବାରୁ ସେ ଅଭିନୟରୁ ନିଜକୁ ଦୂରେଇ ରଖିବା ଆରମ୍ଭ କଲେ । ତେବେ କିଛି ବର୍ଷର ବ୍ୟବଧାନ ପରେ ଏବେ ଅଭିନେତ୍ରୀ ଫିଲ୍ମ 'ଏମରଜେନ୍ସି'ରେ ନଜର ଆସିବାକୁ ଯାଉଛନ୍ତି ।

# ଆୱାର୍ଡ ଜିତିବା ପରେ କେବଳ ନିଜ ଝିଅକୁ ଧନ୍ୟବାଦ କହିଲେ ଐଶ୍ୱର୍ଯ୍ୟା

ଗତ କିଛି ଦିନ ହେବ ଚର୍ଚ୍ଚାରେ ଅଛନ୍ତି ବଚ୍ଚନ ପରିବାର । କୌଣସି ଫିଲ୍ମ ବା ବଡ଼ କାର୍ଯ୍ୟକ୍ରମ ପାଇଁ ନୁହେଁ, ବଲିଉଡ୍‌ର ସବୁଠୁ ଲୋକପ୍ରିୟ ଦମ୍ପତ୍ତି ଅଭିଷେକ ବଚ୍ଚନ ଓ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଛାଡ଼ପତ୍ର ଖବରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଗତ କିଛି ମାସ ହେବ ଦୁହିଁଙ୍କ ବିବାହ ବିଚ୍ଛେଦ ହେବ ବୋଲି କେହିକେହି ଇଙ୍ଗିତ କରୁଛନ୍ତି । କିନ୍ତୁ ଦୁହେଁ ମୁହଁ ଖୋଲୁନାହାନ୍ତି । ଐଶ୍ୱର୍ଯ୍ୟା ନିଜ ଝିଅ ଆରାଧ୍ୟାଙ୍କୁ ଧରି ବିଭିନ୍ନ ଉତ୍ସବକୁ ଯାଉଥିବା ବେଳେ ଅଭିଷେକ ବଚ୍ଚନ ପରିବାର ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି । ଏଭଳି ସମୟରେ ଏବେ ଐଶ୍ୱର୍ଯ୍ୟା ଏକ ଆୱାର୍ଡ ସୋ'ରେ କେବଳ ନିଜ ଝିଅକୁ ଧନ୍ୟବାଦ ଜଣାଇଥିବା ଦେଖାଯାଇଛି । ଐଶ୍ୱର୍ଯ୍ୟା ଝିଅ ଆରାଧ୍ୟାକୁ ନେଇ ସିମା ପୁରସ୍କାରରେ ଯୋଗ ଦେବାକୁ ଦୁବାଇ ଯାଇଥିବା ବେଳେ ସେଠାରେ ତାଙ୍କୁ ଫିଲ୍ମ ପୋନିୟିନ ସେଲଭନ: ୨ ପାଇଁ ପୁରସ୍କୃତ କରାଯାଇଥିଲା । ପୁରସ୍କାର ଗ୍ରହଣ କରିବା ପରେ ସେ କହିଥିଲେ ଯେ, 'ମୋ ସହିତ ଏଠାରେ ଥିବାରୁ ଆରାଧ୍ୟାଙ୍କୁ ଧନ୍ୟବାଦ । ମୁଁ ବହୁତ ତୁମକୁ ଭଲ ପାଏ । ଆଜି ଭଳି ଦିନରେ ତୁମେ ମୋ ସହ ଏଠାରେ ରହି ଏହାକୁ ଅତ୍ୟନ୍ତ ସ୍ୱତନ୍ତ୍ର କରିଛ । ଧନ୍ୟବାଦ ସୀମା । '



# ମୁମ୍ବାଇସ୍ଥିତ ଘର ବିକ୍ରି କରିଥିବା ସ୍ପଷ୍ଟ କଲେ କଙ୍ଗନା, ଜଣାଇଲେ କାରଣ



ସାଂସଦ ହେବା ପରେ ବଲିଉଡ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାନାୱତ୍ ମୁମ୍ବାଇରେ ଥିବା ଘର ବିକିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ଏବେ କଙ୍ଗନା ନିଜ ଫିଲ୍ମ 'ଏମରଜେନ୍ସି'କୁ ନେଇ ହେଉଥିବା ବିବାଦ ପାଇଁ ଚର୍ଚ୍ଚାରେ ଥିବା ବେଳେ ଘର ବିକିଥିବା ଖବର ଉପରେ ସ୍ପଷ୍ଟୀକରଣ ରଖିଛନ୍ତି । କିଛି ଦିନ ତଳେ ଏକ ୟୁଟ୍ୟୁବ ଭିଡିଓ ଭାଇରାଲ ହେବା ପରେ କଙ୍ଗନା ଘର ବିକିଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । କୁହାଯାଉଥିଲା ଯେ, ନିର୍ବାଚନ ଜିତି ସାଂସଦ ହେବା ପରେ କଙ୍ଗନା ଅଧିକାଂଶ ସମୟ ଦିଲ୍ଲୀ ଓ ହିମାଚଳରେ ରହୁଛନ୍ତି । ଏହି କାରଣରୁ ସେ ମୁମ୍ବାଇର ପାଲି ହିଲରେ ଥିବା ନିଜ ଘରକୁ ବିକିଛନ୍ତି । ଏହି ଘରେ ସେ ନିଜ ପ୍ରଯୋଜନା ସଂସ୍ଥା ଚଳାଉଥିଲେ । ହେଲେ ଫିଲ୍ମ ଫ୍ଲପ ହେବା ସହ ଅଭିନେତ୍ରୀ ରାଜନୀତିରେ ପ୍ରବେଶ କରିଥିବାରୁ ଏବେ ସେ ୨୦କୋଟିରେ ନିଜ ଘର ବିକିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ଖବରଟି ସତ କି ମିଛ, ସେ ନେଇ ଦ୍ୱନ୍ଦ୍ୱ ରହିଥିବା ବେଳେ ଏବେ ଅଭିନେତ୍ରୀ ଘର ବିକିଥିବା ଖବର ଉପରେ ମୋହର ଲଗାଇଛନ୍ତି । ଏକ ସାକ୍ଷାତକାରରେ ଅଭିନେତ୍ରୀ କହିଛନ୍ତି ଯେ, ଚଳଚ୍ଚିତ୍ର 'ଏମରଜେନ୍ସି' ରିଲିଜ୍ ବିଳମ୍ବ ହେବାରୁ ହୋଇଥିବା କ୍ଷତି ପାଇଁ ସେ ବାଧ୍ୟ ହୋଇ ଘର ବିକିଛନ୍ତି । ତାଙ୍କ କହିବା ମୁତାବକ, "ସ୍ୱାଭାବିକ ଭାବେ ମୋର ଚଳଚ୍ଚିତ୍ର ରିଲିଜ ହେବାର ଥିଲା । ସେଥିପାଇଁ ମୁଁ ମୋର ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଫିଲ୍ମରେ ଲଗାଇଥିଲି । ବର୍ତ୍ତମାନ ଯେହେତୁ ଏହା ରିଲିଜ୍ ହୋଇନାହିଁ, ତେଣୁ ଏବେ ହେଉଥିବା ଖର୍ଚ୍ଚ ପାଇଁ ମୋତେ ଘର ବିକିବାକୁ ପଡ଼ିଛି ।




'ଏ ରିସ୍ତା କ୍ୟା କହଲାତା ହୈ'ର ଲୋକପ୍ରିୟ ଅଭିନେତା କରଣ ମେହରା କିଛିଦିନ ହେବ ନିଜର ମ୍ୟୁଜିକ ଭିଡିଓ 'କ୍ୟା ଶିଶା ଦେଖ ପାଓଗେ'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ନିକଟରେ ମେହରା ଏକ ସାକ୍ଷାତକାରରେ ଯୋଗ ଦେଇ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ଆଲୋଚନା କରି କହିଛନ୍ତି, 'ମୁଁ ମୋ ଜୀବନରେ ଅନେକ ଉଠାଣି ଓ ଗଡ଼ାଣି ଦେଖିଛି । ଅନେକ ବାଧାକୁ ଏଡାଇ ଆଗକୁ ବଢ଼ିଛିକରଣ । କଷ୍ଟ ହୋଇଛି କିନ୍ତୁ ଏହାକୁ ନେଇ ମୁଁ କେବେ ବିଚଳିତ ହୋଇନାହିଁ । କାରଣ ପ୍ରତ୍ୟେକ ମଣିଷକୁ ଜୀବନର ପ୍ରତି ମୁହୂର୍ତ୍ତରେ କିଛି ଶିଖିବାକୁ ମିଳିଥାଏ । ମୁଁ ବି ଜୀବନର ଖରାପ ସମୟ ଦେଇ ଗତି କରୁଥିବା ବେଳେ ବହୁତ କିଛି ଶିକ୍ଷା କରିଛି । ପୂର୍ବର ସମାଜ ମହିଳାଙ୍କର କୌଣସି କଥା ଶୁଣୁ ନଥିଲା । କିନ୍ତୁ ଆଜିକା ସମାଜ ମହିଳାଙ୍କ ସହିତ ରହିଛି । ଏହି କାରଣରୁ ସମୟସମୟରେ ମହିଳାମାନେ ଏହାର ଭୁଲ ଫାଇଦା ଉଠାଇ ଦେଉଛନ୍ତି ।' ନିଶାଙ୍କ ସମ୍ପର୍କ ଭାଙ୍ଗିବା ପ୍ରଶ୍ନରେ କରଣ କହିଥିଲେ, 'କାହାରି ସହିତ ମୁଁ ସମ୍ପର୍କ ଭାଙ୍ଗି ନାହିଁ । ଯାହାକୁ ଯେଉଁ ରାସ୍ତାରେ ଯିବାକୁ ହେଲା ମୁଁ ଛାଡ଼ି ଦେଲି ।' କରଣଙ୍କ ବୈବାହିକ ଜୀବନ କଥା କହିଲେ ସେ ୨୦୧୨ରେ ଅଭିନେତ୍ରୀ ନିଶା ରାୱଲଙ୍କୁ ବିବାହ କରିଥିଲେ । ବିବାହ ପରେ ଦୁହେଁ ଏକ ପୁତ୍ର ସନ୍ତାନର ବାପା ଓ ମା' ହୋଇଥିଲେ । ବିବାହର ୯ବର୍ଷ ପରେ କରଣ ଓ ନିଶାଙ୍କର ବିବାହ ବିଚ୍ଛେଦ ହୋଇଯାଇଥିଲା । ନିଶା କରଣଙ୍କ ବିରୋଧରେ ଘରୋଇ ହିଂସାର ଅଭିଯୋଗ କରିଥିଲେ । ଯାହାକୁ କରଣ ଖଣ୍ଡନ କରି କହିଥିଲେ, 'ନିଶା ସମ୍ପର୍କରେ ରହିବାକୁ ଚାହୁଁ ନାହାନ୍ତି । ତେଣୁ ସେ ମୋ ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ ଆଣି ଦୂରେଇ ଯିବାକୁ ଚାହୁଁଛନ୍ତି ।'

# 'ଯବାନ'କୁ ପଛରେ ପକାଇ ନଂ ୧ ହିନ୍ଦୀ ଫିଲ୍ମ ହେଲା 'ସ୍ତ୍ରୀ-୨'

ଅଗଷ୍ଟ ୧୫ରେ ପ୍ରେକ୍ଷାଳୟରେ ତିନୋଟି ବଡ ଚଳଚ୍ଚିତ୍ର 'ସ୍ତ୍ରୀ-୨', 'ଖେଲ ଖେଲ ମେଁ' ଏବଂ 'ବେଦା' ରିଲିଜ୍ ହୋଇଥିଲା । ସମସ୍ତ ତିନୋଟି ଚଳଚ୍ଚିତ୍ରରେ ବଲିଉଡର ବଡ଼ ବଡ଼ କଳାକାର କାମ କରିଥିବା ବେଳେ ବଲିଉଡ ଅଭିନେତା ଅକ୍ଷୟ କୁମାର ଓ ଜନ୍ ଆବ୍ରାହିମଙ୍କୁ ଟକ୍କର ଦେଇ ଆଗେଇ ଚାଲିଥିଲେ ରାଜକୁମାର ରାଓ । ଅର୍ଥାତ୍ ତାଙ୍କ ଅଭିନୀତ ଫିଲ୍ମ 'ସ୍ତ୍ରୀ-୨' ଏବେ ଅନେକ ବଡ଼ ବଜେଟ ଫିଲ୍ମର ରେକର୍ଡ ଭାଙ୍ଗିଥିଲା । କମ ବଜେଟରେ ନିର୍ମିତ ଫିଲ୍ମ 'ସ୍ତ୍ରୀ-୨' ରିଲିଜର ପ୍ରଥମ ଦିନରେ ୭୬.୫କୋଟି ଟଙ୍କା ଆୟ କରିଥିବା ବେଳେ ଦ୍ୱିତୀୟ ଦିନରେ ୩୦କୋଟିରୁ ଅଧିକ ଆୟ କରିଥିଲା । ଏବେ ଫିଲ୍ମ ରିଲିଜକୁ ମାସେ ବିତିଥିବା ବେଳେ ଫିଲ୍ମର ଆୟ ଏକ ବଡ଼ ରେକର୍ଡ ସୃଷ୍ଟି କରିଛି । ଏପର୍ଯ୍ୟନ୍ତ ଫିଲ୍ମଟି କେବଳ ଭାରତରେ ୫୮୫.୮୫କୋଟି ଆୟ କରି ନଂ ୧ ହିନ୍ଦୀ ଫିଲ୍ମ ହୋଇପାରିଛି । ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଫିଲ୍ମଟି ମଙ୍ଗଳବାର ୨.୫୦କୋଟି ଆୟ କରିବା ପରେ ଭାରତରେ ଏହାର ମୋଟ ଆୟ ୫୮୫.୮୫କୋଟି ହୋଇଥିଲା । ବାଦଶାହ ଶାହରୁଖ ଖାନଙ୍କ ଫିଲ୍ମ 'ଯବାନ' କେବଳ ଭାରତରେ ୫୮୪କୋଟି ଆୟ କରି ନଂ ୧ ହିନ୍ଦୀ ଫିଲ୍ମ ହୋଇ ରହିଥିବା ବେଳେ ଏବେ କିଙ୍ଗ ଖାନଙ୍କ ରେକର୍ଡ ଭାଙ୍ଗିଛନ୍ତି ଶ୍ରଦ୍ଧା କପୁର ଓ ରାଜକୁମାର ରାଓ ।



# କପିଲ ଦେଉଥିବା ଆୟକରଠୁ ବି କମ ସୁନୀଲଙ୍କ ସମ୍ପତ୍ତି

୨୦୨୪ପାଇଁ ଶୀର୍ଷ ସେଲିବ୍ରିଟି ଟିକସଦାତାଙ୍କ ତାଲିକା ସାମ୍ନାକୁ ଆସିଛି । ଏଥର ଏହି ତାଲିକାରେ ବଲିଉଡ ସୁପରଷ୍ଟାର ଶାହାରୁଖ ଖାନ ସର୍ବାଧିକ ଟିକସ ଦେଉଥିବା ସେଲିବ୍ରିଟି ହୋଇଛନ୍ତି । ଏହି ତାଲିକାରେ ହାସ୍ୟ ଅଭିନେତା କପିଲ ଶର୍ମା ଟିଭି ଇଣ୍ଡଷ୍ଟ୍ରିର ସର୍ବାଧିକ ଟିକସଦାତା ହୋଇଛନ୍ତି । ଏପରିକି କପିଲ ଶର୍ମା ବଲିଉଡର ମିଷ୍ଟର ପରଫେକ୍ସନିଷ୍ଟ ଅର୍ଥାତ୍ ଆମୀର ଖାନ ଏବଂ ଅଭିନେତ୍ରୀ କ୍ୟାଟ୍ରିନା କେ ?ଫଙ୍କୁ ପଛରେ ପକାଇ ଦେଇଛନ୍ତି । ଏମଧ୍ୟରେ ଆଉ ଏକ ଖବର ସାମ୍ନାକୁ ଆସିଛି । କୁହାଯାଉଛି ଯେ, କପିଲ ଯେତିକି ଆୟକର ଦେଉଛନ୍ତି, ତା'ଠାରୁ ଢ଼େର କମ ହାସ୍ୟ ଅଭିନେତା ସୁନୀଲ ଗ୍ରୋଭରଙ୍କ ସମ୍ପତ୍ତି । ୨୦୨୪ରେ କପିଲ ଶର୍ମା ୨୬କୋଟି ଟଙ୍କା ଆୟ କର ଦେଇଥିବା ବେଳେ ଏହାଠାରୁ ଖୁବ କମ ରହିଛି ସୁନୀଲଙ୍କ ସମ୍ପତ୍ତି । ଯଦି ଆମେ ତାଙ୍କ ମୋଟ ସମ୍ପତ୍ତି କଥା କହିବା ତେବେ ସୁନୀଲ ମୋଟ ୨୧କୋଟିର ମାଲିକ ଅଟନ୍ତି । ଦି ଗ୍ରେଟ କପିଲ ଶର୍ମା ସୋ'ରେ ନଜର ଆସୁଥିବା ସୁନୀଲ ପ୍ରତି ଅଧ୍ୟାୟକୁ ୨୫ଲକ୍ଷ ନେଉଥିବା ବେଳେ ଫିଲ୍ମ ପାଇଁ ସେ ୭୫ଲକ୍ଷ ଟଙ୍କା ନେଉଛନ୍ତି ।




ଭାରତର ସବୁଠୁ ବଡ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଜୁଲାଇ ୧୨ରେ ରାଧିକା ମର୍ଚ୍ଚାଣ୍ଟଙ୍କୁ ବିବାହ କରିଥିଲେ । ବଲିଉଡରୁ ହଲିଉଡ ପର୍ଯ୍ୟନ୍ତ ଅନେକ ସେଲିବ୍ରିଟିମାନେ ଏହି ରାଜକୀୟ ବିବାହରେ ଯୋଗ ଦେଇଥିଲେ । ଏହି ସମୟରେ, ବଡ଼ ବଡ଼ କଳାକାର ବିବାହରେ ଯୋଗ ଦେବା ପାଇଁ ଟଙ୍କା ନେଇଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା । ବର୍ତ୍ତମାନ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏହି ଚର୍ଚ୍ଚାକୁ ନେଇ ନୀରବତା ଭାଙ୍ଗିଛନ୍ତି । ମାଶେବଲ୍ ଇଣ୍ଡିଆକୁ ସାକ୍ଷାତକାର ଦେବା ସମୟରେ ଅନନ୍ୟା ପାଣ୍ଡେଙ୍କୁ, ଅନନ୍ତଙ୍କ ବିବାହରେ ମନ ଖୋଲି ନାଚୁଥିବା ଭିଡିଓ ବିଷୟରେ ପଚରାଯାଇଥିଲା । ଟଙ୍କା ନେଇ ସେ ଏଭଳି ନାଚୁଥିଲେ କି ବୋଲି ପ୍ରଶ୍ନ କରାଯିବାରୁ ସେ କହିଥିଲେ, 'ସେ ମୋର ବନ୍ଧୁ । ମୁଁ ବୁଝିପାରୁ ନାହିଁ କାହିଁକି ଲୋକମାନେ ଏପରି ଭାବୁଛନ୍ତି । ମୋର ବନ୍ଧୁମାନଙ୍କ ବିବାହରେ ମୁଁ ମୋର ହୃଦୟ ଖୋଲି ନାଚିବାକୁ ପସନ୍ଦ କରେ । ଏଥିରେ ଟଙ୍କା ଦେବା କଥା ଆସିଲା କୋଉଠୁ । ସେଭଳି କିଛି ବି ନଥିଲା । ମୋତେ ନାଚିବା ପାଇଁ କେହି ଟଙ୍କା ଦେଇନଥିଲେ । ଯେତିକି ମୁଁ ଜାଣିଛି ନିମନ୍ତ୍ରଣ ପାଇ ସବୁ ଆସିଥିଲେ, ଟଙ୍କା ପାଇ ନୁହେଁ ।' କିଛି ଦିନ ତଳେ ଅନନ୍ୟା ପାଣ୍ଡେଙ୍କ ଅଭିନୀତ ୱେବ୍ ସିରିଜ୍ 'କଲ୍ ମି ବେ' ରିଲିଜ୍ ହୋଇଛି, ଯାହାକୁ ନେଇ ସେ ଚର୍ଚ୍ଚାରେ ଅଛନ୍ତି । କରଣ ଜୋହରଙ୍କ ପ୍ରଡକ୍ସନ୍ ହାଉସର ବ୍ୟାନରରେ ନିର୍ମିତ ଏହି ସିରିଜ୍ ପ୍ରାଇମ୍ ଭିଡିଓରେ ମୁକ୍ତିଲାଭ କରିଛି ।

# ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ ଅଧୀନରେ ଜେଏନଭି, କେଭି ଏବଂ ଇଏମଆରଏସ ସୁନ୍ଦରଗଡର ଛାତ୍ରୀମାନଙ୍କ ଏନ୍. ଆଇ. ଟି ରାଉରକେଲା ପରିଦର୍ଶନ

ରାଉରକେଲା, ୧୯/୦୯ (ନି.ପ୍ର): ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷା ଭ୍ରମଣ ନିମନ୍ତେ ଜବାହର ନବୋଦୟ ବିଦ୍ୟାଳୟ ସୁନ୍ଦରଗଡ, କେନ୍ଦ୍ରୀୟ ବିଦ୍ୟାଳୟସୁନ୍ଦରଗଡ ଏବଂ ଏକଲବ୍ୟ ମଡେଲ ରେସିଡେନ୍ସିଆଲ୍ ସ୍କୁଲ ସୁନ୍ଦରଗଡର ଦ୍ୱାଦଶ ଶ୍ରେଣୀ ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍. ଆଇ. ଟି)ରାଉରକେଲା ପରିଦର୍ଶନ କରିଥିଲେ। ବିଜ୍ଞାନ ଜ୍ୟୋତି ଯୋଜନା ଅଧୀନରେ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ନୋଡାଲ୍ ବିଦ୍ୟାଳୟହିସାବରେ ଜେଏନଭି ସୁନ୍ଦରଗଡ, ସୁନ୍ଦରଗଡର ଅନ୍ୟ ଆଞ୍ଚଳିକ ବିଦ୍ୟାଳୟଗୁଡ଼ିକର ସହଯୋଗରେ କାମ କରୁଅଛି ଛ ଯେହେତୁ ଏନଆଇଟି ରାଉରକେଲା, ଜେଏନଭି ସୁନ୍ଦରଗଡର ନଲେଜ ପାର୍ଟନର,ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପରିଦର୍ଶନ ନିମନ୍ତେ,ଏହାର ବିଜ୍ଞାନ ପ୍ରୟୋଗଶାଳା,ସେଣ୍ଟ୍ରାଲ ରିସର୍ଚ ଫେସିଲିଟିଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗେଇ ଦେଇଥିଲା ଛପ୍ରଫେସର ଏସ୍ ଏନ୍ ଦାଶ (ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗ),ଏନ ଆଇ ଟି ରାଉରକେଲାର ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ। ଏନ୍. ଆଇ. ଟି ର ଏହି ଏକ ଦିବସୀୟ ଶିକ୍ଷା ଭ୍ରମଣରେ ସମୁଦାୟ ୪୯ ଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କର ଏହି ଶିକ୍ଷା ପରିଦର୍ଶନ, ଏକ ଉଦ୍ଘାଟନ କାର୍ଯ୍ୟକ୍ରମ ସହିତ ଆରମ୍ଭ ହୋଇଥିଲା। ଛାତ୍ରୀ ତଥା ଅତିଥିମାନଙ୍କୁ ଏହି ତୃତୀୟ ଗସ୍ତରେ ସ୍ୱାଗତ କରି ପ୍ରଫେସର ଦାଶ କହିଛନ୍ତି, "ବିଜ୍ଞାନ କ୍ଷେତ୍ରରେ ମହିଳାମାନଙ୍କର ପ୍ରତିନିଧିତ୍ୱ ଏକ ବହୁମୁଖୀ ସମସ୍ୟା। ଆମକୁ ଏହା ସମସ୍ତ ଦୃଷ୍ଟିକୋଣରୁ ଦେଖିବା ଆବଶ୍ୟକଏବଂ ଆସାନୁସାରେ ଫଳାଫଳ ପାଇବାକୁ କିଞ୍ଚିତ ପ୍ରୟାସ କରିବାକୁ ପଡିବ। ଏହି ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ ମାଧମରେ, ପିଲାଦିନରୁ ବିଜ୍ଞାନ କ୍ଷେତ୍ରରେ ରେ ମହିଳାଙ୍କ ସଂଖ୍ୟା ମଧ ବୃଦ୍ଧି କରିପାରିବା ।ଏହି କାର୍ଯ୍ୟକ୍ରମରେ ଛାତ୍ରୀ ମାନେ ବିଭିନ୍ନ ଲ୍ୟାବ,କେନ୍ଦ୍ରୀୟ ଗବେଷଣା ସୁବିଧା, ଷ୍ଟୁଡେଣ୍ଟ ଏକ୍ଟିଭିଟି ସେଂଟର୍ ଇତ୍ୟାଦି ପରିଦର୍ଶନ କରିବେ "। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରୂପେ ଏନଆଇଟି ର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଯୋଗ ଦେଇଥିଲେ ଏବଂ ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ ରେ ଭାଗ ନେଇଥିବା ଛାତ୍ରୀ ମାନଙ୍କୁ ଦେଖି ନିଜର ଖୁସି ଅଭିବ୍ୟକ୍ତ କରିଥିଲେ। ଛାତ୍ରୀ ମାନଙ୍କୁ ଉତ୍ସାହିତ କରେଇବା ପାଇଁ କଠିନ ପରିଶ୍ରମ ଏବଂ ବଡ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ଜୀବନକୁ ଏକ ସୁଯୋଗ ରୂପେ ଦେଖି ନିଜ ସ୍ୱପ୍ନ ସାଧନ ନିମନ୍ତେ ଏହାକୁ ଉପଯୋଗ କରିବାକୁ କହିଥିଲେ। ଏନଆଇଟିରାଉରକେଲା ର ଏହି ପରିଦର୍ଶନ, ପିଲା ମାନଙ୍କୁ ବିଭିନ୍ନ ବିଜ୍ଞାନ ବିଭାଗ ଏବଂ କ୍ୟାରିୟର ସମ୍ଭାବନାର ଅନୁସନ୍ଧାନ କରିବାରେ ସାହାଯ୍ୟ କରିବ ବୋଲି ଆଶା ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ଟି କେ ଚଟୋପାଧ୍ୟାୟ (ପ୍ରିନ୍ସପାଲ୍, ଜେଏନଭି ସୁନ୍ଦରଗଡ) କହିଛନ୍ତି, "ଛାତ୍ରଛାତ୍ରୀମାନେ ଦେଶର ଏକ ପ୍ରମୁଖ ଅନୁଷ୍ଠାନକୁ ଅନୁସନ୍ଧାନ କରିବା ପାଇଁ ଏହା ଏକ ଉତ୍ତମ ସୁଯୋଗ ଯେଉଁଠାରେ ସେମାନେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ବିପୁଳ ସମ୍ଭାବନା ଅନୁସନ୍ଧାନ କରିପାରିବେ। ଏହି ପରିଦର୍ଶନ ସେମାନଙ୍କୁ ଅତ୍ୟାଧୁନିକ ସୁବିଧା, ଲାବୋରେଟୋରୀ ଏବଂ ସମ୍ବଳର ସାକ୍ଷୀ ହେବାକୁ ଅନୁମତି ଦେଲା ଯାହା ଏହି ସ୍ଥିତିର ଏକ ଇଞ୍ଜିନିୟରିଂ କଲେଜ ପ୍ରଦାନ କରେ ଛ ମୁଁ ନିଶ୍ଚିତ ଯେ ଏହି ଅଭିଜ୍ଞତା ସେମାନଙ୍କ ଚିନ୍ତାଧାରା ଏବଂ ସ୍ୱପ୍ନକୁ ବ୍ୟାପକ କରିବ। ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଏନଆଇଟି ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧିମାନ ଷ୍ଟେମ୍ ବିଷୟଗୁଡ଼ିକର ଉପରେ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀମାନଙ୍କୁ ଡିଏସଟି ଭାରତ କାର୍ଯ୍ୟକ୍ରମ ଅଧୀନରେ ଅଧିକ ପଦକ୍ଷେପ ନେବାକୁ ଉତ୍ସାହିତ କରିଥିଲେ। ସେ କହିଛନ୍ତି ଯେ ଏଭଳି କାର୍ଯ୍ୟକ୍ରମକୁ ସମର୍ଥନ ତଥା ପ୍ରୋତ୍ସାହିତ କରିବା ତଥା ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତରେ ମହିଳା ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଏନଆଇଟି ରାଉରକେଲା ଭବିଷ୍ୟତ ରେ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରିବ। ଜେଏନଭି ସୁନ୍ଦରଗଡର ସଂଯୋଜକ କୁମାରୀ ଜୟଶ୍ରୀ ଉଦ୍‌ଘାଟନୀ ଉତ୍ସବକୁ ଧନ୍ୟବାଦ ଅର୍ପଣ ସହ ସମାପ୍ତ କରିଥିଲେ । ଏହି ଗସ୍ତର ଆୟୋଜନ ଏବଂ ଛାତ୍ରମାନଙ୍କୁ ମୂଲ୍ୟବାନ ଏକ୍ସପୋଜର ଯୋଗାଇ ଦେଇଥିବାରୁ ସେ ଏନଆଇଟି ରାଉରକେଲା ଦଳକୁ କୃତଜ୍ଞତା ଜଣାଇଥିଲେ । ଛାତ୍ରୀ ମାନଙ୍କ ସହିତ ପାରସ୍ପରିକ ଅଧିବେଶନ ପରେ ଛାତ୍ରୀମାନେ ବିଭାଗୀୟ ଲ୍ୟାବ, କେନ୍ଦ୍ରୀୟ ଅନୁସନ୍ଧାନ ସୁବିଧା, ଷ୍ଟୁଡେଣ୍ଟ ଏକ୍ଟିଭିଟି ସେଂଟର୍, ଇନୋଭେସନ୍ ସେଲ୍ ଏବଂ ଏନ ଆଇ ଟିରାଉରକେଲାରେ ଥିବା ଅନ୍ୟାନ୍ୟ ୟୁନିଟ୍ ପରିଦର୍ଶନ କରିଥିଲେ। ଭାରତର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ବିଜ୍ଞାନ ଜ୍ୟୋତି କାର୍ଯ୍ୟକ୍ରମ, ଛାତ୍ରୀମାନଙ୍କୁ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ରେ ନିଜ କେରିୟର କରିବାକୁ ଲକ୍ଷ୍ୟ ରଖିଛି। ଏହା ବିଭିନ୍ନ କର୍ମଶାଳା ଏବଂ ପ୍ରିମିୟର ଅନୁଷ୍ଠାନଗୁଡିକର ପରିଦର୍ଶନ, ଛାତ୍ରବୃତ୍ତି, କେରିୟର ପରାମର୍ଶ ଇତ୍ୟାଦି ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ମହିଳାମାନଙ୍କର ଅନ୍ତର୍ଭୁକ୍ତ ପରିବେଶକୁ ବୃଦ୍ଧି କରିଥାଏ।

# ଘଟଗାଁ କ୍ଷିତିଜ୍ୟୋତିଃ ଆଶ୍ରମରେ ଭାଗବତ ପାରାୟଣ ଉଦ୍‌ଯାପିତ

ଘଟଗାଁ, ୧୯/୦୯ (ନି.ପ୍ର): ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ଆନୁକୁଲ୍ୟରେ ସମାଜ ସଂସ୍କାରକ ଓ ଆଧ୍ୟାତ୍ମିକ ପଥ ପ୍ରଦର୍ଶକ ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ୭୦ ତମ ଶୁଭ ଆବିର୍ଭାବ ମହୋତ୍ସବ ଉପଲକ୍ଷେ ଚାଲିଥିବା ଭାଗବତ ପାରାୟଣ ଉଦଯାପିତ ହୋଇଯାଇଛି। ବାବାଜୀ ଚରମାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ବିଷ୍ଣୁ ସହସ୍ର ନାମ,ମଙ୍ଗଳ ଆଳତୀ,ଗୁରୁବନ୍ଦନା,ପ୍ରାର୍ଥନା,ଧ୍ୟାନ, ଚରମଶାସ୍ତ୍ର ପାଠ, ମହାମନ୍ତ୍ର ନାମ ସଙ୍କୀର୍ତ୍ତନ,ଧେନୁ ପୂଜା ଏବଂ ଶ୍ରୀପାଦୁକା ମହାସ୍ନାନ ଓ ଷୋଡ଼ଶ ଉପଚାର ପୂଜା ସହିତ ଦିନ ତମାମ ଭାଗବତ ପାଠ ଚାଲିଥିଲା। ଏକ ସପ୍ତାହ ଧରି ଚାଲିଥିବା ଏହି ପାରାୟଣରେ ରାଜ୍ୟର କୋଣ ଅନୁକୋଣରୁ ବହୁ ସାଧୁସନ୍ଥମାନେ ଯୋଗଦେଇ ଉପସ୍ଥିତ ଭାଗବତ ପ୍ରେମୀ ମାନଙ୍କୁ ଭାଗବତର ସାରତତ୍ତ୍ୱ ବୁଝାଇଥିଲେ। ସେମାନଙ୍କ ମଧ୍ୟରେ. ଡଃ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ, ସ୍ୱାମୀ ଶ୍ରୁତି ସାଗର ସରସ୍ୱତୀ, ରାଜ୍ୟ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ସଭାପତି ନଂଗୁଳି ବାବା, ଉପସଭାପତି ମନୋଜ ଦାଶ ଓ ରାମକୃଷ୍ଣ ମିଶନର କବିନ୍ଦ୍ର ବିଦ୍ୟାର୍ଥୀ ପ୍ରମୂଖ ପ୍ରବଚକ ଭାବେ ଯୋଗଦେଇଥିଲେ। ଏଥି ସହିତ ଆଶ୍ରମ ପରିସରରେ ଏକ ସାଧୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ନାରାୟଣ ପୁର ବାଲିଆପାଳ ବାଲେଶ୍ୱରର ଗୁରୁସ୍ୱାମୀ ଭାଗବତ ଟୁଙ୍ଗୀରୁ ବାବାଜୀ ପଦ୍ମକୃଷ୍ଣ ଦାସ, ଯଶିପୁର ମୟୁରଭଞ୍ଜ ରଘୁନାଥ ଜୀଉ ମଠର ମହନ୍ତ ସ୍ୱାମୀ ଅଭୟାନନ୍ଦ ସରସ୍ୱତୀ, ରାସଗୋବିନ୍ଦପୁର(ବାରିପଦା) ବିନୋଦ ବିହାରୀ ମଠରୁ ଡଃ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜ, ଘସିପୁରାର ନୁଆଗାଁ ମଠରୁ ଜଗନ୍ନାଥ ଦାସ, ଦୀପପାଳ ମଠରୁ କୁଞ୍ଜବିହାରୀ ଦାସ, ଖଲଣା ମଠ ରୁ କୃଷ୍ଣ ଦାସ, ଭଣ୍ଡାରୀ ଡିହା ମଠରୁ ହରିବୋଲ ଦାସ, ଖାଲିଆମେଂଟା ମଠରୁ କୁନି ବାବା, ଆନନ୍ଦପୁର ବେଲବାହାଳି ମଠରୁ ଅଚ୍ୟୁତାନନ୍ଦ ଦାସ, କଂଟିପାଳ ମଠରୁ ମାତାଜୀ ସରୋଜିନୀ ଦାସ, ଖଇଲ ମଠରୁ ନିକୁଞ୍ଜ ବିହାରୀ ଦାସ,ଜଳେଶ୍ୱର ମଠରୁ ପରମ ବୈଷ୍ଣବୀ ମୋତିମାଣିକ୍ୟ ଦାସ,ଯାଜପୁର ମାଣିତ୍ରୀ ମଠରୁ ହରିହର ଦାସ ଅତିଥି ରୂପେ ସାଧୁ ସମ୍ମିଳନୀରେ ଯୋଗ ଦେଇଥିଲେ। ଏଥିସହିତ ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ହୋଇଥିବା ଆଶ୍ରମଟି ସଂକୀର୍ତନ ମଣ୍ଡଳୀଙ୍କର ଆଗମନରେ ପ୍ରକମ୍ପିତ ହେବା ସହିତ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ତନ୍ମଧ୍ୟରେ ଚିଲିକିଦରା, ଭଗାମୁଣ୍ଡା, ନୂଆଗାଁ, ଶଗଡପଟା, ବେଢାଡୁମା, ପାଲବଣୀ, ରେବଣା ପଳାସପାଳ, ମହୁଲପଙ୍ଗା, ରମ୍ଭାକୋଟ, ବାଘୁଆବେଡା ପ୍ରମୁଖ ଗ୍ରାମର ସଂକୀର୍ତନ ମଣ୍ଡଳୀମାନେ ଯୋଗଦେଇ ମହାମନ୍ତ୍ର ନାମ ପରିବେଷଣ କରିଥିଲେ। ପାରାୟଣରେ ଘଟଗାଁ ବ୍ଲକ ସମେତ ହରିଚନ୍ଦନପୁର, ବାଂଶପାଳ, ପାଟଣା, କେନ୍ଦୁଝର ସଦର, ଯୋଡା ଝୁମ୍ପୁରା,ତେଲକୋଇ ଆଦି ବ୍ଲକ ସହିତ ବିଭିନ୍ନ ରାଜ୍ୟର ଜିଲାରୁ ସହସ୍ରାଧିକ ଭାଗବତ ପ୍ରେମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ ଓ ବରିଷ୍ଠ ସାମ୍ବାଦିକ ସତ୍ୟ ରଞ୍ଜନ ଦାସମହାପାତ୍ର । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବରୁଣ କୁମାର ଦାଶ, ବିଶ୍ୱଜିତ ପଣ୍ଡା,ତାପସ କୁମାର ପଣ୍ଡା,ତପନ କୁମାର ମହାନ୍ତ, ସାବୀତ୍ରୀ ବେହେରା, ଦୀପ୍ତିମୟୀ ମହାନ୍ତ, ନରେନ୍ଦ୍ର କୁମାର ସାହୁ,ତରଣୀ ସେନ୍ ପଲେଇ,ତିଳୋତମା ମହାନ୍ତ, ଭୀମସେନ ପାତ୍ର ଓ ଦୋଳଗୋବିନ୍ଦ ପଲେଇ, ସୁକାନ୍ତି ପଲେଇ, ଶକୁନ୍ତଳା ମହାନ୍ତ ଏବଂ ସନ୍ଧ୍ୟାରାଣୀ ମହାନ୍ତ।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟିବ ରେଳପଥ ସଂଗ୍ରାମ ସମିତି

କୋରେଇ, ୧୮ ସେପ୍ଟେମ୍ବର (ହି.ସ.) - ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲଙ୍କୁ ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ପ୍ରତିନିଧି ଦଳ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ରେଳବାଇ ବୋର୍ଡ଼ର ପ୍ରକଳ୍ପ ମୂଲ୍ୟାୟନ କମିଟି ଓ ପୂର୍ବତଟ ରେଳପଥ ମଧ୍ୟରେ ମତ ବିନିମୟ ହୋଇଛି। ସଂଗ୍ରାମ ସମିତିର ଯୁଗ୍ମ ଆବାହକ ଶ୍ରୀ ସତ୍ୟପ୍ରକାଶ ବେହୁରିଆ ସୂଚନା ଅଧିକାର ଆଇନ ଅବଲମ୍ବନରେ ସଂଗ୍ରହ କରିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେପ୍ଟେମ୍ବର ୧୭ ଓ ୧୮ରେ ରେଳବାଇ ବୋର୍ଡ଼ ଓ ପୂର୍ବତଟ ରେଳପଥ ମଧ୍ୟରେ ହେଉଥିବା ମତ ବିନିମୟ କାର୍ଯ୍ୟକ୍ରମ ଜରିଆରେ ପ୍ରକଳ୍ପ ମଞ୍ଜୁରୀ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ସଂଗ୍ରାମ ସମିତି ଆଶା ପ୍ରକାଶକରାଯାଇଛି। ମହାପ୍ରବନ୍ଧକଙ୍କ ସହ ସାକ୍ଷାତ ଆଲୋଚନା ଜରିଆରେ ପ୍ରକଳ୍ପ ମଞ୍ଜୁରୀର ସ୍ଥିତି ଅଧିକ ସ୍ପଷ୍ଟ ହୋଇପାରିବ।

# ହମାରା ବଚପନ ପକ୍ଷରୁ ଫୁଲବାଣୀରେ କର୍ମଶାଳା ଓ ସାମ୍ବାଦିକ ସମ୍ମିଳନୀ

କନ୍ଧମାଳ, ୧୯/୦୯ (ନି.ପ୍ର): ଶିଶୁ ସୁରକ୍ଷା ଓ ବ୍ୟବସ୍ଥା ସମ୍ପର୍କରେ ଏକା କର୍ମଶାଳା ଫୁଲବାଣୀ ହମାରା ବଚପନ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବନାନୀ କଳା ସଙ୍ଗମ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକର୍ମରେ ବଚପନ ଟ୍ରଷ୍ଟର ନିର୍ଦ୍ଦେଶିକା ଅର୍ପିତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ସୁରକ୍ଷା ଓ ବ୍ୟବସ୍ତା ଉପରେ କନ୍ଧମାଳ ଜିଲାରେ ବଚପନ ଟ୍ରଷ୍ଟ ପକ୍ଷରୁ କଣ କଣ କାଯ୍ୟକର୍ମ କରାଯାଉଛି ଓ ଏ ଦିଗରେ କଣ ବ୍ୟବସ୍ଥା ରହିଛି ଏହା ଉପରେ ସୂଚନା ଦେଇଥିଲେ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସିଡବ୍ଲୁସି ଅଧକ୍ଷ ରଜତ କୁମାର ଦିଗଲ ସିଡବଲୁସି ସଦସ୍ୟ ସଦାଶିବ ପାତ୍ର, ପ୍ରସନ୍ନ ବିଶୋଇ, ଏଲପିଓ ଅଭିରାମ କହଁର ଓ ସୁନୀଲ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ଓ ଥଇଥାନ ଉପରେ କହିଥିଲେ। ହମାରା ବଚପନ ଟ୍ରଷ୍ଟ୍ ଜୁନ୍ ୨୦୨୪ ଠାରୁ ବିଶେଷ କରି ଗ୍ରାମ ଏବଂ ସହରରେ ଅସୁରକ୍ଷିତ ଅବସ୍ଥାରେ ବା ପରିସ୍ଥିତିରେ ବସବାସ କରୁଥିବା ଶିଶୁମାନଙ୍କ ଜୀବନଶୈଳିରେ ସୁଧାର ଆଣି ସେମାନଙ୍କୁ ଏକ ସୁସ୍ଥ ନିରାପଦ ଶିଶୁଭିତ୍ତିକ ହିଂସା ମୁକ୍ତ ପରିବାର ବା ସମାଜରେ ବାସ କରିବା ଦିଗରେ କାର୍ଯ୍ୟ କରିଆସୁଅଛି। ଏହି ମୁଖ୍ୟ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ହମାରା ବଚପନ୍ ଟ୍ରଷ୍ଟ ବିଭିନ୍ନ ପ୍ରସଙ୍ଗ ଭିତ୍ତିକ କାର୍ଯ୍ୟକ୍ରମ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ ହାତକୁ ନେଇଛନ୍ତି। ସେଥିମଧ୍ୟରୁ ସଂସ୍ଥାରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମକୁ ଭିତ୍ତିକରି ଜୁନ୍ ୨୦୨୪ ମସିହାରେ ହମାରା ବଚପନ୍ ଟ୍ରଷ୍ଟ୍ କେ.ଏସ୍. ସି.ଏଫ୍. ସହାୟତାରେ ଏକ ପ୍ରକଳ୍ପ ଜଷ୍ଟ ରାଇଟସ୍ ଫର୍ ଚିଲଡ୍ରେନ୍ (ଜେ.ଆର୍.ସି.) ପ୍ରାପ୍ତ କରିଅଛି। ଯାହାକି ପ୍ରଥମ ପର୍ଯ୍ୟାୟରେ କନ୍ଧମାଳ ଜିଲ୍ଲାରେ ଆରମ୍ଭ କରାଯାଇଅଛି। ଯେଉଁ ପ୍ରକଳ୍ପ ମାଧ୍ୟମରେ ହମାରା ବଚ୍‌ପନ୍ ଟ୍ରଷ୍ଟ୍ ଜିଲ୍ଲା ସ୍ତରରେ ଥିବା ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗ ତଥା – ସରକାରୀ ଅଧିକାରୀ ଯେପରିକି ଜିଲ୍ଲାପାଳ, ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି, ପୋଲିସ୍, ସମ୍ମନ୍ୱିତ ଶିଶୁ ଉନ୍ନୟନ ଅଧିକାରୀ, ଶିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏବଂ ଅନ୍ୟାନ୍ୟ ଗ୍ରା:ପ ଏବଂ ଗ୍ରାମ୍ୟସ୍ତରୀୟ ଅଧିକାରୀ ତଥା ଭି.ଏଲ୍.ସି.ପି.ସି. ଙ୍କୁ ନେଇ ଜିଲ୍ଲାରେ ଥିବା ବିଭିନ୍ନ ସମସ୍ୟା ଯଥା– ବାଲ୍ୟ ବିବାହ, ଶିଶୁ ଶ୍ରମିକ ଏବଂ ଶିଶୁ ରଲାଣ ଦିଗରେ କାର୍ଯ୍ୟ ଆରମ୍ଭ କରି ସେଥରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକ୍ ଗୁଡିକରେ ଏହି ସବୁ ସମସ୍ୟା ଅଧିକ ପରିଲିଖୁତ ହୋଇଥିଲା ଏବଂ ତତ୍‌ସହିତ ବିଭିନ୍ନ ବିଭାଗ ତରଫରୁ ବିଶେଷ ମତାମତ ଆସିଥିଲା ।ସେହି ସବୁ ବ୍ଲକ୍ ଗୁଡିକୁ ପ୍ରାଧାନ୍ୟ ଦେଇ ସଂସ୍ଥା କାର୍ଯ୍ୟ ଆରମ୍ଭ କରିଅଛି। ସେହି ବ୍ଲକ୍ ଗୁଡିକ ହେଲା- କୋଟଗଡ, ଫିରିଙ୍ଗିଆ, ରାଇକିଆ ଏବଂ ଟିକାବାଲି । ଏତତ୍‌ବ୍ୟତୀତ ସଂସ୍ଥା ମଧ ପ୍ରତ୍ୟେକ୍ଷ ଭାବରେ ଜିଲ୍ଲାର ୧୦୦ଟି ଗ୍ରାମ ଏବଂ ୧୫ ଟି ଗ୍ରା:ପରେ ୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରକାରର ତାଲିମ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଓ ଶିଶୁ କ୍ଲବ୍ ମାଧ୍ୟମରେ ବାଲ୍ୟ ବିହାର ପରି ଏକ ସାମାଜିକ ବ୍ୟାଧକୁ ରୋକିବା ସହ ଅସୁରକ୍ଷିତ ବିପଦସଂକୁଳ ପରିସ୍ଥିତିରେ ଥିବା ଶିଶୁକୁ ଉଦ୍ଧାର କରି ସେମାନଙ୍କ ଥଇଥାନ କରି ମୁଖ୍ୟ ସ୍ରୋତରେ ସାମିଲ କରିବା କାର୍ଯ୍ୟ କରିଚାଲିଛି।

# ମହାନ ଆଧ୍ୟାତ୍ମିକ ସାଧକ ବାବା ଗଣ୍ଡାଧର ଦାସଙ୍କୁ ଆଧ୍ୟାତ୍ମିକ ଗୁରୁ ସମ୍ମାନ

କେନ୍ଦ୍ରାପଡ଼ା, ୧୯/୦୯ (ନି.ପ୍ର): ସହର ଉପକଣ୍ଠ ଭରତପୁର ଗ୍ରାମର ପ୍ରସିଦ୍ଧ କଳ୍ପତରୁ ଆଶ୍ରମର କିମ୍ବଦନ୍ତୀ ମହାପୁରୁଷ ଅନନ୍ତ ଦାସଙ୍କ ୪୦ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ରାଜ୍ୟର ସହସ୍ରାଧିକ ସାଧୁସନ୍ଥମାନଙ୍କ ଗହଣରେ ମନ୍ଦିରରେ ଥିବା ଚତୁର୍ଦ୍ଧା ମୂର୍ତ୍ତି ସାରାବିଶ୍ୱର ପାଳନ କର୍ତ୍ତା ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ସହିତ ମହାପୁରୁଷ ଅନନ୍ତ ଦାସଙ୍କୁ ଜଳାଭିଷେକ ଓ ହୋମ କାର୍ଯ୍ୟ ସମାପନ କରାଯାଇଛି । ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାଗ୍‌ଦେବୀ କଳାମନ୍ଦିର ଆନୁକୂଲ୍ୟରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଅନନ୍ତ ଦାସଙ୍କ ସ୍ୱରଚିତ ପାରମ୍ପରିକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମନ୍ଦିରର ପ୍ରତିଷ୍ଠାତା ତଥା ରାଜ୍ୟର ପ୍ରତିଷ୍ଠିତ ଆଧ୍ୟାତ୍ମିକ ସାଧକ ବାବାଜୀ ଗଣ୍ଡାଧର ଦାସଙ୍କୁ "ଶ୍ରେଷ୍ଠ ଆଧ୍ୟାତ୍ମିକ ଗୁରୁ" ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ସାଂସ୍କୃତିକ ଅନୁଷ୍ଠାନ ବାଗ୍‌ଦେବୀ କଳାମନ୍ଦିରର ଉପଦେଷ୍ଟା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ଦ୍ୱାରା ଆୟୋଜିତ ଭଜନ ସନ୍ଧ୍ୟାକୁ ଲୋକପ୍ରିୟ ସିଦ୍ଧାର୍ଥ ଟିଭିର ସୁନାମଧନ୍ୟ କଣ୍ଠଶିଳ୍ପୀ ସୌଭେନ୍ଦ୍ରୀ ଜେନା, ସ୍ୱର୍ଗତ ଶାନ୍ତିଲତା ବାରିକଙ୍କ ପଟ୍ଟଶିଷ୍ୟା ଅନୁରାଧା ପତି, ବିଶ୍ୱମ୍ବର କର, ବିନାୟକ ସୂତାର ପ୍ରମୁଖ ଓଡିଶାର ଆଗଧାଡିର କଣ୍ଠଶିଳ୍ପୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ । କେନ୍ଦ୍ରାପଡା ବୋଇତ ବନ୍ଦାଣ ସମିତିର ସଭାପତି ପ୍ରଦୀପ କୁମାର ମହାନ୍ତି ଶିଳ୍ପୀମାନଙ୍କୁ ସ୍ୱର୍ଗତ ମହେଶ କର ଟ୍ରଫି ପ୍ରଦାନ କରିଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବନେତା ଶାରଦା ପ୍ରଶନ୍ନ ରାଉତ, ଭରତପୁର ସେବା ସମବାୟ ସମିତିର ସଭାପତି ବସନ୍ତ ରାଉତ, ସୁବୋଧ କୁମାର ଦାସ, ଶରତ କୁମାର ବାରିକ, ରବିନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ ୫ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ଭାଗବତ ଜନ୍ମ ପାଳିତ

କୋରେଇ, ୧୯/୦୯ (ନି.ପ୍ର): ହିନ୍ଦୁ ଧର୍ମର ପରମ ଶାସ୍ତ୍ର ଭାଗବତର ପବିତ୍ର ଜନ୍ମୋତ୍ସବ ପାଣିକୋଇଲିର ବିଭିନ୍ନ ସ୍ଥାନରେ ପାଳିତ ହୋଇଥିଲା। ପାଣିକୋଇଲି ପଂଚାୟତର ସାମନ୍ତରା ସାହିରେ ଥିବା ଭାଗବତ ଟୁଙ୍ଗି ଠାରେ ଭାଗବତ ଜନ୍ମ ପାଳିତ ହୋଇଥିଲା। ସ୍ଥାନୀୟ ବେଦଜ୍ଞ ବ୍ରାହ୍ମଣ ଅକ୍ଷୟ କୁମାର ଦାଶ ଓ ବିଜୟ କୁମାର ପଣ୍ଡାଙ୍କ ପୌରହିତ୍ୟରେ କର୍ତା ଭାବେ ପୁର୍ବତନ ଶିକ୍ଷକ ବଟକୃଷ୍ଣ ରାୟ ଯୋଗ ଦେଇଥିଲେ। ସେହିପରି ଦାମୋଦରପୁର ଗ୍ରାମରେ ଥିବା ଜଗନ୍ନାଥଙ୍କ ମନ୍ଦିରରେ ଭାଗବତ ଜନ୍ମୋତ୍ସବ ପଳନ ହୋଇଥିଲା। ଏଥି ସହିତ ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମରେ ବରିଷ୍ଠ ସାମ୍ବାଦିକ ସୁବାସ ଧଳଙ୍କ ବାସଭବନରେ ଭାଗବତ ଜନ୍ମ ପାଳନ ସହିତ ହୋମଯଜ୍ଞ ଓ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ପାରାଦୀପ ରିଫାଇନାରୀ ପକ୍ଷରୁ ଆପାତକାଳୀନ ମକ୍ ଡ୍ରିଲ୍ ଅନୁଷ୍ଠିତ



ପାରାଦୀପ, ୧୯/୦୯ (ନି.ପ୍ର): ପାରାଦୀପ ରିଫାଇନାରୀ ପକ୍ଷରୁ ଗୁରୁବାର ଦିନ ଆପାତକାଳୀନ ମକ୍ ଡ୍ରିଲ୍ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । ଯଦି କୌଣସି ସମୟରେ କିଛି ଅଘଟଣ ଘଟେ ତାହାକୁ କିପରି ତୁରନ୍ତ ରକ୍ଷା କରାଯାଇପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହି ମକ୍ ଡ୍ରିଲ୍ ସମୟରେ ଅଗ୍ନିକାଣ୍ଡ, ଆମ୍ବୁଲାନ୍ସ ଓ ଦମକଳର ଯାତାୟତ କିପରି ସୁଗମରେ ହୋଇପାରିବ ତାହା ପ୍ରଦର୍ଶିତ ହୋଇଥିଲା । ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନେଜମେ ପ୍ଲାନ୍ ଅନୁଯାୟୀ ରିଫାଇନାରୀ, ସିଆଇଏସଏଫ ଫାୟାର ବିଭାଗ, ଜରୁରୀକାଳୀନ ସୁରକ୍ଷା ଟିମ୍ ସଦସ୍ୟମାନେ ଏହି ମକ୍ ଡ୍ରିଲ୍?ରେ ସାମିଲ ହୋଇଥିଲେ । ଓଡିଶା ସରକାରଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ସହକାରୀ ନିର୍ଦ୍ଦେଶକ(କାରଖାନା ଏବଂ ବଏଲର) ଚନ୍ଦ୍ର ଶେଖର ବେହେରା ଉପସ୍ଥିତ ଥିଲେ । ପିପିଏଲ୍?, ଇଫକୋ, ପାରାଦୀପ ବନ୍ଦର ଏବଂ ଆଇଓସିଏଲ୍ ପାଇପ ଲାଇନ୍?ର ପ୍ରତିନିଧିମାନେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନାରୀର ଏଆରୟୁ ୟୁନିଟ୍?ରେ ଯଦି ଏଚଟୁଏସ୍ ଗ୍ୟାସର ଲିକ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା । ପାରାଦୀପ ରିଫାଇନାରୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ରିଫାଇନାରୀ ମୁଖ୍ୟ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

# ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ପ୍ରତିକ୍ରିୟା କର୍ମଶାଳା ଅନୁଷ୍ଠିତ




ପାରାଦୀପ, ୧୯/୦୯ (ନି.ପ୍ର): ସମୁଦ୍ରରେ ଜାହାଜ, ମାଛଧରା ବୋଟ ତଥା ଅନ୍ୟ ତୈଳ ପରିବହନ ସମୟ ଆଦିରୁ ବେଳେବେଳେ ତୈଳ ନିର୍ଗତ ହୋଇ ସମୁଦ୍ର ଜଳରାଶି ପ୍ରଦୂଷିତ ହୋଇଥାଏ । ଏହା ଦ୍ୱାରା ସମୁଦ୍ର ଜୀବ ବିବିଧତାରେ ଗୁରୁତର କ୍ଷତି ହୋଇଥାଏ । ମତ୍ସ୍ୟ ଉତ୍ପାଦନ ଓ ପର୍ଯ୍ୟଟନ ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅର୍ଥନୀତିକୁ ପ୍ରଭାବିତ କରିଥାଏ । ଏହାର ପୁନଃସ୍ଥାପନ ଅତ୍ୟନ୍ତ ବ୍ୟୟ ସାପେକ୍ଷ ହୋଇଥାଏ । ଏହା ଦ୍ୱାରା ପୁନଃସ୍ଥାପନ ବହୁତ ଧିର ଓ ଅନିଶ୍ଚିତ ଥାଏ କାରଣ ଅବଶେଷ ପ୍ରଦୂଷଣ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ । ପରିବେଶ ସୁରକ୍ଷା, ସାମୁଦ୍ରିକ ଜୀବବିବିଧତାକୁ ରକ୍ଷା କରିବା, ସାମୁଦ୍ରିକ ଜୀବବିବିଧତାକୁ ବଂଚାଇବା ଓ ଉପକୂଳ ଅର୍ଥନୀତିକୁ ସୁରକ୍ଷିତ କରିବା ପାଇଁ ବାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଦୁଇ ଦିନିଆ କର୍ମଶାଳା ଜିଲ୍ଲା ମୁଖ୍ୟାଳୟ-୭ ପାରାଦୀପ ଠାରେ ଅୟୋଜିତ ହୋଇଥିଲା । ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚପିସିଏଲ୍, ଆଇଓସିଏଲ, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କୃପକ୍ଷଙ୍କ ପ୍ରତିନିଧିମାନେ ଏହି ଦୁଇ ଦିନିଆ କର୍ମଶାଳାରେ ଯୋଗ ଦେଇଥିଲେ । ଏହି ।ବସରରେ ତଟରକ୍ଷୀ ବାହିନୀର ଜାହାଜ ବରଦରେ ଏକ ମିଳିତ ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା । ତୈଳ ପ୍ରଦୂଷଣରେ କିପରି ସଂହତି ଓ ସମନ୍ୱୟ ରକ୍ଷା କରାଯିବ ସେ ନେଇ ପ୍ରଦର୍ଷିତ ହୋଇଥିଲା ।

# ବାର୍ଷିକୋତ୍ସବ କରିବା ପାଇଁ କଲେଜ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କଲେ ଛାତ୍ର ସଙ୍ଗଠନ

କୋରେଇ, ୧୯/୦୯ (ନି.ପ୍ର): ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରାଜ୍ୟରେ ସରକାରର ପତନ ପରେ ଅନେକ ସତ୍ୟ ପଦାକୁ ଆସିଛି । ଅଣନିଶ୍ୱାସୀ ହୋଇପଡ଼ିଥବା ମହାବିଦ୍ୟାଳୟର କର୍ମଚାରୀ ମାନେ ଏବେ ଶାନ୍ତିରେ ନିଶ୍ୱାସ ମାରୁଛନ୍ତି। ମହାବିଦ୍ୟାଳୟ ଆରମ୍ଭ ହେବା ଦିନ ଠାରୁ କର୍ମଚାରୀ ମାନଙ୍କ (ଇପିଏଫ) ଭବିଷ୍ୟନିଧି ପାଣ୍ଠି ଗଠନ ହୋଇନଥିବା ବେଳେ ଭବିଷ୍ୟନିଧି ପାଣ୍ଠି ବିଭାଗର ଅଧିକାରୀଙ୍କ ଚଢାଉ ପରେ ବହୁ ଲୁକ୍କାୟିତ ତଥ୍ୟ ପଦାକୁ ଆସିଛି। ଏଥି ସହିତ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କୁ ଭେଟି ମହାବିଦ୍ୟାଳୟର ଜନ୍ମୋତ୍ସବ ବା ବାଷିକୋତ୍ସବ ଆରମ୍ଭ କରିବା ଲାଗି ଦାବି ପତ୍ର ପ୍ରଦାନ କରିଛନ୍ତି। ଯାହାକି ମହାବିଦ୍ୟାଳୟର କଳଙ୍କିତ ଅଧ୍ୟାୟରେ ଏକ ନୁତନ ଫର୍ଦ୍ଦ ପୁଣି ଥରେ ଯୋଡ଼ି ଦେଇଛି। ତେବେ ଯେଉଁ ମାନେ ମହାବିଦ୍ୟାଳୟକୁ ଆତ୍ମସାତ କରିବା ଲାଗି ପରିକଳ୍ପନା କରୁଥିଲେ ସେମାନେ ଏବେ ମହାବିଦ୍ୟାଳୟରେ ମୁହଁ ଦେଖାଇବାକୁ ଆସୁନାହାନ୍ତି । ତେଣୁ ମହାବିଦ୍ୟାଳୟରେ ଏମାନଙ୍କ ପ୍ରଭାବ ନ ପଡ଼ିବା ଲାଗି କିଛି ଯୁବକ ବୁଧବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ମହାନ୍ତିଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି।

# ଷଷ୍ଠ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ସ୍ୱତନ୍ତ୍ର ବୈଠକ

କେନ୍ଦ୍ରାପଡ଼ା, ୧୯/୦୯ (ନି.ପ୍ର): ଆଜି ଷଷ୍ଠ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଜିଲ୍ଲା ପରିଷଦର ସଭାପତି ଲିଲିତା ଦାସଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ କନିଷ୍ଠ ଶିକ୍ଷକ(ଚୁକ୍ତିଭିତିକ) ପଦବୀ ନିମନ୍ତେ ବଛା ଯାଇଥିବା ଚୂଡ଼ାନ୍ତ ତାଲିକାର ଅନୁମୋଦନ ନିମନ୍ତେ ଉକ୍ତ ବୈଠକ ଆହ୍ୱାନ କରାଯାଇଥିଲା ଓ ଉକ୍ତ ବୈଠକରେ ଆଳିର ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ, ରାଜନଗରର ବିଧାୟକ ଶ୍ରୀ ଧ୍ରୁବଚରଣ ସାହୁ, କେନ୍ଦ୍ରାପଡ଼ାର ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ାର ବିଧାୟକ ଶ୍ରୀ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ନିଲୁ ମହାପାତ୍ର, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ଦୟାସିନ୍ଧୁ ପରିଡ଼ା, ସାଂସଦଙ୍କ ପ୍ରତିନିଧି ଶ୍ରୀ ଶଶାଙ୍କ ଶେଖର ସେଠୀ, ବ୍ଲକ ଅଧକ୍ଷ/ଅଧକ୍ଷା, ଜିଲ୍ଲା ପରିଷଦ ସମସ୍ତ ଜୋନ୍‌ର ସଦସ୍ୟ/ସଦସ୍ୟା ପ୍ରମୁଖ ଯୋଗଦେଇ ଚୂଡ଼ାନ୍ତ ତାଲିକାର ଅନୁମୋଦନ କରିଛନ୍ତି ଓ ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ତରଫରୁ ତା.୧୦.୦୯.୨୦୨୩ ରିଖରେ କନିଷ୍ଠ ଶିକ୍ଷକ (ଚୁକ୍ତିଭିତିକ) ପଦବୀ ନିମନ୍ତେ ବିଜ୍ଞାପନ ପ୍ରକାଶିତ ହେବାପରେ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୬ ଗୋଟି ଭାଗରେ ବିଭକ୍ତ ୧୨୬୫ଟି ଅନୁମୋଦିତ ପଦବୀ ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଇଥିଲା ।

# ନୀଳମଣି ମହାବିଦ୍ୟାଳୟରେ ସୁଭଦ୍ରା କାର୍ଯ୍ୟକ୍ରମ




ରୂପସା , ୧୯/୯ (ନି.ପ୍ର): ସଦର ବ୍ଲକ ସ୍ଥିତ ରୂପସା ନୀଳମଣି ମହାବିଦ୍ୟାଳୟ ପରିସରରେ ସୁଭଦ୍ରା କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି, ସରକାରଙ୍କ ନିର୍ଦ୍ଦେଶ ଓ ଉଚ୍ଚ ଶିକ୍ଷା ବିଭାଗ ର ସୂଚନା ଅନୁଯାଇ ତର୍କ ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା ମାନ ଛାତ୍ର ଛାତ୍ରୀଙ୍କ ଭିତରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧକ୍ଷ ଡ଼ ତପନ କୁମାର ବେହେରା ଉଦଘାଟନ କରଥିଲେ। ଘରେ ଘରେ ସୁଭଦ୍ରା ନାରୀ ସଶକ୍ତି କରଣ ର ଏକ ସଫଳ ପ୍ରୟାସ, ଆର୍ଥିକ ସହାୟତା ମହିଳାଙ୍କୁ ସ୍ୱାବଲମ୍ବୀ କରାଇବ। ଏହା ଏକ ମହତ ଉଦ୍ୟମ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଶମ୍ଭୁନାଥ ଗିରି କହିଥିଲେ ସୁଭଦ୍ରା ସଫଳତାର ଅନ୍ୟନାମ। ପ୍ରଶାସନିକ ଅଧିକାରୀ ସରୋଜ କୁମାରପାଣି ସୁଭଦ୍ରା ଛାତ୍ରୀ ଛାତ୍ର ମାନଙ୍କର ଏକ ବିଶାଳ ପ୍ରୟାସ ବୋଲି କହିଥିଲେ। ସମ୍ମାନିତ ଅତିଥି ରାଜନୀତି ବିଜ୍ଞାନ ମୁଖ୍ୟ ଡ଼ ତପନ ଦାସ. ସମ୍ମାନିତ ବକ୍ତା ଗୌରାଙ୍ଗ ପଣ୍ଡା, ନୋଡାଲ ଅଫିସର ଅଧ୍ୟାପିକା ନୋଡାଲ ଅଫିସର ରୋଜାଲିନ ସ୍ୱାଇଁ, ନୋଡାଲ ଅଫିସର ଅଧ୍ୟାପିକା ଇତିଶ୍ରୀ ମହାନ୍ତ, ଅଧ୍ୟାପିକା ଚକ୍ଚକ୍ଭମକ୍ଜ୍ଭ ମହାପାତ୍ର,ସମସ୍ତ ପ୍ରତିଯୋଗିତାକୁ ସଫଳତାର ସହକାରେ ସମ୍ପନ୍ନ କରଥିଲେ। ବସୁମତୀ, ସଞ୍ଜୟ, ଅଶୋକ,ତନୁଶ୍ରୀ, ଓ ସମସ୍ତ +୩ଛାତ୍ର ଛାତ୍ରୀ କାଯ୍ୟ କ୍ରମ ପରିଚାଳନା କରିଥିଲେ। କୃତି ପ୍ରତି ଯୋଗୀ ମାନେ ଅଧକ୍ଷଙ୍କ ନିକଟରୁ ସଫଳତାର ମାନପତ୍ର, ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ଗ୍ରହଣ କରିଥିଲେ, ଜୟନ୍ତ ଭାଇ, ନିରଞ୍ଜନ ଭାଇ ମଞ୍ଚ ପରିଚାଳନା କରିଥିଲେ। ଇତିଶ୍ରୀ ମାଡାମ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୧୦ତମ ପ୍ରତିଷ୍ଠା ଦିବସ ସ୍ପାର୍କ ୨୦୨୪



ବାଲେଶ୍ୱର, ୧୯/୯ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ତମ ଭିତ୍ତି ପ୍ରତିଷ୍ଠା ଦିବସ ଗାନ୍ଧି ସ୍ମୃତି ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ବାରଟି ବ୍ଲକର ବାରଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କମଧରେ ବରିଷ୍ଠ ଓ କନିଷ୍ଠ ଦୁଇଟି ବିଭାଗରେ ନୃତ୍ୟ, ସଂଗୀତ, ଚିତ୍ରକଳା,ବିତର୍କ, ପ୍ରବନ୍ଧ, ଆବୃତ୍ତି, କୁଇଜ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ଣରେ ଗାନ୍ଧି ସ୍ମୃତି ଭବନରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରି, ସୁତେଇ ବଡ଼ଗାଁ ଆଦର୍ଶ ବିଦ୍ୟାଳୟର ଅଧକ୍ଷ ରାମକୃଷ୍ଣ ସାହୁ ଯୋଗ ଦେଇଥିଲେ । ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ଦେବାଞ୍ଜନ ଜେନା ସଂଯୋଜନା କରିଥିଲେ । ଧନ୍ୟବାଦ ଦେଇଥିଲେ ନୀଳଗିରି ଓ ଏ ଭି ର ଉପାଧକ୍ଷ ହେମନ୍ତ କୁମାର ମଣ୍ଡଳ । ମୁଖ୍ୟ ଅତିଥି ଛୋଟ ଛୋଟ ଗଳ୍ପ ମାଧମରେ ବୁଝାଇଥିଲେ ଯେ ଏକ ଉତ୍କୃଷ୍ଟ କାରଣ ପାଇଁ ସମର୍ପଣ ଭାବ ହିଁ ଶ୍ରେଷ୍ଠ ଆଦର୍ଶ । ଜ୍ଞାନ ବିଜ୍ଞାନର ସୃଷ୍ଟି ପ୍ରଶ୍ନରୁ ଏବଂ କୌତୂହଳରୁ ହୋଇଥାଏ । ଜିଜ୍ଞାସା ଓ ସମାଧାନ ଭାରତୀୟ ଶିକ୍ଷା ପଦ୍ଧତି ପୃଥିବୀରେ ଶ୍ରେଷ୍ଠ । ଛାତ୍ର ଛାତ୍ରୀ ଗୃହ ପ୍ରଶିକ୍ଷଣ ନେଉଥିଲେ ସେ ବିଦ୍ୟାଳୟକୁ ଆଦର୍ଶ କୁହାଯାଇପାରିବ ନାହିଁ । ଚିନ୍ତନ ଓ ବିଚାର ପାଇଁ ପିଲାମାନଙ୍କୁ ଅବସର ଦେବାକୁ ହେବ । ଅଧ୍ୟାପନା ଏକ ରାଷ୍ଟ୍ରିୟ ଦାୟିତ୍ୱ । ଶିକ୍ଷକମାନେ ନିଷ୍ଠାପର ନହେଲେ ବିଦ୍ୟାଳୟ ଆଦର୍ଶ ହୋଇପାରିବନାହିଁ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ମହା ସମାରୋହରେ ପାଳିତ ହୋଇଛି ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ 'ସ୍ପାର୍କ'




ବାରିପଦା , ୧୯/୯ (ନି.ପ୍ର): ସହିଦ ସ୍ମୃତି ଭବନ, ବାରିପଦା ଠାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ବାର୍ଷିକ ଉତ୍ସବ 'ସ୍ପାର୍କ' ସମାରୋହରେ ପାଳିତ ହୋଇ ଯାଇଅଛି। ଉଦଘାଟନି ଉତ୍ସବରେ ମୁକ୍ଷ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ବିଭୁତି ଭୂଷଣ ନାୟକ ଓ ସନମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଶ୍ରୀ ଶଶୀଧର ସିଂ, ଶ୍ରୀମତି ଦୀପ୍ତି ନାୟକ, ଜିଲ୍ଲା ବିଜ୍ଞାନ ଶିକ୍ଷକ ଶ୍ରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ, ରାଣୀଭୋଳ, ବାରିପଦାର ଅଦକ୍ଷ୍ୟ ଶ୍ରୀ ବିଭୁତି ଭୂଷଣ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସିନ ଅତିଥିମାନେ ନିଜର ପିଲାଦିନର ସ୍ମୃତି ଚାରଣ କରିବା ସହିତ ପିଲା ମାନଙ୍କର ଭବିଷ୍ୟତ ଉଉରତର କାମନା କରିଥିଲେ। ସମସ୍ତ ଅତିଥିବୃନ୍ଦ ଜଗତର ନାଥ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଥାବା ବେଳେ ଡଇଇ ର ଶିକ୍ଷୟତ୍ରୀ ଜୋତି ଅଳକାନନ୍ଦା ଓ ଶ୍ରୀ ଧର୍ମପଦ ମାଝୀ ଙ୍କ ଓଁକାର ଧୋନି ସହିତ ସଂସ୍କୃତ ବନ୍ଦନା ଗାନ କରିଥିଲେ। ସେହିପରି ରାଣୀଭୋଳ ଡଇଇ ର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଜିଲ୍ଲାରୁ ୨୬ ଗୋଟି ଡଇଇ ରୁ ୧୦୦୦ ଛାତ୍ର ଛାତ୍ରୀ ଓ ୨୦୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ଏହି ବାର୍ଷିକ ଉତ୍ସବ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣ ପ୍ରକାଶ କରିବାର ଏକ ସୁଯୋଗ ସୃଷ୍ଟି କରିଥିଲା। ସର୍ବ ମୋଟ ୧୧ ଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତା ଗୁଡିକ ବରିଷ୍ଟ ଓ କନିଷ୍ଟ ଭାବେ ବିଭାଗ କରାଯାଇଥିଲା। ତର୍କ, ପ୍ରବନ୍ଧ, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପଦ୍ୟ ଆବୃତ୍ତି ଓ ନୃତ୍ୟ ଇତ୍ୟାଦି। କୃତି ଛାତ୍ର ଭାତ୍ରୀ ମାନଙ୍କୁ ପ୍ରତେକ (୨୨ ଟି) ବିଭାଗରୁ ପ୍ରଥମ ତିନି ଜଣଙ୍କୁ ମାନ ପତ୍ର ସହିତ ଉପଢୌକନ ମାନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମ ପିଲାମାନଙ୍କ ମଧରେ ଏକ ଆନନ୍ଦର ଲହରୀ ଖେଳି ଯାଇଥିଲା। ଜଣେ ଛାତ୍ରଙ୍କ ମତରେ ବାର୍ଷିକ ଉତ୍ସବ 'ସ୍ପାର୍କ' ସମସ୍ତ ପିଲା ମାନଙ୍କ ମଧରେ ନିଜର ଅଭିଜ୍ଞନ୍ତା ଓ ବିଦ୍ୟାଳୟର ଅନୁଭୂତି ବିଷୟରେ ଅନ୍ୟ ସହପାଠୀ ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥାଉ ଓ ବିଭିନ୍ନ ଶିକ୍ଷା ଲାଭ କରିଥାଉ। କାର୍ଯ୍ୟକ୍ରମଟି ପବିତ୍ର ମୋହନ ବାରିକ, ଶଶୀଧର ସିଂ, ଦୀପ୍ତି ନାଏକ, ବିଭୁତି ଭୂଷଣ ମଣ୍ଡଳ, ଜ୍ଞାନରଞ୍ଜନ ଆଚାର୍ଯ୍ୟ ଓ ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା।

## ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର କନ୍ଧପାଲି ପଡ଼ାକୁ ଏନକ୍ୱାସ ପ୍ରମାଣପତ୍ର

ବଲାଙ୍ଗିର, ୧୯/୯ (ନି.ପ୍ର): ସହରାଚଂଳ ସ୍ୱାସ୍ଥ୍ୟକେନ୍ଦ୍ର କନ୍ଧପାଲି ପଡ଼ା ବଲାଂଗୀରକୁ ଜାତୀୟ ସ୍ତରରେ (ଜାତୀୟ ଗୁଣ ବତା ନିଶ୍ଚିତତା) ଏନକ୍ୱାସ ମାନକ ପ୍ରମାଣ ପତ୍ର ମିଳିଛି। ଆଜି ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ଡାକ୍ତର ନନ୍ଦକିଶୋର ପାଢ଼ୀ ଷ୍ଟାଫ୍ ସୁମନ ଭାଟି ଜାଗ୍ରତ ପାଣିଗ୍ରାହି, ସଂତୋଷିନି କରଣ, ରାଧାକାନ୍ତ ନାଏକ ଏବଂ ସ୍ୱାସ୍ଥ୍ୟ ମିଶନ ର ଜିଲ୍ଲା ସ୍ତରୀୟ ଡା ଦିବ୍ୟକିଶୋର୍ ପତି ( ଡି ପି ଏଚ ଓ) ମୃତ୍ୟୁଞ୍ଜୟ ମୁଣ୍ଡ ( ଡି ପି ଏମ) ଓ ରାମାନୁଜ ପଣ୍ଡା ( ଏ ପି ଏମ) ଉପସ୍ଥିତ ରହି ଜିଲ୍ଲାପାଳ ଗୌରବ ଶିବାଜି ଏସ୍ୱଲ୍ ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ପୂର୍ବରୁ ୧୯.୦୮.୨୦୨୪ ରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଜାତୀୟ ସ୍ତରର ଏକ ଟିମ ଡ଼ା ଆଶିଷ ଘୋଷ ଦା ତୃପ୍ତି ନନ୍ଦ ନିରୀକ୍ଷକ ଭାବେ ଅସି ୧୨ ପ୍ରକାର ର ସ୍ୱାସ୍ଥ୍ୟ ସେବା ଓ ସ୍ୱଚ୍ଛତା ଆଦି ବିଷୟ ରେ ନିରୀକ୍ଷଣ କରି ୧୦୦ ରୁ ୮୮.୭୫ ମାର୍କ ଦେଇ ଚୟନ କରିଥିଲେ। ସେହି ଆଧାର ରେ ସ୍ୱାସ୍ଥ୍ୟ କେନ୍ଦ୍ର ପୁରସ୍କୃତ ହୋଇଚି। ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ସଂସ୍ଥା ରାଜେନ୍ଦ୍ର ଯୁବକ ସଂଘର ସଂପାଦକ ଜିଲ୍ଲା ରାଜ୍ୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ସମସ୍ତ ଅଧିକାରୀ ଙ୍କୁ କୃତଜ୍ଞତା ଜଣାଇବା ସହ ଭବିଷ୍ୟତ ରେ ଆହୁରି ଆନ୍ତରିକତାର ସହ କାର୍ଯ୍ୟ କରିବା ପାଇଁ କହିଛନ୍ତି।

## ନିର୍ବାଚନ ସଂସ୍କାର...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

(୩୧) ଅପରାଧ ପୃଷ୍ଠଭୂମି ଥିବା କିମ୍ବା ଜଣେ ଅସାମାଜିକ ବ୍ୟକ୍ତି ଭାବରେ ଜଣାଥିବା କୌଣସି ବ୍ୟକ୍ତିଙ୍କୁ ପ୍ରାର୍ଥୀ ନ କରିବାର ବ୍ୟବସ୍ଥା ହେଉ । (୩୨) କୌଣସି ନିର୍ବାଚିତ ସଦସ୍ୟ କୌଣସି ଗୃହରେ ଭୋଟଦାନ କରିବାର ଥିଲେ, ସେ ଗୃହରେ ଯଦି ଅନୁପସ୍ଥିତ ରହନ୍ତି କିମ୍ବା ତାଙ୍କର ଭୋଟ ଯଦି ଭାଜନ ହୁଏ ତାଙ୍କ ସଭ୍ୟପଦ ରଦ୍ଦ କରିବାର ନୀତି ପ୍ରଣୟନ କରାଯାଉ । ଏହା ସହ ତାଙ୍କୁ ଆସନ୍ତା ୬ବର୍ଷ ପାଇଁ କୌଣସି ପଦବୀ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ନିର୍ବାଚନ ପାଇଁ ପ୍ରାର୍ଥୀ ହେବାରୁ ବଞ୍ଚିତ କରାଯାଉ । (୩୩) ନିର୍ବାଚିତ ସଦସ୍ୟ (ଏମଏଲଏ/ ଏମଏଲସି/ଏମପି) ପ୍ରତ୍ୟେକ ମାସର କାର୍ଯ୍ୟ ଓ ଗସ୍ତ ବିବରଣୀ ନିଜ ଗୃହର ଅଧକ୍ଷ/ ବାଚସ୍ପତି/ ସଭାପତିଙ୍କୁ ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ନିଶ୍ଚିତ ପ୍ରଦାନ କରିବେ ଏବଂ ସେହି ଆଧାରରେ ମାସିକ ଭତ୍ତା ପାଇବେ । (୩୪) ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ନିଜ ନିଜର ନିର୍ବାଚନୀ ଇସ୍ତାହାର ଘୋଷଣା କରିବେ ଓ ଯଦି ନିର୍ବାଚିତ ହୁଅନ୍ତି, ପରବର୍ତ୍ତୀ କାଳରେ କୌଣସି ଦଳରେ ଯୋଗଦେଇ ପାରିବେ ନାହିଁ ଓ ସରକାର ଗଠନ ସାହାଯ୍ୟରେ କଲେ ମନ୍ତ୍ରୀ ପଦ ପ୍ରାପ୍ତିରୁ ବଞ୍ଚିତ ହେବାର ବ୍ୟବସ୍ଥା ତିଆରି ହେଉ । (୩୫) ଇଭିଏମରେ ଭୋଟଦାନ ହେଉଥିବାରୁ ଗଣତି ସମୟରେ ପ୍ରତି ୧୦ଟି ଇଭିଏମକୁ ସଂଯୋଗକାରୀ ଯନ୍ତ୍ର (ଟୋଟାଲାଇଜର) ସହିତ ସଂଯୋଗ କରାଯାଇ ଫଳ ପ୍ରକାଶିତ ହେଉ ଏବଂ ତାହାକୁ ୧୦ଟି ଯାନ ଇଭିଏମର ଭିଭିପାଟ୍ ସହିତ ମିଳାଇ ନିର୍ଭୁଲ ଫଳ ପ୍ରକାଶ କରାଯାଉ ।

ଉପରୋକ୍ତ ସଂଚାର ଯଦି ଲାଗୁ କରାଯାଏ, ନିର୍ବାଚନ ନିଶ୍ଚିତ ସ୍ୱଚ୍ଛ, ମୁକ୍ତ, ଅବାଧ ଓ ନିରପେକ୍ଷ ହେବ ।

ବାରାପାଳ, ରୁପସା, ବାଲେଶ୍ୱର
ମୋ: ୯୪୩୮୧୭୭୬୩୪

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଭରତପୁର ଥାନାର କଳା କାହାଣୀ...

ଏଫଆଇଆର ଲେଖିବା ପାଇଁ ରାଜି ହୋଇଥିଲେ। କିନ୍ତୁ ସେଠାରେ କ'ଣ ହେଲା ସେମାନେ ତାଙ୍କୁ କଷ୍ଟଡିରେ ରଖିଲେ। ମୁଁ ସେଠାରେ ପ୍ରତିବାଦ କରିଥିଲି। ଜଣେ ଆର୍ମି ଅଫିସରଙ୍କୁ କଷ୍ଟଡିରେ ରଖିପାରିବ ନାହିଁ, ଏହା ଆଇନ୍ ବିରୋଧୀ ବୋଲି କହିଥିଲେ। ଠିକ୍ ସେତିକି ବେଳେ ଦୁଇ ଜଣ ମହିଳା ପୁଲିସ୍ ଅଫିସର ମୋ' ଚୁଟି ଧରି ମାଡ଼ ମାରିଥିଲେ। ମୁଁ ଯେତେ ପ୍ରତିବାଦ କରିଥିଲେ ସୁଦ୍ଧା ସେମାନେ ଶୁଣି ନଥିଲେ। ସେମାନଙ୍କ ଭିତରୁ ଜଣେ ମହିଳା କନ୍ଷ୍ଟେବଳ ମୋ' ଗଳା ଚିପି ଦେବାକୁ ଉଦ୍ୟମ କରୁଥିଲେ। ସେଥିପାଇଁ ମୁଁ ତା' ହାତକୁ କାମୁଡ଼ି ଦେଇଥିଲି। ତା'ପରେ ସେମାନେ ମୋ' ଜାକେଟ୍‌ରେ ପଛ ପାର୍ଶ୍ୱରେ ହାତକୁ ବାନ୍ଧି ଦେଇଥିଲେ। ଜଣେ କଷ୍ଟେବଳଙ୍କ ସ୍କ୍ରାପ୍‌ରେ ମୋ' ଗୋଡ଼କୁ ବାନ୍ଧି ଦେଇ ଲକ୍‌ଅପ୍‌ରେ ପକାଇ ଦେଇଥିଲେ ବୋଲି ପୀଡ଼ିତା କହିଛନ୍ତି। ପୀଡ଼ିତା କହିଛନ୍ତି, ଲକ୍‌ଅପ୍‌ରେ ରହିବାର କିଛି ସମୟ ପରେ ଜଣେ ପୁରୁଷ ଅଫିସର ଆସିଥିଲେ। ସେ ମୋ ଅନ୍ତବସ୍ତ୍ର ଖୋଲି ମୋ ...କୁ ଗୋଇଠା ପରେ ଗୋଇଠା ମାରି ଚାଲିଥିଲେ। କିଛି ସମୟ ପରେ ଆଇଆଇସି ଆସି ମୋ' ପ୍ୟାଣ୍ଟ ଖସାଇ ଦେଇଥିଲେ। ତା'ପରେ ସେ ନିଜର ଗୁପ୍ତାଙ୍ଗ ଦେଖାଇ କେତେ ଥର ନେଲା ପରେ ଚୁପ୍ ରହିବୁ ବୋଲି କହିଥିଲେ। ସେତେବେଳେ ମୁଁ କେବଳ ବଡ଼ ପାଟିରେ ଚିତ୍କାର କରୁଥିଲି ବୋଲି ପୀଡ଼ିତା କହିଛନ୍ତି।

### ବିପଦ ସଙ୍କେତ ଊର୍ଦ୍ଧ୍ୱରେ...

ସ୍ଥାନରେ ମାଗଣା ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି । ଜିଲ୍ଲାର ମୋଟ ୧୩୦ଟି ଘର ନଷ୍ଟ ହୋଇଛି । ବନ୍ୟା ପ୍ରଭାବିତ ଅଂଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ୬ଟି ଓଡ୍ରାଫ ଟିମ୍, ଗୋଟିଏ ଏନଡିଆରଏଫ ଟିମ୍ ଓ ୧୪ଟି ଅଗ୍ନିଶମ ବାହିନୀ ଟିମକୁ ମୁତୟନ କରାଯାଇଛି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଜଳ ପ୍ରବେଶ କରିବା ଯୋଗୁ ୨୨ଟି ବ୍ଲକର ୧୦୧ଟି ଗାଁ ପ୍ରଭାବିତ ହୋଇଛି । ବାରିପଦା ପୌରାଂଚଳର ୧୧ଟି ୱାର୍ଡରେ ମଧ ବନ୍ୟା ଜଳ ପ୍ରବେଶ କରିଛି । ଜିଲ୍ଲାର ୨୦୩୫ଜଣ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଥିବାବେଳେ ୧୬୦୩ଜଣ ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୪ଟି ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର ଖୋଲାଯାଇ ପ୍ରଭାବିତ ଖାଇବା ଦିଆଯାଉଛି । ୩୩୩ଟି ଘର ଆଂଶିକ ଓ ଗୋଟିଏ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଜିଲ୍ଲାରେ ୩ଟି ଓଡ୍ରାଫ ଟିମ୍ ଓ ୧୨ଟି ଅଗ୍ନିଶମ ସେବା ବାହିନୀ ଟିମକୁ ମୁତୟନ କରାଯାଇଛି । ସେହିପରି କେନ୍ଦୁଝର ଜିଲ୍ଲାର ମୋଟ ୫ଟି ବ୍ଲକ ଯଥା ପାଟଣା, ଚମ୍ପୁଆ, ସାହାଡ଼ପଡ଼ା, ହାଟଡିହି ଓ ହରିଚନ୍ଦନପୁର ବ୍ଲକର ମୋଟ ୨୨ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ୧୧୬୦ଜଣ ଲୋକ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଛନ୍ତି । ୩୫ଟି ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ବ୍ଲକ ଓ ରାଉରକେଲା ମହାନଗର ନିଗମରେ ମୋଟ ୧୫୩ଜଣ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଲୋକଙ୍କୁ ଖାଦ୍ୟପୁଡ଼ିଆ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି ।

### ସେପ୍ଟେମ୍ବର ୨୧ରେ ଶପଥ ଗ୍ରହଣ ...

ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରିଥିଲା। ଆଗାମୀ ମୁଖ୍ୟମନ୍ତ୍ରୀ ଭାବେ ଅତିଶୀଙ୍କ ନାମ ଘୋଷଣା ହେବା ପରେ ସେ କେଜ୍ରିୱାଲ୍‌ଙ୍କୁ ନିଜ ଗୁରୁ ବୋଲି କହିଥିଲେ। ସେ କହିଥିଲେ କି 'ଦିଲ୍ଲୀର ଜଣେ ମାତ୍ର ମୁଖ୍ୟମନ୍ତ୍ରୀ, ସେ ହେଲେ କେଜ୍ରିୱାଲ୍। ସେ ମୋ ଗୁରୁ। ଆଗରୁ ଦିଲ୍ଲୀବାସୀଙ୍କ ପାଇଁ କାମ କରିବି। ଆଗାମୀ ନିର୍ବାଚନରେ କେଜ୍ରିୱାଲ୍‌ଙ୍କୁ ପୁଣି ଶାସନ କ୍ଷମତାକୁ ଆଣିବା ମୋର ଲକ୍ଷ୍ୟ। ଉଲ୍ଲେଖଯୋଗ୍ୟ, ଆସନ୍ତା ଫେବ୍ରୁଆରିରେ ଦିଲ୍ଲୀ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ କେଜ୍ରିୱାଲ ଆଗୁଆ ନିର୍ବାଚନ କରାଇବାକୁ ଦାବି କରୁଛନ୍ତି।

### ପାକିସ୍ତାନର ଏଜେଣ୍ଡା ...

ମୋଦୀ କହିଛନ୍ତି, 'ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୋଲାଖୋଲି ଭାବେ କଂଗ୍ରେସ-ନ୍ୟାସନାଲ କନ୍ଫରେନ୍ସକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଧାରା ୩୭୦ ଏବଂ ୩୫ଏ ସମ୍ବନ୍ଧରେ କଂଗ୍ରେସ ଏବଂ ନ୍ୟାସନାଲ କନ୍ଫରେନ୍ସର ଏଜେଣ୍ଡା ପାକିସ୍ତାନର ଏଜେଣ୍ଡା ସହିତ ସମାନ। ଅର୍ଥାତ୍ କଂଗ୍ରେସ-ନ୍ୟାସନାଲ କନ୍ଫରେନ୍ସର ଏଜେଣ୍ଡା ପାକିସ୍ତାନ ନିଜେ ପ୍ରକାଶ କରିଛି।' ଏହାପୂର୍ବରୁ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାୱାଜା ଆସିଫ୍ କଶ୍ମୀର ବିଷୟରେ କହିଥିଲେ, ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଏବଂ ୩୫ଏ ପୁଣି ଲାଗୁ ପାଇଁ ପାକିସ୍ତାନ ସରକାର ଏବଂ ନ୍ୟାସନାଲ କନଫରେନ୍ସ-କଂଗ୍ରେସ ମେଣ୍ଟ ଏକମତ ଅଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, 'ଜମ୍ମୁକଶ୍ମୀରରେ ପାକିସ୍ତାନର ଏଜେଣ୍ଡା କାର୍ଯ୍ୟକାରୀ କରିବାକୁ ଆମେ ଅନୁମତି ଦେବୁ ନାହିଁ। ଜମ୍ମୁକଶ୍ମୀରରେ ବିଶ୍ୱର କୌଣସି ଶକ୍ତି ଧାରା ୩୭୦ ଫେରାଇ ଆଣିବ ନାହିଁ।' ଆତଙ୍କବାଦୀଙ୍କ ପାଇଁ ଉପଯୁକ୍ତ ଯାହା କଂଗ୍ରେସ ଏବଂ ଏନସି ତାହା କରିଥିଲେ। 'ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଯେହେତୁ ଏଠାରେ ଧାରା ୩୭୦ର କାନ୍ଥ ଭାଙ୍ଗି ଯାଇଛି, ଜମ୍ମୁକଶ୍ମୀରରେ ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦ ଦୁର୍ବଳ ହେବାରେ ଲାଗିଛି। ଜାମ୍ମୁ କାଶ୍ମୀର ସ୍ଥାୟୀ ଶାନ୍ତି ଆଡକୁ ଗତି କରୁଛି।

### ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ସାଂଘାତିକ ...

ଲଗା ଯାଇଥାଏ। ଏହି ମନ୍ଦିରର ପରିଚାଳନା ଭାର ତିରୁମାଳା ତିରୁପତି ଦେବସ୍ଥାନମ ଉପରେ ନ୍ୟସ୍ତ । ମୁଖ୍ୟମନ୍ତ୍ରୀ କହିଛନ୍ତି,ଏବେ କିନ୍ତୁ ତିରୁପତି ଲଡ୍ଡୁ ଶୁଦ୍ଧ ଘିଅରେ ପ୍ରସ୍ତୁତ ହେଉଛି। ଫଳରେ ଏହାର ମାନରେ ପରିବର୍ତ୍ତନ ହୋଇଛି। ଚନ୍ଦ୍ରବାବୁ ନାଇଡୁଙ୍କ ଏପରି ଅଭିଯୋଗରେ କଡ଼ା ପ୍ରତିକ୍ରିୟା ରଖିଛି ୱାଇଏସ୍‌ଆର କଂଗ୍ରେସ। ପାର୍ଟି ନେତା ତଥା ରାଜ୍ୟସଭା ସାଂସଦ ୱାଇବି ରେଡ୍ଡି ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିଯୋଗକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଛନ୍ତି। ଏପରି କରି ମୁଖ୍ୟମନ୍ତ୍ରୀ ମନ୍ଦିରର ପବିତ୍ରତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବା ସେ କହିଛନ୍ତି। କାରଣ ତିରୁମାଳା ପ୍ରସାଦ ଉପରେ ଏପରି ଟିପ୍ପଣୀ ଖୁବ୍ ଅଶୋଭନୀୟ। କୌଣସି ବି ବ୍ୟକ୍ତି ପ୍ରସାଦକୁ ନେଇ ଏପରି ଶବ୍ଦ ପ୍ରୟୋଗ କରିବା କିମ୍ବା ଅଭିଯୋଗ ଉଠାଇବା ଉଚିତ ନୁହେଁ। ଚନ୍ଦ୍ରବାବୁ ନାଇଡୁଙ୍କ କଥା ପ୍ରମାଣିତ କରୁଛି ଯେ, ରାଜନୈତିକ ଲାଭ ନିମନ୍ତେ ସେ କୌଣସି ବି ସ୍ତରକୁ ଖସି ପାରନ୍ତି। ଲୋକଙ୍କ ମନରେ ତିରୁପତିଙ୍କ ପ୍ରତି ଥିବା ଆସ୍ଥାକୁ ପୁନଃ ସ୍ଥାପନ ନିମନ୍ତେ ମୁଁ ନିଜ ପରିବାର ସହ ପହଞ୍ଚି ଭଗବାନଙ୍କ ସମ୍ମୁଖରେଶପଥ ନେବାକୁ ପ୍ରସ୍ତୁତ। ଚନ୍ଦବାବୁ ନାଇଡୁ କ'ଣ ନିଜ ପରିବାର ସହ ଏପରି କରିବାକୁ ପ୍ରସ୍ତୁତ କି ବୋଲି ପ୍ରଶ୍ନ କରିଛନ୍ତି ସାଂସଦ ୱାଇବି ରେଡ୍ଡି ।

### ପ୍ରତିଷ୍ଠା ଦିବସ ପାଳନ...

ବାଲିମେଳା, କାଲିମେଳା, ପାପଲୁର, ଦାମନଯୋଡି, ସାଲୁର ଭଳି ଅନେକ ସ୍ଥାନରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର ଜବତ କରିଛି। କେନ୍ଦ୍ରର ଏନଡିଏ ମିଳିତ ସରକାର ଅପରେସନ 'କଗାର' ନାମରେ ସମ୍ପୂର୍ଣ୍ଣ ସ୍ୱରାଜର ଲଢେଇକୁ ଦମନ କରିବାକୁ ଯୋଜନା କରୁଛି। ନିରୀହ ଲୋକଙ୍କୁ ହତ୍ୟା କରୁଛି। ନଚେତ ମିଛ ମାମଲାରେ ଜେଲରେ ଭର୍ତ୍ତି କରୁଛି। ଏଣୁ ଆନ୍ଧ୍ର-ଓଡିଶା ସ୍ପେଶାଲ ଜୋନାଲ କମିଟି ଆହ୍ୱାନ କରୁଛି ଯେ ମାଓବାଦୀ ପ୍ରତିଷ୍ଠା ଦିବସକୁ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଂଚଳରେ ପାଳନ କରାଯାଉ। ଏହି ସମୟରେ ଦଳିତ, ପୀଡିତ ପଛୁଆବର୍ଗ, ସଂଖ୍ୟାଲଘୁ ଏବଂ ଆଦିବାସୀ ଗୁଇନ୍ଦା ଭାବରେ ବିପ୍ଳବ କରି ମାନୁବାଦି ଶାସନ ବିରୁଦ୍ଧରେ ଲଢେଇ କରିବା ବୋଲି ଆନ୍ଧ୍ର-ଓଡ଼ିଶା ସ୍ପେଶାଲ ଜୋନାଲ କମିଟି ସଚିବ ଗଣେଶ କହିଛନ୍ତି ।

### ଗଣେଶ ବିସର୍ଜନ ...

ଏହି ସମୟରେ ଆସୁଥିବା ଦୁଇ ଯୁବକ ବାଇକ୍ ଧରି ଭିଡ଼ ଭିତରେ ପଶି ଯିବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ବାଇକ ଆରୋହୀ ସହ ମେଢ଼ ସହ ଥିବା ବ୍ୟକ୍ତିଙ୍କ ମଧରେ ବଚସା ହୋଇଥିଲା। ପରେ ଏହି ବଚସା ଉଗ୍ର ରୂପ ନେଇଥିଲା। ଉଭୟ ପକ୍ଷ ମଧରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଖଣ୍ଡା ଓ ଭୁଜାଲିରେ ପରସ୍ପର ପରସ୍ପରକୁ ଆକ୍ରମଣ କରିଥିଲେ। ଉଭୟ ପକ୍ଷର ୨ଜଣ ଯୁବକ ଆହତ ହୋଇଥିଲେ। ପୁଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ଉଭୟ ଗୁରୁତର ଯୁବକଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିବା ଜଣାଯାଇଛି।

GOVT. OF ODISHA
OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, KEONJHAR
AT/PO:MADHAPUR,DISTRICT:KEONJHAR-758001
E-mail.ID:-eeagril.kjr@gmail.com

e-Procurement Notice :Dated19.09.2024
Bid Identification No. EE(AGRIL)Keonjhar Division-02/2024-25

The Executive Engineer (Agril.), Agril.Engg.Division,Keonjhar, Odisha on behalf of the Governor of Odisha, invites percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/buildings in the district of Keonjhar as detailed below:

| Sl. No. | Nos of the work/nature of work for which Tender invited | Approximate Estimated cost put to Tender (Excluding G.S.T)(Rs.lakh) | Cost of Bid Documents (in Rs.) | EMD in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| | Total 02Nos (Two nos) Building works / Civil construction works/ PH Sanitary & Electrical works | Vary from Rs.8.40 lakh to Rs.8.41 lakh | Rs.4000.00 | 1% Of The Amount Put To Tender | C&D With Valid Electrical License | 120Days |

1. Date & Time of availability of bid document in the portal :21.09.2024 at 10.00 AM to 30.09.2024 , 5.30 PM
2. Last date / Time for receipt of bids in the portal :30.09.2024upto 5.30 PM
3. Date of submission of original bid documents in Tender Box :21.09.2024,10.00 AM to 01.10.2024 up to 5.00 PM
4. Date & Time of opening of original Documents, Verification& Online bids– 03.10.2024 at 12.30 PM onwards

The Bidders have to participate in ONLINE bidding only in the e- Procurement website: https://tendersodisha.gov.inwith matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website.Authority reserve the right to reject/accept any or all of the tenders ,increase/decrease the quantities of works without assigning any reasons thereof.

Sd/-
Executive Engineer (Agril.)
Agril. Engg., Division, Keonjhar

OIPR: 01460/11/0002/2425

# ସମାଜସେବୀ ବ୍ରହ୍ମାନନ୍ଦ ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୧୯/୯ (ନି.ପ୍ର): ଜଣେ ସମାଜସେବୀ ତଥା ବହୁ ସାମାଜିକ ସଂଗଠନ ସହ ଜଡ଼ିତଥିବା ଚୌଧୁରୀ ବ୍ରହ୍ମାନନ୍ଦ ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ସନ୍ଧ୍ୟାରେ ତାଙ୍କର ଭାସ୍କରଗଞ୍ଜସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଗୌରାଙ୍ଗ ପାଣିଗ୍ରାହୀ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରି ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଂପାଦକ ଦାମୋଦର ନାୟକ, ମେଡିକାଲ୍ କଲେଜ୍, କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, ଶିକ୍ଷାବିତ୍ ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ପ୍ରଶାନ୍ତ ସାମଲ, ସ୍ୱର୍ଗତ ଦାସଙ୍କ କନ୍ୟା ବନଲତା ଦାସ, ଭବେଶ ପଣ୍ଡା, ପଦ୍ମଲୋଚନ ଦତ୍ତ, ପୁରୁଷୋତ୍ତମ ବେହେରା ପ୍ରମୁଖ ବିଭିନ୍ନ ସାମାଜିକ ସଂଗଠନ ପ୍ରତି ତାଙ୍କର ଅବଦାନକୁ ଅବତାରଣା କରିଥିଲେ। ବାଲେଶ୍ୱରରେ ଏକ ଜରାନିବାସ ପ୍ରତିଷ୍ଠା ପାଇଁ ସ୍ୱର୍ଗତ ଦାସ ଦାନ କରିଥିବା ପ୍ରାୟ ଦୁଇ ଏକର ଜମି ଉପରେ ନିର୍ମାଣାଧିନ ଜରାନିବାସ କାର୍ଯ୍ୟକ୍ଷମ ହୋଇପାରିଲେ ତାଙ୍କ ଆତ୍ମା ଶାନ୍ତି ପାଇବ ବୋଲି ବକ୍ତାମାନେ ମତ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସଂଜୟ କୁମାର ପଣ୍ଡା ଶୋକବାର୍ତ୍ତା ପାଠ କରି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ଅଜୟ ସ୍ୱାଇଁ ପରିବାର ପକ୍ଷରୁ ଉପସ୍ଥିତମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ୧୧ତମ ରେମୁଣା ନବମାତୃକା ପୂଜାର ପ୍ରସ୍ତୁତି ବୈଠକ

ରେମୁଣା/ବାଲେଶ୍ୱର , ୧୯/୯ (ନି.ପ୍ର): ରେମୁଣାରେ ୧୧ତମ ନବମାତୃକା ପୂଜା ପାଇଁ ଆଜି ଅପରାହ୍ନରେ ଖିରଚୋରା ଗୋପୀନାଥ ମନ୍ଦିର ନାଟ୍ୟ ମଣ୍ଡପରେ ରେମୁଣା ନବମାତୃକା ପୂଜା କମିଟିର ପ୍ରସ୍ତୁତି ବୈଠକ ବସିଥିଲା ସଭାପତି ଡ଼ ଭାଗବତ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ। ଆବାହକ ଶିଳ୍ପୀ କେଶୁ ଦାସ ନବମାତୃକା ପୂଜାର ଆଭିମୁଖ୍ୟ ଓ ବିଗତ ବର୍ଷମାନଙ୍କରେ ସଫଳତା ବିଷୟରେ ଆଲୋକପାତ କରିଥିଲେ । ବୈଠକର ସିଦ୍ଧାନ୍ତ ମତେ ଚଳିତ ବର୍ଷ ଖିରଚୋରା ଗୋପୀନାଥ ମନ୍ଦିରର ସମ୍ମିଳନୀ କକ୍ଷରେ ଅକ୍ଟୋବର ୧୨ ତାରିଖ ମହାନବମୀ ୧୧ ଘଟିକାରେ ଜିଲ୍ଲା ସ୍ତରୀୟ ମହିୟସୀ ଓ ଗରିୟସୀ ୬୫ ବର୍ଷରୁ ଉର୍ଦ୍ଧ୍ୱ ପାଠ ମାଆ, ଚାଷୀ ମାଆ, ସଂଗ୍ରାମୀ ମାଆ, ଗଛ ମାଆ, ସେବୀ ମାଆ, କବୀ ମାଆ, ଗୀତ ମାଆ, ନାଚ ମାଆ, କାରିଗରୀ ମାଆ ମାନଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯିବ । ଏହାକୁ ଅଧିକ ସରସ, ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମଧ ସମସ୍ତେ ଆଲୋଚନା କରିଥିଲେ । ଏହି ବୈଠକରେ ଜଳଧର ଦାସ, ପ୍ରଭାକର ସାହୁ, ବୁଧିଆ ଦଳେଇ, ପ୍ରଶାନ୍ତ କୁମାର ମହାପାତ୍ର, ଯୋଗେଶଚନ୍ଦ୍ର ବେହେରା, ଗିରିଶ କୁମାର ଷଡଙ୍ଗୀ, ବିଜୟ କୁମାର ମହାକୁଡ଼, ଇ ବିଜୟ କୁମାର ସେଠୀ, ନରୋତ୍ତମ ଦାସ, ଷ୍ଟାଲିନ ମିଶ୍ର, ସୁବାସିନୀ ଦାସ, ଅଜୟ କୁମାର ନାୟକ, ଦେବାଶିଷ ପତି, ମାନସ କୁମାର ପାଢ଼ୀ ପ୍ରମୁଖ ସଦସ୍ୟ ସଦସ୍ୟା ଯୋଗଦେଇ ନିଜର ସୁଚିନ୍ତିତ ମତାମତ ରଖି ଥିବାବେଳେ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । କମିଟି ତରଫରୁ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ ।



# ଜାତୀୟ ଗ୍ରୀନଟ୍ରିବ୍ୟୁନାଲର ଖଣ୍ଡିଆହୁଡ଼ି ପରିବେଶ ମଞ୍ଜୁରୀ ପରେ ଆତଙ୍କିତ ଅଞ୍ଚଳବାସୀଙ୍କ ଆନ୍ଦୋଳନ ପାଇଁ ସଜବାଜ

ନୀଳଗିରି, ୧୯/୯ (ନି.ପ୍ର): ଜାତୀୟ ଗ୍ରୀନ ଟ୍ରିବୁନାଲ ଖଣ୍ଡିହୁଡ଼ି କୁ ପରିବେଶ ମଞ୍ଜୁରୀ ପ୍ରଦାନ କରିବା ପରେ 'ଖଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ' ତରଫରୁ ୧୮ତାରିଖ ବୁଧବାର ସନ୍ଧ୍ୟାରେ ମିରିଗିଣୀ ଠାରେ ଏକ ବୈଠକରେ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରାଯାଇଛି । ଏଭଳି ନିଷ୍ପତି ପରେ ଉକ୍ତ ହୁଡ଼ିରୁ ପଥର ଉତ୍ତୋଳନ କରାଯିବ। ଏଥିରେ ଉକ୍ତ ହୁଡ଼ି ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଶ୍ୱାସ, କାଶ ଭଳି ବହୁ ମାରାତ୍ମକ ରୋଗର ଶିକାର ହେବେ। ସର୍ବୋପରି ପଥର ବ୍ଲାଷ୍ଟିଙ୍ଗ ହେଲେ ଖଣ୍ଡିଆହୁଡି ପାର୍ଶ୍ୱବର୍ତ୍ତୀ ଗ୍ରାମ ଯଥା - ଶାଳବନ୍ଧ, ଚତୁରୀସାହି, ଧଡାସାହି, ବେତଶୂଳ, ମିରିଗିଣୀ, ପଥୁରିଆ, ଜାଉଁରି, ସିଆଡିମାଳ, ସୀତାପତିପୁର, ଗୋକୁଳପାଣି, କାନପୁର, ନିଶ୍ଚନ୍ତପୁର ଆଦି ଗ୍ରାମ ମାନଙ୍କର ବସବାସ କରୁଥିବା ଲୋକଙ୍କ ବାସଗୃହର ସ୍ଥାୟୀତ୍ୱ ପ୍ରତି ବିପଦ ରହିଛି। ତେଣୁ ରାଜ୍ୟ ତଥା କେନ୍ଦ୍ର ସରକାର ବହୁ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ପରିବେଶ ମଞ୍ଜୁରୀର ପୁନର୍ବିଚାର କରି ମଞ୍ଜୁରୀ ବାତିଲ କରିବାକୁ ଦାବୀ କରାଯାଇଛି। ଅନୁଷ୍ଠିତ ବୈଠକରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ , ପୂର୍ବତନ ନଗରପାଳ କ୍ଷେତ୍ରମୋହନ ସିଂ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ନିଜଗଡ ସମବାୟ ସମିତି ସଭାପତି ରାମଚନ୍ଦ୍ର ଦାସ, ଯୁବ ସମାଜସେବୀ ଶରତ ଦାସ ସମେତ ବହୁ ଅଞ୍ଚଳବାସୀ ଏହି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ଏତି ମଧ୍ୟରେ ନୀଳଗିରି ଏନଏସି ନିବାସୀ ତଥା ପୂର୍ବତନ କାଉନସିଲର ଶିଶିର ରାଉତ ଘଟଣା ସ୍ଥଳରେ ପହଞ୍ଚି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କୁ ଧମକ ଦେଇଥିବା ନେଇ ସୁକାନ୍ତ ନାୟକ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି।

# ରିଲିଜ ହେଲା ଦେବ୍ ଓ ଅସୀମାଙ୍କ 'ଦିଲ୍ ସାରାରା ରା'

ଭୁବନେଶ୍ୱର, ୧୯/୯ (ନି.ପ୍ର): ରଙ୍ଗୋଲି ଓଡ଼ିଆ ବ୍ୟାନର ବାବୁ ବାବୁ ଙ୍କ ନିର୍ଦ୍ଦେଶନାରେ ରେ ରିଲିଜ ହେଲା ମିୟୁଜିକ୍ ଭିଡିଓ 'ଦିଲ ସାରାରା ରା' ରିଲିଜ ସମୟରେ ମୁଖ୍ୟ ଅତିଥି ଭାବେ ପ୍ରଯୋଜକ ପ୍ରଣୟ ଜେଠୀ ଓ ସମାଜସେବୀ ବୁଲନ୍ ଭାଇ ପ୍ରଯୋଜକ, ନିର୍ଦ୍ଦେଶକ ଓ କଳାକାର ମାନେ ଉପସ୍ଥିତ ରହି ସିଡି ଉନ୍ମୋଚନ କରିଥିଲେ । ଏହି ମିୟୁଜିକ୍ ଭିଡିଓ ରେ ଟିଭି ସିରୀୟଲ ର ଚର୍ଚ୍ଚିତ ଯୋଡ଼ି ଅଭିନେତା ଦେବ ଓ ଅଭିନେତ୍ରୀ ଆସିମା ଙ୍କ ଚାମତ୍କାର ଅଭିନୟ




ଦେଖିବାକୁ ମିଳିଛି। ଏହି ମୀୟୁଜିକ ଭିଡିଓ ଟିର ସୁଧାଂଶୁ ଶେଖର ପ୍ରଯୋଜକ ଥିଲା ବେଳେ,ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ ।କୋରିଓଗ୍ରାଫି କରିଛନ୍ତି ଡି ଦୀପକ୍ । ରୁଦ୍ରପ୍ରସାଦ ନାୟକ ଏହି ଗୀତରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ , କଣ୍ଠଦାନ କରିଛନ୍ତି ହିୟୁମାନ ସାଗର ଓ ଶୀତଲ୍ କବି ଗୀତ ଟିକୁ ଲେଖିଛନ୍ତି ସୈମ୍ୟ ରଞ୍ଜନ ବଳ । ଏହି ରୋମାଣ୍ଟିକ ମ୍ୟୁୟୁଜିକ୍ ଭିଡିଓ ଟି ଓଡ଼ିଶାର ବିଭିନ୍ନ ସୁନ୍ଦର ସୁନ୍ଦର ପର୍ଯ୍ୟଟନ ସ୍ଥଳୀରେ ସୁଟିଂ ହୋଇଛି । ରଙ୍ଗୋଲି ଓଡ଼ିଆ ବ୍ୟାନର ରେ ଆଗରୁ ଅନେକ ଭଲ ଭଲ ଭିଡିଓ ଗୁଡ଼ିକ ଟ୍ରେଣ୍ଡ ରେ ଥିଲା ବେଳେ ଏହି 'ଦିଲ୍ ସାରାରା ରା' ମିୟୁଜିକ ଭିଡିଓ ଟି ନିଶ୍ଚୟ ଦର୍ଶକଙ୍କ ହୃଦୟକୁ ଛୁଇଁ ବୋଲି କହିଛନ୍ତି ନିର୍ଦ୍ଦେଶକ ବାବୁ ବାବୁ ।

## କୋଲକାତାରେ ଡାକ୍ତର ଓ ସରକାରଙ୍କ ବୈଠକ ବିଫଳ

କୋଲକାତା, ୧୯/୯ (ନି.ପ୍ର): ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜୁନିୟର ଡାକ୍ତରଙ୍କ ମଧ୍ୟରେ ଦୀର୍ଘ ସମୟରୁ ଜାରି ଗତିରୋଧର ସମାଧାନ ବାହାରିପାରୁନି । ବୁଧବାର ରାତି ଗୋଟିଏ ଯାଏ ନବାନ୍ନରେ ଦୀର୍ଘ ସମୟ ଧରି ଚାଲିଥିବା ବୈଠକ ପରେ ବି ଡାକ୍ତରଙ୍କ ବିକ୍ଷୋଭ ଶେଷ ହେବାର କୌଣସି ଆଶା ଦେଖାଦେଇନି । ସେମାନଙ୍କର ସମସ୍ତ ଦାବି ଉପରେ କେବଳ ମୌଖିକ ସହମତି ମିଳିଥିବା ଡାକ୍ତରମାନେ କହିଛନ୍ତି । ଏବେ ସୁଦ୍ଧା କୌଣସି ଲିଖିତ ଆଶ୍ୱାସନ ମିଳିନାହିଁ । ଯାହାକୁ ନେଇ ସେମାନେ ନିରାଶ ଅଛନ୍ତି । ବୈଠକ ପରେ ସ୍ୱାସ୍ଥ୍ୟ ଭବନ ବାହାରେ ସାମ୍ବାଦିକଙ୍କୁ ଡାକ୍ତରମାନେ କହିଛନ୍ତି ଯେ, ଆମର ସମସ୍ତ ଦାବି ଉପରେ ମୁଖ୍ୟ ସଚିବ ସହମତି ପ୍ରକାଶ କରିଛନ୍ତି, କିନ୍ତୁ ସେ ବୈଠକର କାର୍ଯ୍ୟବୃତ ଉପରେ ହସ୍ତାକ୍ଷର କରିବାକୁ ପ୍ରସ୍ତୁତ ନାହାନ୍ତି । କିଛି ଦିନରେ ନିର୍ଦ୍ଦେଶ ଜାରି କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ହାଓ୍ୱଡା- ଗୋଦାମ ଛାତ ଭୁଶୁଡି ୪ ଶ୍ରମିକଙ୍କ ମୃତ୍ୟୁ : ଉଦ୍ଧାର କାର୍ଯ୍ୟ ଜାରି

କୋଲକାତା, ୧୯/୯ (ନି.ପ୍ର): ହାଓ୍ୱଡାର ଘୁସୁଡୀ ଅଂଚଳରେ ଗୁରୁବାର ସକାଳେ ଗୋଟିଏ ଗୋଦାମର ଛାତ ଭୁଶୁଡି ପଡିବାରୁ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଶ୍ରମିକମାନେ ରାତିରେ ଗୋଦାମରେ ଶୋଇଥିଲେ। ମୃତକଙ୍କ ପରିଚୟ ମୁରଲୀ ରାମ, ଭୋଲା ଯାଦବ, ପିଣ୍ଟୁରାମ ଏବଂ ରାଜୁ ମହତୋ ବୋଲି ଜଣାପଡିଛି। ଗୁରୁବାର ସକାଳେ ଘୁସୁଡୀର ଜେଏନ ମୁଖାର୍ଜୀ ରୋଡରେ ଅବସ୍ଥିତ କପଡା ଗୋଦାମ ଛାତର ଏକ ଅଂଶ ହଠାତ ଭୁଶୁଡି ପଡିଥିଲା। ସ୍ଥାନୀୟ ଲୋକ ଦୁର୍ଘଟଣାର ସୁଚନା ଦେବା ପରେ ପୋଲିସ ଏବଂ ଦମକଳ ବାହିନୀର ଅଧିକାରୀ ଘଟଣାସ୍ଥଳରେ ପହଁଂଚିଥିଲେ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁତର ଆହତ ଶ୍ରମିକଙ୍କୁ ଅବଶେଷ ତଳୁ ବାହାର କରି ହାଓ୍ୱଡା ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ତିନିଜଣ ଶ୍ରମିକଙ୍କ ଶବକୁ ମାଟି ତଳୁ ବାହାର କରାଯାଇଛି।

# ତିହିଡ଼ି କାଳୀ ପଡ଼ିଆରେ ବିଷ୍ଣୁ ସେଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ

## ନିଜ ମାଟି ପାଇଁ ସମର୍ପିତ ପୁରୁଷ ବିଷ୍ଣୁ ସେଠୀ: ମୁଖ୍ୟମନ୍ତ୍ରୀ

ଭଦ୍ରକ, ୧୯/୯ (ନି.ପ୍ର): ଦିବଂଗତ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ଜନ୍ମମାଟି ତିହିଡ଼ିର କାଳୀ ପଡ଼ିଆରେ ତାଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଏହି ସ୍ମୃତି ଚାରଣ ସଭାରେ ଯୋଗଦେଇ ସେ କିପରି ଜଣେ ବଳିଷ୍ଠ ସାରସ୍ୱତ ସାଧକ ସହିତ ଦକ୍ଷ ରାଷ୍ଟ୍ରବାଦୀ ସମାଜସେବକ ଥିଲେ ପ୍ରକାଶ କରିଥିଲେ । ଦୁଇଜଣ ଯାକ ଦୁଇ ଦୁଇ ଥର ଏକ ସଙ୍ଗେ ବିଧାୟକ ଥିବା ସମୟରେ ସମୃଦ୍ଧ ଓଡ଼ିଶା ଗଠନର ପରିକଳ୍ପନା ନେଇ ଦୁଇଜଣଙ୍କ ମଧ୍ୟରେ ହୋଇଥିବା ଆଲୋଚନା, ପ୍ରସ୍ତାବନା, ପରାମର୍ଶ , ଯୋଜନା ଆଦି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ସ୍ମୃତିଚାରଣ କରିଥିଲେ । ଭଦ୍ରକ ମାଟିର ନିଆରା ଲୋକକଳା ମୋଗଲ ତାମସାକୁ ଲୋକଲୋଚନକୁ ଆଣିବା, ଭଦ୍ରକ ମାଟିର କାଳଜୟୀ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସୃଷ୍ଟି "ବନ୍ଦେ



ଉତ୍କଳ ଜନନୀ" କୁ ରାଜ୍ୟ ସଂଗୀତ ମାନ୍ୟତା ପାଇଁ ତାଙ୍କର ଦୀର୍ଘ ଦିନର ଦାବି ପୂରଣ ହେବା ଆଦି ଘଟଣାର ମଧ ସେ ଅବତାରଣା କରିଥିଲେ । ବିଷ୍ଣୁ ସେଠୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବି.ଜେ.ପି.ର ଓଡ଼ିଶା ପ୍ରଦେଶ ପ୍ରଭାରୀ ବିଜୟ ପାଲ ତୋମାର ସିଂ, ରାଜ୍ୟ ସଭାପତି ମନମୋହନ ସାମଲ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଜନ ଜୀବନ ସହିତ ଆତ୍ମୀୟତା ନିଭାଇବାରେ ବିଷ୍ଣୁ ସେଠୀ କିପରି ସଫଳ ପୁରୁଷ ଥିଲେ, ସେ ଏକାଧାରରେ କିପରି ଜଣେ କବି, ଗାୟକ, ସୁବକ୍ତା, ବିଚକ୍ଷଣ ରାଜନୀତିଜ୍ଞ, ସଂଗଠକ, ସମାଜ ସେବୀ ଜନନାୟକ ଥିଲେ ଆବର୍ତ୍ତମାନରେ ତାଙ୍କ ଗୁଣାବଳୀର ସ୍ମୃତି ଚାରଣ କରି ବିଷ୍ଣୁ ପଥରେ ପଥିକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅତିଥିମାନଙ୍କ ଗହଣରେ ବିଷ୍ଣୁ ସେଠୀଙ୍କ ଧର୍ମପତ୍ନୀ ଉର୍ମିଳା ପାଣିଗ୍ରାହୀ ଓ ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସଙ୍କ ଉପସ୍ଥିତିରେ ସ୍ୱର୍ଗତ ସେଠୀଙ୍କ କୃତି "ନଈପାଣି ନଈ କି ଯାଆ" ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଭଦ୍ରକ ମାଟିର କିଶୋରୀ ଚିତ୍ରଶିଳ୍ପୀ ପ୍ରତିଭା ସ୍ନେହା ଦାସ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଛବିର ପଟ୍ଟ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ । ସେହିପରି ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଦ୍ୱାରା ସଂକଳିତ "କବିତାରେ କବିତାରେ କବି ବିଷ୍ଣୁ ସେଠୀ" ପୁସ୍ତକର ମଧ ଲୋକାର୍ପଣ କରାଯାଇଥିଲା। ଉଦ୍‌ଘୋଷକ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ । ସ୍ୱ ସେଠୀଙ୍କ ସୁଯୋଗ୍ୟ ସନ୍ତାନ ରାଜ୍ୟ ସରକାରଙ୍କର ଉଚ୍ଚ ଶିକ୍ଷା, ଯୁବସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଆୟୋଜନ ଓ ପରିଚାଳନା କରାଯାଇଥିଲା ଓ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ । ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଅନ୍ୟ ଜନପ୍ରତିନିଧି, ବହୁ ସଂଖ୍ୟାରେ ସାହିତ୍ୟିକ, ସମ୍ବାଦିକ, ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଜବତ



ଜଳେଶ୍ୱର, ୧୯/୯ (ନି.ପ୍ର): ପୋଲିସ ହାତରେ ବ୍ରାଉନ ସୁଗାର ବେପାରୀ ପ୍ରାୟ ୨୮୫ଗ୍ରାମ ବ୍ରାଉନ ସୁଗାର ଜବତ କରିଛି ପୋଲିସ । ଜବତ ବ୍ରାଉନ ସୁଗର ର ମୂଲ୍ୟ ପ୍ରାୟ ୨୮ଲକ୍ଷ ପଚାଶ ହଜାର ଟଙ୍କା ହୋଇଥିବା ସୂଚନା। ଏହି ବ୍ୟକ୍ତି ର ଘର ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଅଞ୍ଚଳ ରେ ଯାହାର ବୟସ ୨୮ ବର୍ଷ। ଆଜି ଭୋର୍ ସମୟ ରେ ଜଳେଶ୍ୱର ପୋଲିସ କୌଣସି ସୂତ୍ର ରୁ ସୂଚନା ପାଇ ପଶ୍ଚମବଙ୍ଗରୁ ଓଡ଼ିଶା ଆସୁଥିବା ସମୟରେ ଅଗରୱାଲା ଛକ ନାକା ଠାରେ ମାଡ଼ି ବସିଲା ପୋଲିସ । ଏହି ବ୍ୟକ୍ତି ପାଖରୁ ନଗଦ ୮୮୦ ଟଙ୍କା ସହିତ ଗୋଟିଏ ହୋଣ୍ଡା ସ୍କୁଟି ଊଜ-୨୬-ଉଟ-୪୧୨୩)ସହ ଗୋଟିଏ ଠସଙ୍ଗଙ୍କୁ କମ୍ପାନୀ ରସ୍ମାର୍ଟ ମୋବାଇଲ, ଏକ ବସ୍ତଙ୍କ ମବକ୍ୱୟ ଜବତ କରିଛି ପୋଲିସ। ଏ ନେଇ ଜଳେଶ୍ୱର ଥାନା ରେ ୪୬୮/୨୪ ରେ ମାମଲା ରୁଜୁ ହୋଇଛି ।ପ୍ରେସମିଟ ରେ ସୂଚନା ଦେଲେ ଜଳେଶ୍ୱର ଏସଡିପିଓ ଦିଲ୍ଲିପ ସାହୁ। ଏହି ଖବରଦାତା ସମ୍ମିଳନୀ ରେ ଉପସ୍ଥିତ ଥିଲେ ଜଳେଶ୍ୱର ଆଇ ଆଇସି ରଞ୍ଜନ କୁମାର୍ ସେଠୀ ।

# ସୁବର୍ଣ୍ଣ ରେଖା ନଦୀର ଜଳ ସ୍ତର ହ୍ରାସ ସତ୍ତ୍ୱେ କମୁନି ଲୋକଙ୍କ ଦୁର୍ଦ୍ଦଶା

ଲଙ୍ଗଳେଶ୍ୱର , ୧୯/୯ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଜଳସ୍ତର ଗୁରୁବାର କମିବା ସତ୍ତ୍ୱେ କମୁନି ଲୋକଙ୍କ ଦୁର୍ଦ୍ଦଶା। ଏବେ ବି ପାଣି ଘେରରେ ବ୍ଲକର ୧୦ ରୁ ଅଧିକ ପଞ୍ଚାୟତ ।ଅନେକ ସ୍ଥାନକୁ ଏବେବି ପହଞ୍ଚି ପାରିନି ପ୍ରଶାସନ । ଆଜି ରାଜଘାଟ ଠାରେ ନଦୀର ଜଳ ସ୍ତର ବିପଦ ସଂକେତ ର ସାମାନ୍ୟ ପ୍ରବାହିତ ହେଉଛି ।ସେଠାରେ ବିପଦ ସଙ୍କେତ ୧୦.୩୬ ମିଟର ଥିଲା ବେଳେ ଜଳସ୍ତର କ୍ରମାଗତ ଭାବେ କମିବାକୁ ଲାଗିଛି ।ତେବେ ରାଜଘାଟ ଠାରେ ଜଳସ୍ତର କମୁଥିଲେ ବି ବାଲିଆପାଳ ର ତଳିଆ ଅଞ୍ଚଳରେ ବନ୍ୟା ପାଣି ଜମି ରହିଛି। ବ୍ଲକର ୧୦ଟି ପଞ୍ଚାୟତ ବାଲିଆପାଳ, ମଧୁପୁରା, ଅସ୍ତି, ଜାମକୁଣ୍ଡା, ବିଷ୍ଣୁପୁର, କୁମ୍ଭାରୀ, ନିଖିରା, ଘଣ୍ଟୁଆ, ଦେଭୋଗ ଓ ଭୋଗରାଇ ବ୍ଲକର ୧୦ ରୁ ଅଧିକ ପଞ୍ଚାୟତ ପ୍ରଭାବିତ ହୋଇଛି । ବିଶେଷ କରି ବାଲିଆପାଳ ବ୍ଲକର ୧୦ଟି ପଞ୍ଚାୟତର ୪୧ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ଆଜି ବି ଅନେକ ଗ୍ରାମ ଏବେ ବି




ପାଣି ଘେରରେ ରହିଛି। ସେଗୁଡିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି । ହଜାର ହଜାର ହେକ୍ଟର ଚାଷଜମିରେ ୩ ଫୁଟ ଉଚ୍ଚର ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି । ଘର ଭିତରେ ଆଣ୍ଠୁଏ ଉଚ୍ଚର ପାଣି , କେଉଁଠି ଲୋକମାନେ ଘର ଛାତ ଉପରେ ଆଶ୍ରୟ ନେଉଛନ୍ତି ତ ଆଉ କେଉଁଠି ରାସ୍ତା ଉପରେ ଆଶ୍ରୟ ନେଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ସ୍ଥାନକୁ ରିଲିଫ ସାମଗ୍ରୀ, ଶୁଖିଲା ଖାଦ୍ୟ, ରନ୍ଧନ ଖାଦ୍ୟ କିମ୍ବା ପିଇବା ପାଣି ପହଞ୍ଚି ପାରି ନାହିଁ ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ଖୁବ୍ ଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ବନ୍ୟା ପୀଡିତ ଲୋକମାନେ । ଅନ୍ୟପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଇ ଆଶ୍ରୟ ସ୍ଥଳୀରେ ରଖାଯିବା ସହ ଆଜି ୮ ଶହ ରୁ ଅଧିକ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବା ସହ ଟେଙ୍କର ସାହାଯ୍ୟରେ ପିଇବା ପାଣି ଯୋଗାଇ ଦିଆଯାଇଛି । ଏନ ଡି ଆର ଏଫ, ଓ ଡି ଆର ଏଫ, ଅଗ୍ନିଶମ ବାହିନୀ, ଓଡ଼ିଶା ସ୍ପେଶାଲ ରିଲିଫ ଟିମ ନିୟୋଜିତ ରହି ବୋର୍ଟ ମାଧ୍ୟମରେ ବନ୍ୟା ଘେରରେ ଥିବା ଲୋକମାନଙ୍କୁ ଯାତାୟତରେ ସୁବ୍ୟବସ୍ଥା କରୁଥିବା କଥା ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି । ପ୍ରାଣୀ ଚିକିତ୍ସା ବିଭାଗ ଗାଁ ଗାଁ ବୁଲି ଗୃହପାଳିତ ପଶୁମାନଙ୍କୁ ଟିକାଦେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ କେବେ ବନ୍ୟା ଘେରରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କର ସମସ୍ତ ସୁବ୍ୟବସ୍ଥା କରୁ ଛନ୍ତି ଦେଖିବାକୁ ବାକି ରହିଲା।

# ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୯/୯ (ନି.ପ୍ର): ଆସନ୍ତା ତା ୨୩ ତାରିଖ (ସୋମବାର) ଦିବା ୧୧ ଘଟିକା ସମୟରୁ ୟୁନିଟ-୫, ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ୧୯ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହୋଇଛି ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପରେ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ।

# ଲକ୍ଷ୍ମୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା




ବାଲେଶ୍ୱର, ୧୯/୯ (ନି.ପ୍ର): ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ସାଧାରଣ ସଂପାଦକ ତଥା ରାଜ୍ୟ କମିଟିର ଉପସଭାପତି, ବରିଷ୍ଠ ସାମ୍ବାଦିକ, ସ ମାଜସେବୀ ସ୍ୱର୍ଗତ ଲକ୍ଷ୍ମୀଧର ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ମଞ୍ଚର ନିଜସ୍ୱ କାର୍ଯ୍ୟାଳୟରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ଦାମୋଦର ନାୟକଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ଗିରୀଶ ଚନ୍ଦ୍ର ଦାଶ, ଅନ୍ତର୍ଯ୍ୟାମୀ ପ୍ରଧାନ, ସୀତାରାମ ପ୍ରଧାନ, ନିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ତ୍ରିପାଠୀ, କମଳାକାନ୍ତ ବେହେରା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଶତୃଘ୍ନ ମଲ୍ଲିକ, ଡ. ପଦ୍ମଲୋଚନ ପାତ୍ର, ଡ. କ୍ଷିତୀଶ୍ୱର ଦାଶ, ଶରତ କୁମାର ବିଶ୍ୱାଳ, ବୀରେନ୍ଦ୍ର କୁମାର ନାୟକ, ରମେଶ ଚନ୍ଦ୍ର ଜେନା, ବେଣୁଧର ସାହୁ, ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ବହୁମୁଖି ପ୍ରତିଭାର ସ୍ମୃତିଚାରଣ କରି ତାଙ୍କର ସାଂଗଠନିକ ଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ। ସେ ସମାଜପାଇଁ ଏକ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଥିଲେ ବୋଲି ବକ୍ତାମାନେ ମତପ୍ରଦାନ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପପ୍ରଦାନ କରି ଶ୍ରଦ୍ଧା ଓ ସମ୍ମାନ ଜଣାଇଥିଲେ। ମଞ୍ଚର ଅନ୍ୟତମ ବରିଷ୍ଠ ସଦସ୍ୟ ସ୍ୱର୍ଗତ ବ୍ରହ୍ମାନନ୍ଦ ଦାସଙ୍କ ଦ୍ୱାଦଶାହରେ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧା ନିବେଦନ କରାଯାଇଥିଲା। ଦୁଇ ଦିବଂଗତ ବନ୍ଧୁଙ୍କର ସ୍ୱପ୍ନକୁ ସାକାର କରିବାପାଇଁ ବାଲେଶ୍ୱରରେ ଏକ ଜରାନିବାସ ପ୍ରତିଷ୍ଠା ନିମିତ୍ତ ଉଦ୍ୟମ କରାଯିବ ବୋଲି ମଞ୍ଚ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭାରେ ନିଷ୍ପତ୍ତି ନିଆଯାଇଛି। ଯଶୋଦାନନ୍ଦନ ଆଶ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭଗବାନ ମହାକାଳଙ୍କ ଦର୍ଶନ କରି ପୂଜନ-ଅଭିଷେକ କଲେ ରାଷ୍ଟ୍ରପତି ମୁର୍ମୁ

ଉଜ୍ଜୟିନୀ, ୧୯/୯ (ନି.ପ୍ର): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟପ୍ରଦେଶକୁ ଦୁଇଦିବସୀୟ ଗସ୍ତର ଦ୍ୱିତୀୟ ଦିନ ଗୁରୁବାର ଉଜ୍ଜୟିନୀରେ ଜ୍ୟୋତିର୍ଲିଙ୍ଗ ଭଗବାନ ମହାକାଳେଶ୍ୱର ମନ୍ଦିରର ଗର୍ଭଗୃହରେ ଦର୍ଶନ କରି ପୂଜନ ଅଭିଷେକ କରିଛନ୍ତି । ଏହାପରେ ସେ ନନ୍ଦୀ ହଲରେ ବସି ଧ୍ୟାନ ବି କରିଛନ୍ତି । ରାଷ୍ଟ୍ରପତିଙ୍କ ଆଗମନ ପାଇଁ ମହାକାଳ ମନ୍ଦିରର ବିଶେଷ ସାଜସଜ୍ଜା କରାଯାଇଥିଲା । ଉଜ୍ଜୟିନୀରେ ଝାଞ୍ଜ ଓ ଡମରୁ ଧ୍ୱନିରେ ତାଙ୍କ ସ୍ୱାଗତ କରାଯାଇଥିଲା । ଏହାପୂର୍ବରୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ ମଙ୍ଗୁଭାଇ ପଟେଲ ଓ ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବ ମହାକାଳ ମନ୍ଦିରରେ ଝାଡୁ ମାରି ସଫେଇ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo